# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ବିମାନରେ ଅସୁସ୍ଥ ହେଲେ ମୟଙ୍କ

▶କ୍ରୀଡ଼ା ପୃଷ୍ଠାରେ...




### ୩୦ ଘଣ୍ଟାର ଲୁଚକାଳି ଖେଳ ଶେଷ; ଆଜି ଇଡିରେ ହାଜର ହେବେ ହେମନ୍ତ

# କଳ୍ପନା ସୋରେନ୍ ଝାଡ଼ଖଣ୍ଡର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ !

**ରାଞ୍ଚି,୩୦।୧(ଏଜେନ୍ସି)**



- ରାଞ୍ଚିରେ ବିଧାୟକଙ୍କ ସହ ବୈଠକ କଲେ ସୋରେନ୍
- ହେମନ୍ତଙ୍କ ଗିରଫ ହେବା ବିଷୟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋରଦାର୍

ଦୀର୍ଘ ୩୦ ଘଣ୍ଟାର ଲୁଚକାଳି ଖେଳ ପରେ ମଙ୍ଗଳବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସାମ୍ନାକୁ ଆସିଛନ୍ତି। ଜମି ଦୁର୍ନୀତି ଏବଂ ଅର୍ଥ ହେରଫେର ମାମଲାରେ ଗତକାଲି ଇଡି ହେମନ୍ତଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚି ତାଙ୍କୁ ଖୋଜିଥିଲା। କିନ୍ତୁ ହେମନ୍ତଙ୍କ ଖୋଜଖବର ମିଳି ନଥିଲା। ହେମନ୍ତ ଏକ ଘରୋଇ ବିମାନରେ ରାଞ୍ଚିରୁ ଦିଲ୍ଲୀ ଯାଇଥିଲା ବେଳେ ସେହି ବିମାନରେ ରାଞ୍ଚି ପଳାଇ ଯିବାକୁ ଉଦ୍ୟମ କରିଥିବେ ଆକଳନ କରି ଇଡି ଅଧିକାରୀମାନେ ବିମାନ ବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ହେମନ୍ତଙ୍କ ବିମାନ ଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନଥିଲା। ଏହାପରେ ଇଡି ହେମନ୍ତଙ୍କ ବାସଭବନରେ ଚଢଉ କରି ନଗଦ ୩୦ ଲକ୍ଷ ଟଙ୍କା ସମେତ ଦୁଇଟି ଦାମୀ ଗାଡି ଜବତ କରିଥିଲା। ଏହାସତ୍ତ୍ୱେ ହେମନ୍ତଙ୍କ ସମ୍ପର୍କରେ କିଛି ସୂଚନା ମିଳି ନଥିଲା। କିନ୍ତୁ ହେମନ୍ତ ରାତାରାତି ସଡ଼କ ପଥରେ ରାଞ୍ଚି ପଳାଇ ଆସିଥିବା କୁହାଯାଇଥିଲା ବେଳେ ମଙ୍ଗଳବାର ଅପରାହ୍ନରେ ରାଞ୍ଚିସ୍ଥିତ ତାଙ୍କ ବାସଭବନରେ ବିଧାୟକ ଦଳ ବୈଠକ ଡାକି ରାଜ୍ୟର ସାଂପ୍ରତିକ ସ୍ଥିତି ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଜାଣିଶୁଣି ଝାଡ଼ଖଣ୍ଡରେ ଅସ୍ଥିରତା ସୃଷ୍ଟି କରି ଏଠାରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ମସୁଧା କରୁଛନ୍ତି ବୋଲି ହେମନ୍ତ ବିଧାୟକମାନଙ୍କୁ କହିଥିଲେ। ସେ ବୁଧବାର ଇଡି ନିକଟରେ ହାଜର ହେବେ ବୋଲି ଇ-ମେଲ ଜରିଆରେ ଜଣାଇଥିଲେ ମଧ୍ୟ ଇଡି ଅଧିକାରୀମାନେ କାହିଁକି ତାଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚିଥିଲେ ବୋଲି ପ୍ରଶ୍ନ କରିଥିଲେ। ତେବେ ଆସନ୍ତାକାଲି ସେ ରାଞ୍ଚିସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। କିନ୍ତୁ ଏହି ସମୟରେ ଇଡି ହେମନ୍ତଙ୍କୁ ଗିରଫ କରିବାର ସମ୍ଭାବନାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହାକୁ ମଧ୍ୟ ହେମନ୍ତ ନିଜେ ଅନୁଭବ କରିଥିବା କୁହାଯାଉଛି। ତେଣୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ସେ ସମ୍ପର୍କରେ ହେମନ୍ତ ନିଜ ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହ ହୋଇଥିବା ବୈଠକରେ ପ୍ରଥମଥର ପାଇଁ ତାଙ୍କ ପତ୍ନୀ କଳ୍ପନା ସୋରେନଙ୍କୁ ଦେଖାଯାଇଥିଲା ବେଳେ କଳ୍ପନା ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କୁହାଯାଉଛି। ସେ ଜଣେ ଓଡ଼ିଆ ଝିଅ। କିନ୍ତୁ କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ବିଷୟକୁ ଜେଏମ୍‌ଏମ୍ ଏବଂ କଂଗ୍ରେସର କିଛି ବିଧାୟକ ବିରୋଧ କରୁଥିବା କୁହାଯାଉଛି। ତେବେ ଆସନ୍ତାକାଲି ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ଆକଳନ କରାଯାଇଛି।

## ତେଜସ୍ୱୀଙ୍କୁ ଇଡିର ୮ ଘଣ୍ଟା ଜେରା



ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଗତକାଲି ୧୦ ଘଣ୍ଟା ଜେରା କରାଯାଇଥିଲା। ଏହାର ଦିନକ ପରେ ଲାଲୁଙ୍କ ପୁଅ ତଥା ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଇଡି ୮ ଘଣ୍ଟା ଜେରା କରିଛି। ତେଜସ୍ୱୀଙ୍କୁ ହାଜର ହେବାକୁ ଗତ ୨୮ ତାରିଖରେ ସମନ କରାଯାଇଥିଲା। ସେହି ଅନୁସାରେ ସେ ମଙ୍ଗଳବାର ଦିନ ପ୍ରାୟ ୧୧ଟା ବେଳେ ପାଟନାସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତାଙ୍କ ନାମରେ ଅନେକ ବେଆଇନ ସମ୍ପତ୍ତି ରହିଥିବା ଦର୍ଶାଇ ଇଡିର ଏକ ୧୨ ଜଣିଆ ଟିମ୍ ତେଜସ୍ୱୀଙ୍କୁ ଜେରା କରିଛି। ଏହି ଦୁର୍ନୀତି ମାମଲାରେ ଇଡି ତେଜସ୍ୱୀଙ୍କ ସମେତ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ବିରୋଧରେ ଦିଲ୍ଲୀ ରାଉଜ୍ ଆଭେନ୍ୟୁ କୋର୍ଟରେ ଚାର୍ଜସିଟ୍ ମଧ୍ୟ ଦାଖଲ କରିଛି। ଆସନ୍ତା ମାସ ୯ ତାରିଖରେ ଏହି ମାମଲାର ଶୁଣାଣି ହେବ।

### ● ଆଜି ଠାରୁ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ

## ୧୪୬ ସାଂସଦଙ୍କ ଉପରୁ ହଟିବ ନିଲମ୍ବନ ଆଦେଶ

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ବୁଧବାର ଠାରୁ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ତେବେ ଏହାପୂର୍ବରୁ ଉଭୟ ଗୃହରୁ ନିଲମ୍ବିତ ହୋଇଥିବା ସମସ୍ତ ସାଂସଦଙ୍କ ଉପରୁ କଟକଣା ହଟାଇ ଦିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ମଙ୍ଗଳବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ , ଶୀତ ଅଧିବେଶନରେ ନିଲମ୍ବିତ ହୋଇଥିବା ବିରୋଧୀ ଦଳର ସବୁ ସାଂସଦଙ୍କ ନିଲମ୍ବନ ରଦ୍ଦ କରାଯିବ। ଇତିମଧ୍ୟରେ ରାଜ୍ୟସଭାରୁ ନିଲମ୍ବିତ ହୋଇଥିବା ସମସ୍ତ ୧୧ ଜଣ ସାଂସଦଙ୍କ ନିଲମ୍ବନ ବାତିଲ ହୋଇଛି। ଶୀତ ଅଧିବଶେନରେ ସ୍ୱାଧିକାର ଭଙ୍ଗ କାରଣରୁ ୧୧ ସାଂସଦଙ୍କ ନିଲମ୍ବନ ଆଦେଶକୁ ରାଜ୍ୟସଭା ଅଧ୍ୟକ୍ଷ ପ୍ରତ୍ୟାହାର କରିନେଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ , ଶୀତ ଅଧିବେଶନରେ ବିରୋଧୀ ଦଳର ୧୪୬ ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଥିଲା। ସଂସଦ ସୁରକ୍ଷା ତ୍ରୁଟି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସାଂସଦମାନେ ଗୃହରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଜବାବ ଦାବି କରି ଗୃହ କାର୍ଯ୍ୟ ଅଚଳ କରିଦେଇଥିଲେ। ଯାହାକୁ ନେଇ ବିଭିନ୍ନ ଦଳର ୧୪୬ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା। ତେବେ ବଜେଟ୍ ଅଧିବେଶନରେ ସେମାନଙ୍କ ନିଲମ୍ବନ ଆଦେଶ ରଦ୍ଦ କରି ଦିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି।

## ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

**ୱାଶିଂଟନ, ୩୦।୧ (ଏଜେନ୍ସି):** ଆମେରିକା ଜର୍ଜିଆରେ ଭାରତୀୟ ଛାତ୍ର ବିବେକ ସୈନି (୨୫)ଙ୍କୁ ହତ୍ୟା କରାଯାଇଛି। ଏକ ଫୁଡ୍ ମାର୍ଟ ଭିତରେ ଜଣେ ନିରାଶ୍ରୟ ବ୍ୟକ୍ତି ବିବେକଙ୍କ ମୁଣ୍ଡକୁ ହାତୁଡ଼ାରେ ୫୦ ଥର ପିଟି ହତ୍ୟା କରିଛି। ସୂଚନା ଅନୁଯାୟୀ ବିବେକ ଏକ ଫୁଡ୍ ମାର୍ଟରେ କାମ କରୁଥିଲେ। ଫୁଡ ମାର୍ଟ ବାହାରେ ଜଣେ ନିରାଶ୍ରୟ ବ୍ୟକ୍ତି ଜୁଲିୟାନ ଫକନର ବସୁଥିଲେ। ବିବେକ ଏବଂ ଅନ୍ୟ କର୍ମଚାରୀ ତାଙ୍କୁ ରହିବାକୁ ଜାଗା ଦେଇଥିଲେ। କିନ୍ତୁ ଗତ ୧୬ ତାରିଖରେ ବିବେକ ତାଙ୍କୁ ଘରୁ ବାହାରି ଯିବାକୁ କହିଥିଲେ।

## ଗଣତନ୍ତ୍ରକୁ ହତ୍ୟା କରିଛି ବିଜେପି: ଆପ୍

**ଚଣ୍ଡିଗଡ଼,୩୦।୧(ଏଜେନ୍ସି):** ଚଣ୍ଡିଗଡ଼ ମେୟର ନିର୍ବାଚନରେ ବିଜେପି ଅପ୍ରତ୍ୟାଶିତ ଭାବେ ବିଜୟୀ ହୋଇଛି। ସଂଖ୍ୟା ଗରିଷ୍ଠତା ପାଇଁ ବିଜେପି ନିକଟରେ ସମ୍ବଳ ନଥିଲେ ମଧ୍ୟ ବିଜେପି ପ୍ରାର୍ଥୀ ମେୟର ନିର୍ବାଚନରେ ବିଜୟୀ ହୋଇଛନ୍ତି। ମେୟର ନିର୍ବାଚନରେ ୮ ଭୋଟ୍ ନାକଚ ହୋଇଯାଇଥିବାରୁ ବିଜେପି ଏହି ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। କିନ୍ତୁ ଏହାକୁ ଆପ୍ ଏବଂ କଂଗ୍ରେସ ଜୋରଦାର ବିରୋଧ କରିଛନ୍ତି। ବିଜେପି ଦିନ ଦ୍ୱିପ୍ରହରରେ ବେଇମାନୀ କରିଛି। କିନ୍ତୁ ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଚିନ୍ତାଜନକ ବୋଲି ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଣ୍ଡିଗଡ଼ ପୌର ନିଗମର ମୋଟ ପାର୍ଷଦଙ୍କ ସଂଖ୍ୟା ୩୫ ରହିଥିଲା ବେଳେ ବିଜେପିର ୧୪ , ଆପ୍‌ର ୧୩, କଂଗ୍ରେସର ୭ ଏବଂ ଅକାଳୀ ଦଳର ଜଣେ ପାର୍ଷଦ ରହିଛନ୍ତି। କିନ୍ତୁ ମେୟର ନିର୍ବାଚନରେ ଆପ୍ ଓ କଂଗ୍ରେସ ମିଳିତ ଭାବେ ଲଢୁଥିଲା ବେଳେ ସେମାନଙ୍କ ନିକଟରେ ୨୦ ପ୍ରାର୍ଥୀ ଥିଲେ। କିନ୍ତୁ ଭୋଟ ବେଳେ ନିର୍ବାଚନ ଅଧିକାରୀ ଅଚାନକ ଭାବେ ୮ ଭୋଟ ନାକଚ କରିଦେବାରୁ ବିଜେପି ୧୬ଟି ଭୋଟ ପାଇ ନିର୍ବାଚନ ଜିତିଥିଲା। ବିଜୟକୁ ନେଇ ବିଜେପି ଖୁସି ମନାଇଥିଲା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଅସାଧୁ ଦଳ ବୋଲି କହିଛନ୍ତି। ସେ କହିଛନ୍ତି,ଯେତେବେଳେ କୌଣସି ଭୋଟ ନାକଚ ହୁଏ ସେତେବେଳେ ନିର୍ବାଚନ ଅଧିକାରୀ ଏହାକୁ ସବୁ ଦଳର ଏଜେଣ୍ଟମାନଙ୍କୁ ଦେଖାଇଥାଆନ୍ତି। କିନ୍ତୁ ସେମିତି କିଛି ବି ହୋଇନି।ନିର୍ବାଚନ ଏଜେଣ୍ଟ କିମ୍ବା ଡେପୁଟି କମିସନରଙ୍କୁ ବାଲଟ ପେପର ଦେଖିବାକୁ ଦିଆଯାଇନି। ଏକତରଫା ଭାବେ ଭୋଟ ନାକଚ କରାଯାଇଛି।

## ଦୁର୍ଘଟଣାରେ କଂଗ୍ରେସ ନେତା ଆହତ, ପତ୍ନୀ ମୃତ



**ଅଲଓ୍ୱର,୩୦।୧(ଏଜେନ୍ସି):** ରାଜସ୍ଥାନର ଅଲୱାର ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶବନ୍ତ ସିଂଙ୍କ ପୁତ୍ର ମାନବେନ୍ଦ୍ର ସିଂ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ପତ୍ନୀ ଚିତ୍ରା ସିଂଙ୍କ ମୃତ୍ୟୁ ହୋଇଥିବା ବେଳେ ମାନବେନ୍ଦ୍ରଙ୍କ ପୁଅ ଏବଂ ଅନ୍ୟ ଦୁଇ ଜଣ ମଧ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଲୱାର ଜିଲ୍ଲାର ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେର ଖୁଶପୁରୀ ନିକଟରେ ଏହି ଦୁର୍ଘଟଣା ଘଟିଛି। ମାନବେନ୍ଦ୍ର ସିଂଙ୍କ କାର ଏକ ଡିଭାଇଡରରେ ପିଟି ହୋଇଯାଇ କ୍ଷତିଗ୍ରସ୍ତ ହୋଇଛି । ଏହି କାରଣରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

### ନିର୍ବାଚନ ଲଢ଼ିବା ଆଶା ଧୂଳିସାତ୍

## ଇମ୍ରାନଙ୍କ ସହ କ୍ୟୁରେସିଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

**ଇସଲାମାବାଦ,୩୦ ।୧(ଏଜେନ୍ସି):** ଆସନ୍ତା ମାସରେ ପାକିସ୍ତାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଏଠାକାର ସବୁ ରାଜନୀତିକ ଦଳଗୁଡିକୁ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କିନ୍ତୁ ଏଭଳି ସମୟରେ ପିଟିଆଇ ଦଳ ମୁଖିଆ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରୀ ମେହମୁଦ୍ କ୍ୟୁରେସିଙ୍କୁ ଝଟକା ଲାଗିଛି। ସିଫର( ଜାତୀୟ ସୁରକ୍ଷା) ମାମଲାରେ ପାକିସ୍ତାନ କୋର୍ଟ ଏହି ଦୁଇ ଜଣଙ୍କୁ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ କରିଛନ୍ତି। ରାୱଲପିଣ୍ଡିର ସ୍ୱତନ୍ତ୍ର କୋର୍ଟ ଏହି ରାୟ ଦେଇଥିଲା ବେଳେ ଆସନ୍ତା ନିର୍ବାଚନରେ ଇମ୍ରାନ ପ୍ରତିଦ୍ୱନ୍ଦ୍ୱିତା କରିବା ଆଶା ମଉଳିଯାଇଛି। ତେବେ ସ୍ୱତନ୍ତ୍ର ଅଦାଲତଙ୍କ ଏହି ରାୟକୁ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିବାକୁ ଇମ୍ରାନଙ୍କ ଦଳ କହିଛି। ଉଲ୍ଲେଖଯୋଗ୍ୟ ଯେ ଜାତୀୟ ସୁରକ୍ଷା ସମ୍ପର୍କିତ ମାମଲା ' ସିଫର' ୨୭ ମାର୍ଚ୍ଚ ୨୦୨୨ରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିଲା। କ୍ଷମତାରୁ ବିଦା ହେବା ପରେ ଇମ୍ରାନ ଏକ ରାଲିରେ ତାଙ୍କୁ କ୍ଷମତାରୁ ହଟାଇବା ପାଇଁ ଅନ୍ତର୍ଜାତୀୟ ଶକ୍ତିଙ୍କ ଦ୍ୱାରା ଷଡ଼ଯନ୍ତ୍ର କରାଯାଇଥିବା କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଗୁପ୍ତ ସୂଚନାକୁ ଇମ୍ରାନ ତାଙ୍କ ବ୍ୟକ୍ତିଗତ ବ୍ୟବହାରରେ ଲଗାଇଥିବା ଅଭିଯୋଗ ହୋଇଥିଲା।



## ମଣିପୁରରେ ପୁଣି ହିଂସା; ଦୁଇ ଜଣଙ୍କ ମୃତ୍ୟୁ, ୫ ଆହତ

**ଇମ୍ଫାଲ,୩୦।୧(ଏଜେନ୍ସି):** ମଣିପୁରରେ ପୁଣି ଥରେ ହିଂସା ମୁଣ୍ଡ ଟେକିଛି। ମଙ୍ଗଳବାର ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ହେବା ସହ ପୋଡ଼ାଜଳା ହେବା ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହିଂସାରେ ଜଣେ ବିଜେପି ନେତାଙ୍କ ସହ ପାଞ୍ଚ ଜଣ ଆହତ ହୋଇଛନ୍ତି । ଆହତମାନଙ୍କ ଅବସ୍ଥା ଗମ୍ଭୀର ଥିବାରୁ ମୃତ୍ୟୁସଂଖ୍ୟା ବଢିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଇମ୍ଫାଲ ପଶ୍ଚିମ ଜିଲ୍ଲାର କୋଟ୍ରୁକ ଗାଁରେ ଗୁଳି ମାଡ଼ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ କିଛି ଲୋକ ନିଖୋଜ ହୋଇଥିବା ଜଣାପଡ଼ିଛି । ଏହି ଘଟଣାରେ ବିଜେପି ଯୁବ ମୋର୍ଚ୍ଚାର ପୂର୍ବତନ ଅଧ୍ୟକ୍ଷ ମନୋହରମୟୁମ ବାରିଶ ଶର୍ମା ଆହତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ମଣିପୁରରେ ୨୦୨୩ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଜାତିଗତ ହିଂସା ଏବେ ମଧ୍ୟ ଥମି ନାହିଁ।

## କୈଳାସ-ମାନସରୋବର ଦର୍ଶନ ପାଇଁ ଉଡ଼ିଲା ବିମାନ

**ନୂଆଦିଲ୍ଲୀ, ୩୦ ।୧(ଏଜେନ୍ସି)**



**୨୭ ହଜାର ଫୁଟ୍ ଉଚ୍ଚରୁ ଦର୍ଶନକଲେ ୩୮ ଭାରତୀୟ**

ତିବ୍ବତ ସ୍ୱୟଂ ଶାସିତ ଅଞ୍ଚଳରେ ଏବଂ ହିମାଳୟ ପର୍ବତ ଶ୍ରେଣୀରେ ଅବସ୍ଥିତ ହିନ୍ଦୁମାନଙ୍କ ପବିତ୍ର ତୀର୍ଥସ୍ଥଳ କୈଳାସ-ମାନସରୋବର ଦର୍ଶନ ପାଇଁ ପ୍ରଥମ ବିମାନ ସେବା ଆରମ୍ଭ ହୋଇଛି। ନେପାଳଗଞ୍ଜରୁ ଏହି ବିମାନ ଉଡାଣ କରି କୈଳାଶ ମାନସରୋବର ପର୍ଯ୍ୟନ୍ତ ଯାତ୍ରା କରିବା ସହ ପ୍ରାୟ ୨୭ ହଜାର ଫୁଟ୍ ଉଚ୍ଚରୁ ଯାତ୍ରୀଙ୍କୁ ଏହି ପବିତ୍ର ସ୍ଥଳ ଦର୍ଶନ କରାଇଛି। ମିଳିଥିବା ସୂଚନା ଅନୁସାରେ ସିଦ୍ଧାର୍ଥ ବିଜନେସ୍ ଗ୍ରୁପ୍ ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଥିଲା ବେଳେ ଶ୍ରୀ ଏୟାରଲାଇନ୍ସ ଘରୋଇ ବିମାନରେ ନେପାଳଗଞ୍ଜରୁ ୩୮ ଭାରତୀୟ ଯାତ୍ରୀ କୈଳାଶ ମାନସରୋବର ଦର୍ଶନ ପାଇଁ ଉଡାଣ ଭରିଥିଲା। ଯାହାକି ନିଜସ୍ୱ ଶୈଳୀର ପ୍ରଥମ ପାର୍ବତୀୟ ଉଡାଣ ଥିଲା। 'କୈଳାଶ ମାନସରୋବର ଦର୍ଶନ ଉଡାଣ' ନାମରେ ଏହି ତୀର୍ଥଯାତ୍ରାରେ ଯାତ୍ରୀମାନେ କୈଳାଶ ପର୍ବତ ଓ ମାନସରୋବର ହ୍ରଦର ନୈସର୍ଗିକ ଦୃଶ୍ୟକୁ ୨୭ ହଜାର ଫୁଟ ଉଚ୍ଚତାରୁ ଦେଖିଥିଲେ। ଏହି ପ୍ରଥମ ଉଡାଣରେ ଦିଲ୍ଲୀ, ମୁମ୍ବାଇ, ଗୁଜରାଟ ଓ ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟର ଯାତ୍ରୀ ସାମିଲ ଥିଲେ। ପୂର୍ବରୁ କୈଳାସ-ମାନସରୋବର ଦର୍ଶନ କଷ୍ଟସାଧ ହୋଇଥିଲା ବେଳେ ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ଏବଂ ସମୟ ବ୍ୟୟ କରିବାକୁ ପଡୁଥିଲା। ଚାଇନା ଭିସା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ମଧ୍ୟ ସମୟ ଓ ଅର୍ଥ ବ୍ୟୟ କରିବାକୁ ପଡୁଥିଲା। କିନ୍ତୁ ଏଭଳି ବିମାନ ସେବା ଦ୍ୱାରା ଯାତ୍ରୀମାନେ ସହଜରେ କୈଳାସ-ମାନସରୋବର ଦର୍ଶନ କରିପାରିବେ । ଏହିକ୍ରମରେ ସିଦ୍ଧାର୍ଥ ବିଜନେସ୍ ଗ୍ରୁପ୍‌ର ଆଞ୍ଚଳିକ ମୁଖ୍ୟ କେଶବ ନ୍ୟୁପାନେ କହିଛନ୍ତି ଯେ 'କୈଳାଶ ପର୍ବତ ଓ ମାନସରୋବର' ନିମନ୍ତେ ଏହି ଉଡାଣ ଶସ୍ତା ରହିବା ସହିତ ବିଶ୍ୱସନୀୟ ଏବଂ ସୁରକ୍ଷିତ। ଏହି ଶ୍ରେଣୀର ଆଗାମୀ ଉଡାଣ ଫେବୃଆରୀ ପ୍ରଥମ ସପ୍ତାହରେ ହେବ। ଉଲ୍ଲେଖଯୋଗ୍ୟ ଯେ , କୋଭିଡ୍ କାରଣକୁ ନେଇ ଚୀନ କୈଳାଶ ମାନସରୋବାର ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଛି। ତେବେ ନେପାଳର ଏହି ଉଡାଣ ସେବା ଭାରତୀୟ ଶ୍ରଦ୍ଧାଳୁଙ୍କ ପାଇଁ ନୂଆ ଆଶା ସଞ୍ଚାର କରିଛି। କୋଭିଡ ମହାମାରୀ ପୂର୍ବରୁ ପ୍ରତିବର୍ଷ ପାଖାପାଖି ୧୨ ହଜାର ଯାତ୍ରୀ ନେପାଳ ଦେଇ କୈଳାଶ ମାନସରୋବର ଯାତ୍ରା କରୁଥିଲେ।ନେପାଳ ରାସ୍ତାରେ କୈଳାଶ ମାନସରୋବର ଯିବା ପାଇଁ ଯାତ୍ରୀଙ୍କୁ ପ୍ରଥମେ ରାଜଧାନୀ କାଠମାଣ୍ଡୁ ଯିବାକୁ ପଡୁଥିଲା। କିନ୍ତୁ ଏବେ ଯାତ୍ରୀମାନେ କାଠମାଣ୍ଡୁ ନ ଯାଇ ଲକ୍ଷ୍ନୌ ଠାରୁ ମାତ୍ର ୨୦୦ କିମି ଦୂର ନେପାଳଗଞ୍ଜ ଯାଇ ସେଠାକରୁ ଏହି ଚାର୍ଟାର୍ଡ ବିମାନ ଯୋଗେ କୈଳାସ ପର୍ବତ ଦର୍ଶନ କରିପାରିବେ।

### କେରଳ ବିଜେପି ନେତାଙ୍କ ହତ୍ୟା ଘଟଣା

## ୧୫ ପିଏଫ୍‌ଆଇ କର୍ମୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ୨୦୨୧ ଡିସେମ୍ବରରେ କେରଳରେ ମାତ୍ର କିଛି ସମୟ ବ୍ୟବଧାନରେ ଘଟିଥିବା ଦୁଇ ହତ୍ୟାକାଣ୍ଡ ଘଟଣାରେ ସ୍ଥାନୀୟ କୋର୍ଟ ବେଆଇନ ଘୋଷିତ ପପୁଲର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫଆଇ)ର ୧୫ କର୍ମୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଗତ ୨୦ ତାରିଖରେ ଏହି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ମଙ୍ଗଳବାର ଏହି ଦଣ୍ଡବିଧାନ କରିଛନ୍ତି। ୨୦୨୧ ଡିସେମ୍ବରରେ କେରଳର ଆଲପୁଲାରେ ପ୍ରଥମେ ଏସଡିପିଆଇର ୩୮ ବର୍ଷୀୟ ନେତା କେ ଏସ ସାନଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ୧୨ ଘଣ୍ଟା ନ ପୁରୁଣୁ ୪୦ ବର୍ଷୀୟ ବିଜେପି ଓବିସି ମୋର୍ଚ୍ଚା ନେତା ରଞ୍ଜିତ ଶ୍ରୀନିବାସନଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ମାଭେଲିକ୍କାରାର ଅତିରିକ୍ତ ଜିଲ୍ଲାଜଜ୍ ଭି ଜି ଶ୍ରୀଦେବୀ ଏହି ମାମଲାର ବିଚାର କରି ଏହି ଦୁଇଟି ଘଟଣାରେ ପିଏଫଆଇ ସଂଗଠନର ୧୫ କର୍ମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଆବେଦନକାରୀ ପକ୍ଷ ସମସ୍ତ ଦୋଷୀଙ୍କ ପାଇଁ କଠୋର ଦଣ୍ଡ ବିଧାନ କରିବାକୁ ଅନୁରୋଧ କରିଥିଲେ । ପିଏଫଆଇର ସଦସ୍ୟମାନେ ଏକ ପ୍ରଶିକ୍ଷିତ ହତ୍ୟାକାରୀ ଗୋଷ୍ଠୀ ସହ ଜଡ଼ିତ ଏବଂ ଅତ୍ୟନ୍ତ ବୀଭତ୍ସ ଭାବେ ପୀଡ଼ିତକୁ ତାଙ୍କ ମାଆ, ପିଲା ଏବଂ ପତ୍ନୀଙ୍କ ସାମ୍ନାରେ ହତ୍ୟା କରାଯାଇଥିଲା ବୋଲି କହିଥିଲେ। ଅନ୍ୟପକ୍ଷରେ ବିପକ୍ଷ ଓକିଲ ଦଣ୍ଡ କୋହଳ କରିବାକୁ ଅନୁରୋଧ କରିଥିଲେ ହେଁ ଅଦାଲତ ଏଭଳି ଦଣ୍ଡ ଶୁଣାଇଥିଲେ।

## ସୋମାଲିଆ ଜଳଦସ୍ୟୁଙ୍କଠାରୁ ୧୯ ପାକିସ୍ତାନୀଙ୍କୁ ଉଦ୍ଧାରକଲା ଭାରତ



**ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି):** ଆରବ ସାଗରରେ ସୋମାଲିଆ ଜଳଦସ୍ୟୁଙ୍କ ଠାରୁ ଭାରତୀୟ ନୌସେନା ୧୯ ପାକିସ୍ତାନୀ ନାବିକଙ୍କୁ ମଙ୍ଗଳବାର ଉଦ୍ଧାର କରିଛି। ମାତ୍ର ୧୨ ଘଣ୍ଟାର ବ୍ୟବଧାନରେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଆଇଏନଏସ ସୁମିତ୍ରା ଜଳଦସ୍ୟୁଙ୍କ ଠାରୁ ଏହି ନାବିକମାନଙ୍କୁ ଉଦ୍ଧାର କରିଛି। ଗତକାଲି ଇରାନର ଏକ ଜାହାଜକୁ ଆଇଏନଏସ୍ ସୁମିତ୍ରା ଜଳଦସ୍ୟୁମାନଙ୍କ ଠାରୁ ସୁରକ୍ଷିତ ଉଦ୍ଧାର କରିବା ସହିତ ଏହାର ୧୭ ସଦସ୍ୟଙ୍କୁ ମୁକ୍ତ କରିଥିଲା। ଏହାପରେ ମଙ୍ଗଳବାର ପାକିସ୍ତାନର ଏକ ମାଛଧରା ଜାହାଜକୁ ସୋମାଲିଆ ଜଳଦସ୍ୟୁମାନେ ଅକ୍ତିଆର କରିବାକୁ ଉଦ୍ୟମ କରୁଥିଲା ବେଳେ ଏହି ଜାହାଜକୁ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ମିଶାଇ ଗତ ତିନି ମାସରେ ପଞ୍ଚମ ଥର ପାଇଁ ଏଭଳି ଘଟଣା ଘଟିଛି।

### ମାଳଦ୍ୱୀପ ବିରୋଧୀ ନେତାଙ୍କ ଦାବି

## ମୋଦୀଙ୍କୁ କ୍ଷମା ମାଗନ୍ତୁ ରାଷ୍ଟ୍ରପତି ମୁଇଜ୍ଜୁ

**ମାଲେ,୩୦।୧(ଏଜେନ୍ସି)**



ଭାରତ ସହ ମାଳଦ୍ୱୀପ ସମ୍ପର୍କ ଦିନକୁ ଦିନ ବିଗିଡିବାରେ ଲାଗିଛି। ଏହାକୁ ନେଇ ଏଠାକାର ବିପକ୍ଷ ଦଳର ନେତାମାନେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଏବେ ଦେଶ ପାଇଁ ସମସ୍ୟା ବଢାଇଥିବାରୁ ମୁଇଜ୍ଜୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ବିରୋଧୀ ଦଳ ଏକାଠି ହେବାରେ ଲାଗିଛନ୍ତି। ମୁଇଜ୍ଜୁଙ୍କୁ ଗାଦିଚ୍ୟୁତ କରିବାକୁ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ମୁଖ୍ୟ ବିରୋଧୀ ଦଳ ମାଲଡିଭିଆନ ଡେମୋକ୍ରାଟିକ୍ ପାର୍ଟି(ଏମଡିପି) ପ୍ରୟାସ ଆରମ୍ଭ କରିଥିଲା ବେଳେ ଏମଡିପି ସହ ' ଦି ଡେମୋକ୍ରାଟସ୍ ପାର୍ଟି' ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଛି। ମୁଇଜ୍ଜୁଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ମାଳଦ୍ୱୀପର ୮୦ ସଦସ୍ୟ ବିଶିଷ୍ଟ ସଂସଦ(ମଜଲିସ୍)ରେ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଛି। ଏଥିପାଇଁ ୫୪ ସାଂସଦଙ୍କ ଆବଶ୍ୟକତା ରହିଥିବା ବେଳେ ଏହି ଦୁଇଟି ଦଳର ସାଂସଦଙ୍କ ସଂଖ୍ୟା ୫୬ ରହିଛି। ଯାହାକୁ ନେଇ ଏହି ଦୁଇ ଦଳ ପକ୍ଷରୁ ଗତକାଲି ଠାରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଏହି ଘଟଣା ପରେ ମାଳଦ୍ୱୀପର ଜମ୍ହୁରୀ ପାର୍ଟି ନେତା କ୍ୱାସିମ୍ ଇବ୍ରାହିମ ରାଷ୍ଟ୍ରପତି ମୁଇଜ୍ଜୁଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ମୁଇଜ୍ଜୁ ତୁରନ୍ତ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କ୍ଷମା ପ୍ରାର୍ଥନା କରିବା ସହିତ ଉଭୟ ରାଷ୍ଟ୍ର ମଧ୍ୟରେ ରହିଥିବା ସମ୍ପର୍କକୁ ସ୍ୱାଭାବିକ କରିବାକୁ ମଙ୍ଗଳବାର ଦାବି କରିଛନ୍ତି। ସେ କହିଛନ୍ତି ଯେ,ମାଳଦ୍ୱୀପର ସାର୍ବଭୌମତ୍ୱ ସୁରକ୍ଷା ପାଇଁ ଭାରତ ଭଳି ଏକ ପଡୋଶୀ ରାଷ୍ଟ୍ର ସହ ସୁସମ୍ପର୍କ ପ୍ରତିଷ୍ଠା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ସହ ସମ୍ପର୍କ ଖରାପ କରିବା ଅର୍ଥ ମାଳଦ୍ୱୀପ ପାଇଁ ବିପଦକୁ ଆମନ୍ତ୍ରଣ କରିବା ସହ ସମାନ। କିନ୍ତୁ ରାଷ୍ଟ୍ରପତି ମୁଇଜ୍ଜୁ ଚୀନ୍ ଗସ୍ତରୁ ଫେରି ମୋଦୀଙ୍କ ପ୍ରତି ଯେଉଁ ଟିପ୍ପଣୀ କରିଛନ୍ତି ତାହା ଆଦୌ ସମୀଚିନ ନୁହେଁ। ତେଣୁ ସେ ତୁରନ୍ତ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି ଇବ୍ରାହିମ କହିଛନ୍ତି।

### ● ସିପିଆଇ-୨୦୨୩ ରିପୋର୍ଟ

## ଚୀନ୍ ତୁଳନାରେ ଭାରତରେ ଅଧିକ ଦୁର୍ନୀତି

### ଦୁର୍ନୀତି ଶୂନ୍ୟତାରେ ଡେନମାର୍କ ସବୁଠୁ ଆଗରେ



**ମୁମ୍ବାଇ,୩୦।୧(ଏଜେନ୍ସି):** ଦୁର୍ନୀତି କ୍ଷେତ୍ରରେ ଭାରତ ଚୀନ୍ ଠାରୁ ମଧ୍ୟ ପଛରେ ପଡ଼ିଛି। ଏପରିକି ୨୦୨୨ ତୁଳନାରେ ୨୦୨୩ରେ ଭାରତରେ ଦୁର୍ନୀତି ବଢିଛି ବୋଲି ମଙ୍ଗଳବାର ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ପ୍ରକାଶ କରାଯାଇଥିବା 'କରପ୍ସନ ପର୍ସେପସନ ଇଣ୍ଡେକ୍ସ-୨୦୨୩' ସୂଚକାଙ୍କରୁ ଜଣାପଡ଼ିଛି। ୧୮୦ଟି ରାଷ୍ଟ୍ରଙ୍କୁ ନେଇ କରାଯାଇଥିବା ଏହି ଅନୁଧ୍ୟାନରେ ଭାରତର ସ୍ଥିତି ୯୩ ରହିଛି। ୨୦୨୨ରେ ଭାରତର ସ୍ଥାନ ଏହି ସୂଚକାଙ୍କରେ ୮୫ ରହିଥିଲା ବେଳେ ୨୦୨୩ରେ ଏହି ସ୍ଥାନ ଆହୁରି ତଳକୁ ଖସି ୯୩ରେ ରହିଛି। ଭାରତର ସ୍ଥାନ ସହ ମାଳଦ୍ୱୀପ, କାଜାକସ୍ତାନ ଏବଂ ଲିସ୍ତୋ ଭଳି କିଛି ରାଷ୍ଟ୍ର ରହିଛନ୍ତି। କିନ୍ତୁ ଏହି ତାଲିକାରେ ଚୀନ୍‌ର ସ୍ଥାନ ୭୬ ରହିଛି। ବିଶ୍ୱର ସବୁଠୁ ଦୁର୍ନୀତିମୁକ୍ତ ରାଷ୍ଟ୍ର ଭାବେ ଡେନମାର୍କର ସ୍ଥାନ ସବୁଠୁ ଉପରେ ରହିଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

## ବଦଳିବ +୨ ସିଲାବସ୍

ଭୁବନେଶ୍ୱର, ୩୦।୧ (ସମିସ): ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରିବାକୁ ପ୍ରାଥମିକତା ଦିଆଯିବ। ଏହାସହ ଜାତୀୟ ସ୍ତରରେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ସକ୍ଷମ କରିବା ପାଇଁ ଅତ୍ୟାଧୁନିକ ବିଷୟବସ୍ତୁକୁ ସାମିଲ କରାଯିବ। ଆସନ୍ତା ଶିକ୍ଷାବର୍ଷରୁ ପରିବର୍ତ୍ତିତ ପାଠ୍ୟକ୍ରମ ଲାଗୁ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୨୨ରୁ ୨୫ତାରିଖ ପର୍ଯ୍ୟନ୍ତ ପାନ୍ଥ ନିବାସଠାରେ ଏନେଇ ବିଭିନ୍ନ ବିଷୟର ବିଶ୍ୱବିଦ୍ୟାଳୟସ୍ତରୀୟ ବିଶେଷଜ୍ଞମାନଙ୍କୁ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ତରୀୟ ବିଭିନ୍ନ ପରୀକ୍ଷାରେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବାକୁ +୨ ସିଲାବସ୍‌ରେ ପରିବର୍ତ୍ତନ କରାଯିବ। ଇଂରାଜୀରେ ପଢ଼ାଯାଉଥିବା ବିଷୟକୁ ଓଡ଼ିଆରେ ପଢ଼ାଯିବ। ଫଳରେ ଇଂରାଜୀ ବୁଝିବାରେ ଅସୁବିଧା ଭୋଗୁଥିବା ଛାତଛାତ୍ରୀ ସହଜରେ ଅଧ୍ୟୟନ କରିପାରିବେ। ସେହିପରି ଆଉ ଅନାବଶ୍ୟକ ପାଠ ପଢ଼ାଯିବ ନାହିଁ। ଜାତୀୟ ସ୍ତରୀୟ ପ୍ରତିଯୋଗିତାମୂଳକ ଓ ପ୍ରବେଶିକା ପରୀକ୍ଷାରେ ଆସୁନଥିବା ପ୍ରଶ୍ନପତ୍ରର ବିଷୟବସ୍ତୁକୁ ବାଦ୍ ଦିଆଯିବ। ଏହାସହ ନୂଆନୂଆ ବିଷୟ ପାଠ୍ୟକ୍ରମରେ ସଂଯୋଗ କରାଯିବ। କୃତ୍ରିମ ବୁଦ୍ଧିମତା, କର୍ପୋରେଟ୍ ପରିଚାଳନା, ଓଡ଼ିଆ ଜାତୀୟତାବାଦ ପରି ରାଜନୀତି ବିଜ୍ଞାନରେ ଆସୁଥିବା ନୂଆନୂଆ ଧାରାକୁ ସାମିଲ କରାଯିବ। ନୂତନ ସିଲାବସ ପ୍ରସ୍ତୁତ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଶେଷଜ୍ଞ କମିଟି ଗଠନ କରାଯାଇଛି। କମିଟି ପରିବର୍ତ୍ତିତ ସିଲାବସକୁ ପରିଷଦ ନିକଟରେ ଦାଖଲ କରିସାରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସରକାରଙ୍କ ଅନୁମୋଦନ ପରେ ଏହା ନୂତନ ପାଠ୍ୟକ୍ରମ ଭାବେ କାର୍ଯ୍ୟକାରୀ ହେବ।

◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




### ଦିନକ ପରେ କେନ୍ଦ୍ର ବଜେଟ୍

# ଟଙ୍କାକରେ ୩୪ ପଇସା ଋଣ

■ ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ ସଂସଦରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବେ। ଚଳିତବର୍ଷ ଦେଶରେ ଲୋକସଭା ନିର୍ବାଚନ ହେବାକୁ ଯାଉଛି, ତେଣୁ ସମ୍ପୂର୍ଣ୍ଣ ବଜେଟ୍ ବଦଳରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରାଯିବ। ନୂତନ ସରକାର ଆସିବା ପର୍ଯ୍ୟନ୍ତ ଏବଂ ଏକ ପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ବଜେଟ୍ ଅର୍ଥରୁ ସରକାର ଦେଶ ଚଳାଇଥାନ୍ତି। ସରକାର ଉଭୟ ଟିକସ ଏବଂ ଅଣ-ଟିକସ ଉତ୍ସରୁ ଅର୍ଥ ପାଇଥାନ୍ତି। ଏଥିସହିତ ସରକାର ସୁଧ, ସବ୍‌ସିଡି ଏବଂ ଯୋଜନା ସମେତ ଅନ୍ୟାନ୍ୟ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ କରିଥାନ୍ତି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭାରତର ବଜେଟର ୩୪ ପ୍ରତିଶତ ଅର୍ଥ କରଜରୁ ଆସିଥାଏ। ତେବେ ଟଙ୍କାଏରୁ ୨୦ ପଇସା ସରକାରଙ୍କ ଦ୍ୱାରା ସୁଧ ପୈଠ କରାଯାଇଥାଏ। ଏହାର ଅର୍ଥ ହେଉଛି ସରକାରୀ ▶ପୃଷ୍ଠା-୧୦

**ସୁଧ ପୈଠରେ ଯାଏ ଟଙ୍କାଏରୁ ୨୦ ପଇସା**

**ସ୍ୱାଧୀନତାଠାରୁ ଆଗତ ହୋଇଛି ୧୪ ଅନ୍ତରୀଣ ବଜେଟ**

**୧ ଟଙ୍କାର ବଜେଟ**

| ଆୟ | |
|---|---|
| ସୀମା ଶୁଳ୍କ | ୪ ପଇସା |
| ଆୟକର | ୧୫ ପଇସା |
| ଉତ୍ପାଦ ଶୁଳ୍କ | ୭ ପଇସା |
| କମ୍ପାନୀ ଟିକସ | ୧୫ ପଇସା |
| ଜିଏସ୍‌ଟି | ୧୭ ପଇସା |
| ଋଣ | ୩୪ ପଇସା |
| ଅଣ-ଟିକସ ରାଜସ୍ୱ ଆୟ | ୬ ପଇସା |
| ପୁଞ୍ଜି ଆୟ | ୨ ପଇସା |

| ଖର୍ଚ୍ଚ | |
|---|---|
| ସବ୍‌ସିଡି | ୭ ପଇସା |
| ପେନ୍‌ସନ୍ | ୪ ପଇସା |
| କରଜ ଓ ସୁଧ ପୈଠ | ୨୦ ପଇସା |
| ରାଜ୍ୟ ଟିକସ ଅଂଶ | ୧୮ ପଇସା |
| କେନ୍ଦ୍ରୀୟ ଯୋଜନା ବ୍ୟୟ | ୧୭ ପଇସା |
| କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ୯ ପଇସା |
| ବିତ୍ତୀୟ ଆୟୋଗ ଓ ଅନ୍ୟ ସଂସ୍ଥାନ | ୯ ପଇସା |
| ପ୍ରତିରକ୍ଷା | ୮ ପଇସା |
| ଅନ୍ୟାନ୍ୟ ଖର୍ଚ୍ଚ | ୮ ପଇସା |

### 'ନୂଆ-ଓ' କାର୍ଯ୍ୟକ୍ରମରେ ଭବିଷ୍ୟ ପିଢ଼ିଙ୍କୁ ପାଣ୍ଡିଆନଙ୍କ ପରାମର୍ଶ

# ପିତାମାତାଙ୍କ ସ୍ୱପ୍ନକୁ ସାକାର ପାଇଁ ପଣ କର

■ ଭୁବନେଶ୍ୱର, ୩୦।୧ (ସମିସ): ଆପଣଙ୍କ ସୁନ୍ଦର ଭବିଷ୍ୟତ କେବଳ ଆପଣମାନଙ୍କର ନୁହେଁ। ଏହା ପଛରେ ରହିଛି ଆପଣଙ୍କ ପିତାମାତାଙ୍କ ତ୍ୟାଗ। ତେଣୁ ସର୍ବଦା ପିତାମାତା, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଗୁରୁଜନଙ୍କ ସମ୍ମାନ କର। ସେମାନଙ୍କ ନିର୍ଦ୍ଦେଶର ଅନୁପାଳନ କରିବାରେ କଦାପି ଅବହେଳା କର ନାହିଁ। ତେବେ ଯାଇ ଜୀବନରେ ସଫଳତା ମିଳିବ। ଆଜି ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇ ହଜାର ହଜାର ସଂଖ୍ୟାରେ ସମବେତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ପାଣ୍ଡିଆନ କହିଛନ୍ତି ଯେ ଏହି ଗଞ୍ଜାମ ମାଟିରୁ ବହୁ ସ୍ୱନାମଧନ୍ୟ ବ୍ୟକ୍ତି ସୃଷ୍ଟି ହୋଇଛନ୍ତି। ସେମାନେ ସରକାରୀ କଲେଜରେ ପାଠ ପଢ଼ି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିପାରିଛନ୍ତି। ଆମେରିକାର ନ୍ୟୁୟର୍କରେ କଗନିଜାଣ୍ଟ କମ୍ପାନୀର ସିଇଓ ରବି କୁମାର ଏସ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିଥିଲେ। ନାସାରେ ବୈଜ୍ଞାନିକ ଥିବା ଡ଼ କୈଳାଶ ଚନ୍ଦ୍ର ସାହୁ ଓ ତେଜସ୍ ଏୟାରକ୍ରାଫ୍ଟ ଡିଜାଇନ୍ କରିଥିବା କୋଟା ହରିନାରାୟଣ ସମସ୍ତେ ଏହି ଗଞ୍ଜାମ ମାଟିର ସନ୍ତାନ। ସେମାନେ ଏଠିକାର କଲେଜରେ ପାଠ ପଢ଼ିଛନ୍ତି। ସେହିପରି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରରେ ବରିଷ୍ଠ ବୈଜ୍ଞାନିକ ନାଗ ଭୂଷଣ ଆଚାର୍ଯ୍ୟ, କମନୱେଲଥ୍ ଗେମ୍‌ସରେ ସ୍ୱର୍ଣ୍ଣପଦକ ଜିତି ଥିବା କେ ରବି କୁମାରଙ୍କ ଭଳି ଅନନ୍ୟ ବ୍ୟକ୍ତିତ୍ୱ ଏହି ଠାରୁ ବାହାରିଛନ୍ତି। ସେମାନେ ମଧ୍ୟ ସ୍ଥାନୀୟ ସରକାରୀ ସ୍କୁଲରେ ପାଠ ପଢ଼ିଛନ୍ତି। ▶ପୃଷ୍ଠା-୧୦

- ଗଞ୍ଜାମ ମାଟିରୁ ସୃଷ୍ଟି ହୋଇଛନ୍ତି ନାସା ବୈଜ୍ଞାନିକ
- ତେଜସ୍ ପ୍ରସ୍ତୁତକାରୀ ବୈଜ୍ଞାନିକ ଗଞ୍ଜାମ ମାଟିର ପୁଅ
- ଗଞ୍ଜାମର ସରକାରୀ ସ୍କୁଲରୁ ସୃଷ୍ଟି ହୋଇଛନ୍ତି ଆଇଏଏସ୍
- ଫେବ୍ରୁଆରୀରେ ଶେଷ ହେବ ୧୫୬ କଲେଜ ରୂପାନ୍ତରଣ



◆ ବିଧାନସଭା ଅଧିବେଶନ ୫ରୁ

# ୪ ତାରିଖ ସନ୍ଧ୍ୟାରେ ସର୍ବଦଳୀୟ ବୈଠକ

■ ଭୁବନେଶ୍ୱର, ୩୦।୧ (ସମିସ): ଆସନ୍ତା ୫ ତାରିଖରୁ ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଅର୍ଥାତ୍ ବଜେଟ ଅଧିବେଶନ ଆରମ୍ଭ ହେବ। ମାତ୍ର ୭ଟି କାର୍ଯ୍ୟଦିବସ ଅବଧି ବିଶିଷ୍ଟ ଏହି ବଜେଟ ଅଧିବେଶନ କିପରି ସୁରୁଖୁରୁରେ ଚାଲିବ ସେଥିପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଆସନ୍ତା ୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବିଧାନସଭାରେ ଏହି ସର୍ବଦୀୟ ବୈଠକ ଅନୁଷ୍ଠିତ ହେବ।

ସେହିପରି ଶାସକ ବିଜେଡି ସମେତ ବିରୋଧୀ ବିଜେପି ଓ କଂଗ୍ରେସ ମଧ୍ୟ ନିଜ ନିଜର ବିଧାୟକ ଦଳ ବୈଠକ ନେଇ ସମୟ ଚୂଡ଼ାନ୍ତ କରିଛନ୍ତି। ବିଜେଡି ବିଧାୟକ ଦଳ ବୈଠକ ୫ ତାରିଖ ସକାଳ ୧୦ଟା ୧୫ ▶ପୃଷ୍ଠା-୧୦

**୪ରେ ବିଜେପି ଓ କଂଗ୍ରେସ, ୫ରେ ବିଜେଡି ବିଧାୟକ ପ୍ରସ୍ତୁତ କରିବେ ରଣନୀତି**

### ଭୋର୍ ୫ରେ କାର୍ଯ୍ୟ ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

# ଫେବ୍ରୁଆରୀରେ କାର୍ଯ୍ୟକ୍ଷମ ହେବ ବରମୁଣ୍ଡା ଆଇଏସ୍‌ବିଟି



■ ଭୁବନେଶ୍ୱର, ୩୦।୧ (ସମିସ): ଆସନ୍ତା ଫେବ୍ରୁଆରୀରେ କାର୍ଯ୍ୟକ୍ଷମ ହେବ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ (ଆଇଏସବିଟି)। ବସ୍ ଟର୍ମିନାଲ୍ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ଯାହା କିଛି କାର୍ଯ୍ୟ ବାକି ଅଛି, ତାହାକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଆଜି ପ୍ରତ୍ୟୁଷ ପ୍ରାୟ ୫ଟାରେ ଶ୍ରୀ ପାଣ୍ଡିଆନ ବରମୁଣ୍ଡା ବସ୍ ଟର୍ମିନାଲରେ ▶ପୃଷ୍ଠା-୧୦

**ବସ୍ ଯାତ୍ରୀ ପାଇବେ ବିମାନବନ୍ଦର ଭଳି ଅନୁଭବ**

**ବସ୍ ଟର୍ମିନାଲ୍‌ରେ ଲାଗିବ ଓଡ଼ିଆ ସାଇନ୍‌ବୋର୍ଡ ଓ ମାନଚିତ୍ର**

### ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୩ରୁ

# ସମ୍ମାନିତ ହେବେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶୀ ମହିଳା



■ ଭୁବନେଶ୍ୱର, ୩୦।୧ (ସମିସ): ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ଐତିହ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭଳି ଐତିହାସିକ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଜର ପାରଦର୍ଶିତା ରଖିଥିବା ମହିଳାମାନଙ୍କୁ ସମ୍ମାନିତ କରାଯିବ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଭାଷାବିତ ଓ ସାହିତ୍ୟିକମାନଙ୍କ ସହ ଲୋକସେବା ଭବନ କନଭେନସନ ସେଣ୍ଟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ଏହି ସୂଚନା ଦେଇଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ସମସ୍ତ ଭାଷାବିତ ମାନଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଉଲ୍ଲେଖ କରି ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସୁଜାତା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଆ ଭାଷାର ପ୍ରାଚୀନତା, ପ୍ରାସଙ୍ଗିକତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଏହି ସମ୍ମିଳନୀରେ ବିଚାର ବିମର୍ଶ ହେବ ବୋଲି ଶ୍ରୀ ବାଲକ୍ରିଷ୍ଣନ ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜନ ହେଉଥିବାରୁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଉକ୍ତ ବୈଠକରେ ସାହିତ୍ୟିକ, ଭାଷାବିତ, ନୃତ୍ୟବିତ ଏବଂ ଭାଷାନୁରାଗୀ ମାନେ ଯୋଗ ଦେଇ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀ ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଅକ୍ଷରକୁ ନେଇ ଝୋଟି ପକାଇବା, ପ୍ରାଚୀନ ସାହିତ୍ୟକୁ ଲୋକାଭିମୁଖୀ କରିବା, ▶ପୃଷ୍ଠା-୧୦

**ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା**

**ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା ପାଇଁ ପଦକ୍ଷେପ: ସୁଜାତା**



# ଓଡ଼ିଆ ଭାଷାରେ 'ବ' ଓ 'ୱ'ର ପ୍ରଭେଦ

ଉତ୍କଳ ଭାଷାର ଜନନୀ ସଂସ୍କୃତ ଭାଷା । ମୂଳ ଭାଷା ସଂସ୍କୃତର ଅକ୍ଷର ଦେବନାଗରୀ । ଦେବନାଗରୀ ଅକ୍ଷରରୁ ଉତ୍କଳ ଅକ୍ଷର ହୋଇଥିବା କଥା କେହି ଅସ୍ୱୀକାର କରିବେ ନାହିଁ । ଦେବନାଗରୀ ଅକ୍ଷର ସହିତ ଉତ୍କଳ ଅକ୍ଷରର ବିଶେଷ ସୌସଦୃଶ୍ୟ ଅଛି, ଏହା କହିବା ବାହୁଲ୍ୟ ମାତ୍ର । ସଂସ୍କୃତ ବ୍ୟାକରଣାନୁସାରେ ଉତ୍କଳ ଅକ୍ଷର ଯେତେ ପରିମାର୍ଜିତ ହେବ, ଉତ୍କଳ ଭାଷା ସେତେ ଉନ୍ନତ ହେବ । ଉତ୍କଳ ପଣ୍ଡିତମାନେ ତାହା କରିଅଛନ୍ତି ଓ କରୁଅଛନ୍ତି । ଆମ୍ଭମାନଙ୍କ ପରି ଅଳ୍ପଜ୍ଞ ଲୋକମାନଙ୍କ ଜ୍ଞାନ ନିମନ୍ତେ କେବଳ ଗୋଟିଏ ଗୋଟିଏ ଅକ୍ଷରର ଭେଦ ଚିହ୍ନାଇ ନଥିବାର ବୋଧହୁଏ । ସେହି ଭେଦ ପଣ୍ଡିତମାନେ ଜାଣୁଅଛନ୍ତି, ପୁଣି ଶିଷ୍ୟମାନଙ୍କୁ ବୁଝାଇଥାନ୍ତି, କିନ୍ତୁ ଲେଖାରେ କିଛି ବିଭିନ୍ନତା ନଥିବାରୁ ଆମ୍ଭମାନଙ୍କ ପଠନ ସମୟରେ ଉଚ୍ଚାରଣରେ ଦୋଷ ହେଉଅଛି । ତାହା ନିରାକରଣ କରିବା ଆବଶ୍ୟକ ବୋଧକରି ମୁଁ




ଅଦ୍ୟ ଗୋଟିଏ ଅଭିନବ ପ୍ରସ୍ତାବ କରୁଅଛି । ଏପରି ପ୍ରସ୍ତାବ ମୋହପରି ଲୋକପକ୍ଷେ ଅବଶ୍ୟ ଅଶୋଭନୀୟ, ତଥାପି ମୋହର କ୍ଷୁଦ୍ର ବୁଦ୍ଧିରେ ସଂଗତ ବୋଧକରି ପ୍ରକଟ କରିବାରେ ସାହସୀ ହେଲି । ପ୍ରସ୍ତାବି ଟି ଏହି- ବର୍ଗ୍ୟ 'ବ' ଓ ଅନ୍ତଃସ୍ଥ 'ବ' ଏହି ଉଭୟ ମଧ୍ୟରେ ଅବଶ୍ୟ ପାର୍ଥକ୍ୟ ଅଛି । ବର୍ଗ 'ବ'ର ଉଚ୍ଚାରଣ ସ୍ଥାନ ଓ ଷ୍ଠ ଅନ୍ତଃସ୍ଥ 'ବ'ର ଉଚ୍ଚାରଣ ସ୍ଥାନ ଦନ୍ତ ଓ ଓଷ୍ଠ । 'ଭ'ର ସହିତ ଭିନ୍ନ ସ୍ୱର ଯୋଗ ହେଲେ ଯେଉଁ 'ବ' ହୁଏ, ତାହା ଅନ୍ତଃସ୍ଥ 'ବ' ଏଥିରେ କିଛି ସନ୍ଦେହ ନାହିଁ । ଯଥା - ରାଘବ, ବଧ୍ୱାନନ, ସାଧ୍ୱୀ । 'ବଧ୍ୱାନନ' କି 'ସାଧ୍ୱୀ' 'ବ' ଯେଉଁ ଉଚ୍ଚାରଣ ହେଉଅଛି, ତାହା ଠିକ୍ ଅନ୍ତସ୍ତ 'ବ'ର ଉଚ୍ଚାରଣ । କିନ୍ତୁ 'ରାଘବ'ଠାରେ 'ବ'ର ଉଚ୍ଚାରଣ ସେପରି ନ କରି ସମ୍ପୂର୍ଣ୍ଣରୂପେ ବର୍ଗ୍ୟ 'ବ' ପରି ଉଚ୍ଚାରଣ କରିଥାଉଁ । ଏଥିରେ କାରଣ ଏହି କି, ଲେଖାର ଉଭୟ 'ବ'ର କିଛି ଭେଦ ନାହିଁ ।

ଦେବନାଗରୀରେ ଏହି ଦୁଇ ଅକ୍ଷରର ପ୍ରଭେଦ ଅଛି, ଯଥା - ବର୍ଗ୍ୟ 'ୱ' ଅନ୍ତଃସ୍ଥ 'ବ' । ଏହିପରି ଉତ୍କଳ ଅକ୍ଷରରେ କିଞ୍ଚିନ୍ମାତ୍ର ଭେଦ ଥିଲେ ଆମ୍ଭମାନଙ୍କୁ ଉଚ୍ଚାରଣ ଦୋଷରେ ଲିପ୍ତ ହେବାକୁ ହୁଅନ୍ତା ନାହିଁ । ଶିକ୍ଷିତ ବ୍ୟକ୍ତିମାନେ ଏ ବିଷୟରେ କିଞ୍ଚିତ୍ ଦୃଷ୍ଟି ଦେଲେ, ଅଳ୍ପାୟାସରେ ଏହି ଅଭାବ ମୋଚନ ହୋଇପାରିବ । ଦେବନାଗରୀରେ ବର୍ଗ୍ୟ 'ବ'ରେ କିଛି ଟିକିଏ ଚିହ୍ନ ଦେଲେ ଆମ୍ଭେମାନେ ତାହା ଜାଣିପାରି ପାଠ ସମୟରେ ସତର୍କତା ଅବଲମ୍ବନ କରି ଉଚ୍ଚାରଣ କରନ୍ତୁ । ତାହାହେଲେ ଦୋଷ ରହିପାରନ୍ତା ନାହିଁ ।

କିପରି ଚିହ୍ନ ଦେଲେ ଭଲ ହେବ, ତାହା ମୋ' ପରି ସାମାନ୍ୟ ଲୋକରୁ ମୁଖରୁ ବାହାରିବା ଅନୁଚିତ ଓ ଅଶୋଭନୀୟ । ଯଦି ମୋହର ପ୍ରସ୍ତାବ ଅସଙ୍ଗତ ବୋଧ ନ ହୁଏ, ତେବେ ଉତ୍କଳର ମୁଖ୍ୟ ମୁଖ୍ୟ ପଣ୍ଡିତ ମହୋଦୟମାନେ ଯେପରି ବିଚାର କରିବେ, ସେପରି ଚିହ୍ନ ପ୍ରୟୋଗ କରାଗଲା ସର୍ବତ୍ର ଗୃହୀତ ହୋଇପାରିବ । କେହି କେହି କହିପାରନ୍ତି କି, ଉତ୍କଳ ଭାଷାରେ ଉଭୟ 'ବ'କୁ ବିଭିନ୍ନ ରୂପେ ଉଚ୍ଚାରଣ କରିବାର ଆବଶ୍ୟକ ନାହିଁ । ତହିଁକି ମୋର ବକ୍ତବ୍ୟ ଏହି କି, କେତେଗୁଡ଼ିଏ ଉର୍ଦ୍ଦୂ ଶବ୍ଦ ଯାହା ଉତ୍କଳ ଭାଷାରେ ଅଙ୍ଗୀଭୂତ ହୋଇଅଛି, ସେହି ସ୍ଥଳରେ ଅନ୍ତସ୍ଥ 'ବ' ଫଳା ଦେଇ ଉଚ୍ଚାରଣର ଅନୁରୋଧ ରକ୍ଷା କରିଥାନ୍ତି ଯଥା- ୱାଜିବୁଲ ଅର୍ଜି ୱାରଣ୍ଟ ଇତ୍ୟାଦି । ସ୍ୱରବର୍ଣ୍ଣର ବ୍ୟଞ୍ଜନା ଫଳା ଲାଗାଇବା । ■

**- ଗଙ୍ଗାଧର ମେହେର**

ସୂତ୍ର : ସମ୍ବଲପୁର ହିତୈଷିଣୀ, ତା. ୧୭-୦୩-୧୮ ୯୭

# ମାଦଳାପାଞ୍ଜିରେ ଓଡ଼ିଆ ଭାଷା

ମାଦଳାପାଞ୍ଜି ଭାରତୀୟ ଗଦ୍ୟ ସାହିତ୍ୟର ଏକ ବିସ୍ମୟ । ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ଏହା ଆଦ୍ୟ ଆଧୁନିକ ରୂପ । ଜଗନ୍ନାଥ ମନ୍ଦିରର ବିବରଣୀ ଏଥିରେ ଲିପିବଦ୍ଧ ହୋଇଅଛି । ଦେଉଳ କରଣ, ତଢାଉ କରଣ ଓ କୋଷ୍ଠ କରଣ ଏହାକୁ ଲେଖୁଥିଲେ । ଏହା ମୋଟାମୋଟି ତିନି ଭାଗରେ ବିଭକ୍ତ । ଯଥା - ୧. ରାଜାମାନଙ୍କର ରାଜଭୋଗ ବିବରଣୀ, ୨.ଜଗନ୍ନାଥ ମନ୍ଦିରର ନିର୍ମାଣ ଇତିହାସ, ସେବାପୂଜା, ବିଧି ବ୍ୟବସ୍ଥା, ସେବକମାନଙ୍କର କର୍ତ୍ତବ୍ୟ ଏବଂ ଆୟବ୍ୟୟ ତାଲିକା, ୩. ମନ୍ଦିରକୁ କେନ୍ଦ୍ର କରି ଘଟିଯାଉଥିବା କେତେକ ଘଟଣାବଳୀ । ଓଡ଼ିଶାର ରାଜନୈତିକ ଉତ୍ଥାନ ଓ ପତନ ସହ ଶ୍ରୀ ଜଗନ୍ନାଥ ସେବା, ପୂଜା ଓ ମହିମା ସମ୍ପର୍କରେ ବହୁ ଆଲୋଚକ ଓ ଗବେଷକ ଭିନ୍ନଭିନ୍ନ ମତ ପୋଷଣ କରିଥାନ୍ତି ।




୧. ଐତିହାସିକ ମନମୋହନ ଚକ୍ରବର୍ତ୍ତୀ ଏସିଆଇଟିକ୍ ସୋସାଇଟିର ଗବେଷଣା ପତ୍ରିକାରେ ମାଦଳାପାଞ୍ଜିର ସାହିତ୍ୟିକ ମୂଲ୍ୟକୁ ଅସ୍ୱୀକାର କରିଥିଲେ ହେଁ ଏହା ବଂଶାବଳୀର ଏକ ନିଖୁଣ ଚିତ୍ର ବୋଲି ସ୍ୱୀକାର କରିଛନ୍ତି । ତାଙ୍କ ମତାନୁସାରେ ମାଦଳା ଶବ୍ଦ ମୁଦଲ ଶବ୍ଦରୁ ଆସିଅଛି । ପ୍ରତିଦିନ ସେବା ପୂଜା ପରେ ମନ୍ଦିରର ବନ୍ଦ ଦ୍ୱାରକୁ ମୁଦ ଦେବା ବା ସିଲ କରିବା ଲୋକର ନାମ ମୁଦ୍ରସ୍ତା ଅଭିଲେଖଗୁଡ଼ିକରେ ମୁଦଲ ଶବ୍ଦ ବା ତାହାର ରୂପାନ୍ତର ବିଶେଷର ପ୍ରୟୋଗ ଓ ମୁଦ୍ରସ୍ତ ସହିତ ତାର ତୁଳନାରୁ ସେ ମୁଦଲ ଶବ୍ଦରୁ ମାଦଳା ଶବ୍ଦ ସୃଷ୍ଟି ହୋଇଥିବା ପ୍ରମାଣ କରିଛନ୍ତି ।

୨. ଗବେଷକ ଉମା ପ୍ରସାଦ ଚାନ୍ଦ, ଜଗବନ୍ଧୁ ସିଂହ ଓ ଡ.ଆର୍ତ୍ତବଲ୍ଲଭ ମହାନ୍ତି, ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ପଣ୍ଡିତ ସଦାଶିବ ରଥଶର୍ମା ଓ ଐତିହାସିକ ରାଖାଲ ଦାସ ବାନାର୍ଜୀ ପ୍ରଭୃତି ମାଦଳା ଶବ୍ଦର ଅର୍ଥକୁ ବାଦ୍ୟଯନ୍ତ୍ର ବା ଢୋଲ ଭାବରେ ଗ୍ରହଣ କରିଛନ୍ତି । ପୂର୍ବକାଳରେ ଯେକୌଣସି ପୁସ୍ତକ ତାଳପତ୍ରରେ ଲୁହା ଲେଖନୀରେ ଲେଖାଯାଉଥିଲା । ଏହି ତାଳପତ୍ର ଖେଦାଗୁଡ଼ିକ ମୃଗଛାଲରେ ଗୋଲାକାର ଭାବେ ବାନ୍ଧି କରି ସାଇତି ରଖାଯାଉଥିଲା । ଏହାର ସ୍ୱରୂପ ମାଦଳା ବଦ୍ୟଯନ୍ତ୍ର ପରି ହୋଇଥିବାରୁ ଏହି ପାଞ୍ଜିର ନାମ ମାଦଳାପାଞ୍ଜି ହେଉଛି ବୋଲି ଗବେଷକ ମତବ୍ୟକ୍ତ କରିଥାନ୍ତି ।

୩. ଷ୍ଟର୍ଲିଂ ସାହେବଙ୍କ ମତାନୁସାରେ ଓଡ଼ିଶାରେ ମୁଦେଲ ବା ମାଦଳା ଏକ ରାଜକୀୟ ଉପାଧି । ଏହି ଉପାଧିଧାରୀମାନେ ରାଜକୀୟ ଘୋଷଣା ଲେଖୁଥିଲେ ଓ ପ୍ରଚାର କରୁଥିଲେ । ସେମାନେ ଜଗନ୍ନାଥ ମନ୍ଦିରର ବ୍ୟବସ୍ଥାକୁ ତାଳପତ୍ର ପୋଥିରେ ଲେଖୁଥିଲେ ତାହା ମାଦଳାପାଞ୍ଜି ରୂପେ ପରିଚିତ । ■

## ସହସ୍ରାବ୍ଦୀର ଯାତ୍ରା

ଭରତମୁନୀଙ୍କ ସମୟରେ ମୁଖ୍ୟତଃ ସାତୋଟି ଆଞ୍ଚଳିକ ଭାଷା ଥିଲା ତେଣୁ ସେ ତାଙ୍କ ନାଟ୍ୟଶାସ୍ତ୍ରରେ ଲେଖିଛନ୍ତି,

**"ମାଗଧ୍ୟାବନ୍ତିକା ପ୍ରାଚ୍ୟ ଶୌରସେନାର୍ଧମାଗଧୀ ବାହ୍ଲିକା ଦାକ୍ଷିଣତ୍ୟାଚ ସପ୍ତଭାଷା ପ୍ରକୀର୍ତ୍ତିତା ।"**

ଶ୍ଳୋକରେ ବର୍ଣ୍ଣନା କରାଯାଇଥିବା ଭାଷାଗୁଡ଼ିକ ହେଲା

୧. ମାଗଧୀ
୨. ଅବନ୍ତିକା
୩. ପ୍ରାଚ୍ୟ
୪. ଶୌରସେନୀ
୫. ଅର୍ଦ୍ଧମାଗଧୀ
୬. ବାହ୍ଲିକ
୭. ଦାକ୍ଷିଣାତ୍ୟ ଭାଷା (Proto David)

ଏଠାରେ ମାଗଧୀ ଓ ଅର୍ଧମାଗଧୀକୁ ଭିନ୍ନ ଦର୍ଶାଇବା ପାଇଁ ଦୁଇଥର ଲେଖା ହୋଇଛି । ସେହି ସମୟରେ ପ୍ରାଚୀନ ଓଡ଼ିଆ ଭାଷା ହିଁ ଥିଲା ଅର୍ଦ୍ଧମାଗଧୀ । ମାଗଧୀ ସହିତ ପ୍ରାଚୀନ ଓଡ଼ିଆ ଭାଷା ବା ଅର୍ଦ୍ଧମାଗଧୀର ସାମଞ୍ଜସ୍ୟ ଥିଲେ ହେଁ ସେ ଉଭୟ ଭାଷା ମଧ୍ୟରେ ଥିବା ଧ୍ୱନି ଓ ଗଠନଶୈଳୀରେ ଭିନ୍ନତା ଦୃଷ୍ଟିରୁ ଏଠାରେ ପୃଥକ୍ ପୃଥକ୍ ଲେଖା ହୋଇଛି । ଏଥିରୁ ଓଡ଼ିଆ ଭାଷା ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ବେଳକୁ ବିକଶିତ ହୋଇ ତତ୍କାଳୀନ ଭାରତରେ ପ୍ରଚଳିତ ହୋଇ ସାରିଥିଲା ପ୍ରମାଣିତ ହୁଏ ।

## ଭାଷା ସମ୍ମିଳନୀ ଏକ ସାମାଜିକ ଆନ୍ଦୋଳନ



ଓଡ଼ିଶାରେ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଓଡ଼ିଆ ଭାଷାକୁ ନେଇ ପୂର୍ବରୁ ଏଭଳି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କେବେ କଳ୍ପନା କରାଯାଇନଥିଲା । ଏବେ ଏହି ସମ୍ମିଳନୀ ଦ୍ୱାରା ଦେଶବିଦେଶରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ହୋଇପାରିବ । ଓଡ଼ିଆ ଭାଷା ପାଇଁ ସରକାର କରୁଥିବା ପ୍ରତିଟି କାର୍ଯ୍ୟକ୍ରମ ପ୍ରଶଂସନୀୟ । ଭାଷାକୁ ଯେତେ ବେଶି ଗୁରୁତ୍ୱ ଦିଆଯିବ, ତାହା ଓଡ଼ିଶା ଓ ଓଡ଼ିଆ ଭାଷା ପାଇଁ ଉତ୍ତମ ସମୟ ଆଣିଦେବ । ଭାଷା ପାଇଁ କରାଯାଉଥିବା ଏଭଳି ମହାର୍ଘ୍ୟ ସମ୍ମିଳନୀ ଏକ ସାମାଜିକ ଆନ୍ଦୋଳନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାଦ୍ୱାରା ଭାଷାର ବ୍ୟାପକତା ବଢ଼ିବ ଓ ଓଡ଼ିଆ ଭାଷା ସୁଦୂର ପ୍ରସାରୀ ହୋଇପାରିବ ।

ପ୍ରଫେସର୍ ଶାନ୍ତନୁ ଆଚାର୍ଯ୍ୟ,
ବିଶିଷ୍ଟ ସାହିତ୍ୟିକ

## ଭାଷାକୁ ନେଇ କରାଯାଉଥିବା ଏହି କାର୍ଯ୍ୟକ୍ରମ ଖୁବ୍ ଉତ୍ସାହଜନକ

ଓଡ଼ିଆ ଭାଷା ସମ୍ମିଳନୀ ପ୍ରଶଂସନୀୟ ଓ ଖୁବ୍



ଉତ୍ସାହଜନକ ପଦକ୍ଷେପ । ୧୯୩୬ ଏପ୍ରିଲ୍ ୧ରେ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା । ପରବର୍ତ୍ତୀ ସମୟରେ ୨୦୧୪ ମାର୍ଚ୍ଚ ୧୧ରେ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା । ସେବେଠାରୁ ଭାଷା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବହୁତ ଗୁଡ଼ିଏ କାର୍ଯ୍ୟକ୍ରମ କରାଯାଉଛି । ସଦ୍ୟ ଓଡ଼ିଆ ଭାଷା ଆଉ ଏକ ମାଇଲଖୁଣ୍ଟ ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ସେହିଭଳି ସଂସ୍କୃତି ବିଭାଗର ନାମକୁ ପରିବର୍ତ୍ତନ କରାଯାଇ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗକୁ ପରିବର୍ତ୍ତନ କରାଗଲା । ଏହାସହ ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ବିଭିନ୍ନ ଦିଗକୁ ନେଇ ସମ୍ମାନ ରଖାଯାଇଛି । ଯାହା ଖୁବ୍ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ପ୍ରଫେସର୍ ବସନ୍ତ କୁମାର ପଣ୍ଡା

## ଓଡ଼ିଆ ଭାଷାର ପ୍ରଚାର ଦିଗରେ ଭାଷା ସମ୍ମିଳନୀ ଏକ ଆହ୍ୱାନ



ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଏକ ଉତ୍ସବ ନୁହେଁ, ବରଂ ଏକ ଅସ୍ମିତାର ବିଦ୍ରୋହ । ଦୀର୍ଘ ଅଢ଼େଇ ହଜାର ବର୍ଷର ଏଇ ପ୍ରାଚୀନ ଓ ଗୌରବମୟ ଭାଷାର ସୁରକ୍ଷା ତଥା ଏହାର ପ୍ରଚାର, ପ୍ରସାର କରିବା ଦିଗରେ ଏହି ଭାଷା ସମ୍ମିଳନୀ ଏକ ଆହ୍ୱାନ । ପ୍ରତିଟି ଓଡ଼ିଆ ଏଥିପାଇଁ ଗର୍ବିତ ବୋଧ କରୁଛି । ଭାରତବର୍ଷର ଏକ ମହାନ୍ ଶାସ୍ତ୍ରୀୟ ଭାଷାକୁ ସୁରକ୍ଷା ଦେବା ତଥା ଭାଷା ତାତ୍ତ୍ୱିକ ବିଚାରବିମର୍ଶ ପାଇଁ ଦ୍ୱାର ଉନ୍ମୁକ୍ତ କରିବା ହିଁ ଏହି ଭାଷା ଆନ୍ଦୋଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ମୁଁ ଅନ୍ତରର ସହିତ ଏହି ସମ୍ମିଳନୀକୁ ସ୍ୱାଗତ କରୁଛି ।

ଅଜୟ ସ୍ୱାଇଁ, ବିଶିଷ୍ଟ କଥାକାର

## ସମସ୍ତଙ୍କ ପାଇଁ ଗୌରବର ବିଷୟ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଥିରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ପ୍ରାସଙ୍ଗିକତା



ଉପରେ ବିଦ୍ୱାନ ମାନଙ୍କ ଦ୍ୱାରା ଅନେକ ବିଚାର ବିମର୍ଶ ହେବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ । ଆଗାମୀ ଦିନରେ ଯୁବବର୍ଗଙ୍କ ପାଇଁ ଏହି ସମ୍ମିଳନୀ ଶିକ୍ଷଣୀୟ ହେବା ସହ ଭାଷା ପ୍ରୀତି ଜାଗ୍ରତ କରିବ । 'ଭାଷା ହିଁ ଭବିଷ୍ୟତ' ଏହି ସମ୍ମିଳନୀର ଟ୍ୟାଗ ଲାଇନ ରହିଛି । ଏହା ସମସ୍ତଙ୍କୁ ଆକୃଷ୍ଟ କରିବ ।

ଦିଲୀପ ରାଉତରାଏ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ

## ଭାଷା ସମ୍ମିଳନୀ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର କଥା



ବର୍ତ୍ତମାନ ଦେଖାଯାଉଛି ଆମେ ଓଡ଼ିଶା ପ୍ରଦେଶ ପାଇଛେ, ଓଡିଆ ଭାଷା ବି ଆମ ପାଖରେ ଅଛି, ଓଡିଆ ସାହିତ୍ୟର ଏକ ଐତିହ୍ୟ ମଧ୍ୟ ରହିଛି । ହେଲେ ଆଜିର ଓଡିଆ ପରିବାରର ପିଲାମାନେ ଓଡିଆ କହିବାକୁ ସଙ୍କୁଚିତ ହେଉଛନ୍ତି ଓ ଇଂରାଜୀ ବିଦ୍ୟାଳୟରେ ପଢ଼ିବାକୁ ବେଶୀ ଆଗ୍ରହୀ ହେଉଛନ୍ତି । ସେମାନଙ୍କ ମନରେ ଏକ ଧାରଣା ରହିଯାଇଛି କି ଓଡ଼ିଆରେ ଯେଉଁ ଭବିଷ୍ୟତ ସେମାନେ ଆଶା କରିପାରିବେନି ତାହା ତାଙ୍କୁ ଇଂରାଜୀ ପଢ଼ିକି ମିଳିବ ସେଥିପାଇଁ ସେମାନେ ଓଡିଆକୁ ନ୍ୟୁନ ଦୃଷ୍ଟିରେ ଦେଖୁଛନ୍ତି । କିନ୍ତୁ ବର୍ତ୍ତମାନ ଯୁବପିଢି ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଭାଷା ଅଧିକ ପଢ଼ିବା କଥା । ଗଣମାଧ୍ୟମ ମଧ୍ୟ ଏଥିପାଇଁ ଏକପ୍ରକାର ଦାୟୀ ବୋଲି କହିପାରିବା । ସେମାନେ ଗଣମାଧ୍ୟମରୁ ଯାହା ଦେଖିଲେ ତାହା ହିଁ ଶିଖିଲେ । ତେଣୁ ଓଡ଼ିଆ ଭାଷା ପାଇଁ ଆମ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି ତାହା ପ୍ରଶଂସନୀୟ । ଏହା ଓଡିଆଙ୍କ ମନକୁ ଆନ୍ଦୋଳିତ କରିବା ସହ ଓଡିଆ ଭାଷା ପ୍ରତି ଅଧିକ ସଚେତନ ହେବେ । ଏହି ଭାଷା ସମ୍ମିଳନୀ ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବର କଥା ।

ଅପର୍ଣ୍ଣା ମହାନ୍ତି, କବୟିତ୍ରୀ

## ଓଡ଼ିଆ ଭାଷା ପ୍ରତିଷ୍ଠାନ

ଓଡ଼ିଆ ଭାଷାର ସଂରକ୍ଷଣ, ସମୃଦ୍ଧି ଓ ସମ୍ପ୍ରସାରଣ ପାଇଁ ସଂକଳ୍ପବଦ୍ଧ ଏକ ସ୍ୱୟଂଶାସିତ ଅନୁଷ୍ଠାନ । ୨୦୦୬ ମସିହା ଏପ୍ରିଲ୍ ୧ ତାରିଖ (ଉତ୍କଳ ଦିବସ)ରେ ଏହି ପ୍ରତିଷ୍ଠାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି । ପ୍ରତିଷ୍ଠା ଦିନଠାରୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିଲା । ବର୍ତ୍ତମାନ ଓଡ଼ିଆ ଭାଷା ପ୍ରତିଷ୍ଠାନ ତା୨୪.୦୬.୨୦୧୫ରିଖଠାରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରୁଛି । ଏହାର ଏକ ସାଧାରଣ ପରିଷଦ ଓ ଏକ କାର୍ଯ୍ୟନିର୍ବାହୀ କମିଟି ଅଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସାଧାରଣ ପରିଷଦର ସଭାପତି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଏହାର ଉପସଭାପତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ କାର୍ଯ୍ୟନିର୍ବାହୀ କମିଟିର ଅଧ୍ୟକ୍ଷ ଏବଂ ମୁଖ୍ୟ ଶାସନସଚିବ ଏହି କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କାର୍ଯ୍ୟନିର୍ବାହ କରନ୍ତି ।

# ଓଡ଼ିଆ ଭାଷାର ଐତିହ୍ୟ ଓ ଅସ୍ମିତା

**ଡ. ପ୍ରୀତିଧାରା ସାମଲ**

ମନର ଭାବକୁ ପ୍ରକାଶ କରିବା ଓ ଅନ୍ୟର ପ୍ରକାଶିତ ଭାବକୁ ବୁଝିବାର ସହଜ ମାଧ୍ୟମ ହେଉଛି ଭାଷା । ସ୍ୱଭାବ ସୁଲଭ ଭାବରେ ମଣିଷ ଭିତରେ ଏହି ପ୍ରକ୍ରିୟାଟି ବିକଶିତ ହେଇଥାଏ । ଏକ ନିର୍ଦ୍ଦିଷ୍ଟ ପରିବେଶରେ ବଞ୍ଚି ସାଧାରଣ ମଣିଷଟିଏ ସେହି ପରିବେଶରେ ବ୍ୟବହୃତ ଭାଷାଟିକୁ କେତେବେଳେ କହିବା ଓ ବୁଝିବାକୁ ସାମର୍ଥ୍ୟର ଅଧିକାରୀ ହୋଇଥାଏ, ସେ ହୁଏତ ଜାଣିପାରେ ନାହିଁ । କୁହାଯାଏ ଭାଷା କହିବା ଓ ବୁଝିବା ମଣିଷର ସହଜାତ । ପରବର୍ତ୍ତୀ କାଳରେ ଆବଶ୍ୟକତାକୁ ନେଇ ମଣିଷ ଭାଷାକୁ ଲେଖିବା ଓ ଗଢ଼ିବା ଆୟତ୍ତ କରେ । ପୃଥିବୀରେ ଅସଂଖ୍ୟ ଭାଷା ରହିଛି । ବହୁ ସଂଖ୍ୟକ ଲୋକ କହୁଥିବା ଭାଷା ଓ ଅଳ୍ପ ସଂଖ୍ୟକ ଲୋକ କହୁଥିବା ଭାଷା ।

ନଈ କି ପାହାଡ଼ଟିଏ ଡେଇଁଲେ ଭାଷା ବଦଳିଯାଏ । ଭାଷା ବଦଳିଯାଏ କହିଲେ ହୁଏତ ଠିକ୍ ହେବ ନାହିଁ, ବୋଲି ବଦଳିଯାଏ । ପ୍ରତିଭାଷାର ଏମିତି ଅନେକ ବୋଲି ରହିଛି । ଏକ ନିର୍ଦ୍ଦିଷ୍ଟ ଭାଷା, ଏକ ବ୍ୟାପକ ଅଞ୍ଚଳରେ ବହୁଲୋକଙ୍କ ମୁଖରେ କଥିତ ହୁଏ । ଏହାକୁ ସେ ଅଞ୍ଚଳର ଲୋକେ ନିର୍ବିଘ୍ନରେ ବୁଝିପାରନ୍ତି ଓ କହିପାରନ୍ତି । ବୁଝିବା ଓ କହିବା ଭାଷାର ଦୁଇଟି ମୁଖ୍ୟ ଦିଗ । ଭାଷାକୁ ସାଇତି ରଖିବା ପାଇଁ ଲିପିର ଆବଶ୍ୟକତା ପଡ଼ିଥାଏ । ଗୋଟିଏ ପୂର୍ଣ୍ଣାଙ୍ଗ ଭାଷାରେ ମୁଖ୍ୟତଃ ଚାରୋଟି ଲକ୍ଷଣ ପରିଦୃଷ୍ଟ ହୋଇଥାଏ । ପ୍ରଥମଟି ଶବ୍ଦକୋଷ । ଦ୍ୱିତୀୟରେ ବ୍ୟାକରଣ । ତୃତୀୟରେ ଉଭୟ କଥିତ ଓ ଲିଖିତ ସାହିତ୍ୟ ଏବଂ ଚତୁର୍ଥରେ ଲିପି । ହୃଦୟର ବହୁମୁଖୀ ଭାବକୁ ପ୍ରକାଶ କରିବା ପାଇଁ କୌଣସି ପୂର୍ଣ୍ଣାଙ୍ଗ ଭାଷାରେ ଶବ୍ଦର ଅଭାବ ନଥାଏ । ସକଳ ପରିସ୍ଥିତିରେ ସକଳ ପ୍ରକାର ଭାବକୁ ପ୍ରକାଶ କରିପାରିଲା ଭଳି ଶକ୍ତି ସମ୍ପନ୍ନ ଶବ୍ଦ ହିଁ ଭାଷାର ମୂଳ ଆଧାର । ଏହାକୁ ଏକ ଶବ୍ଦକୋଷରେ ଏକତ୍ର କରାଯାଏ । ଯେଉଁ ଦୃଷ୍ଟିରୁ ଗୋଟିଏ ଭାଷା ଅନ୍ୟ ଏକ ଭାଷାଠାରୁ ଭିନ୍ନ ଜଣାପଡ଼େ, ତାହା ଉକ୍ତ ଭାଷାର ଗଠନ ରୀତି ଏବଂ ଶବ୍ଦ ଓ ବାକ୍ୟଗଠନ, ଭାଷାର ନିଜସ୍ୱ ରୀତି ହିଁ ଭାଷାର ବ୍ୟାକରଣ । ଭାଷାର ଉପଲବ୍ଧ ସାହିତ୍ୟରୁ ଭାଷାର ପ୍ରାଚୀନତା କଳନା କରିହୁଏ । ଭାଷାର ସମୃଦ୍ଧି ଏହାର ସାହିତ୍ୟରୁ ଆକଳନ କରିହୁଏ ଏବଂ ପ୍ରତ୍ୟେକ ଭାଷାରେ ଥିବା ଲିପି ହିଁ ଉତ୍ତର ପୁରୁଷଙ୍କ ପାଇଁ ଭାଷାକୁ ସାଇତି ରଖିବାର ଅବଲମ୍ବନ ।

ଭାଷା ଓ ସଂସ୍କୃତି ଗୋଟିଏ ଜାତିର ପ୍ରାଣପିଣ୍ଡ । ଭାଷା ପାରସ୍ପରିକ ଭାବ ବିନିମୟ ମାଧ୍ୟମ ରୂପେ ଜାତିକୁ ସଂଗଠିତ ଓ ସୁଦୃଢ଼ କରେ ଓ ସଂସ୍କୃତିର ରକ୍ଷାକବଚ ରୂପେ କାର୍ଯ୍ୟ କରେ । ଭାଷା ଏହାର ସାହିତ୍ୟ ମାଧ୍ୟମରେ ଗୋଟିଏ ଜାତିର ପ୍ରାଚୀନ ଐତିହ୍ୟ ଓ ପରମ୍ପରାକୁ ସାଇତି ରଖିଥାଏ । ଠିକ୍ ସେମିତି ସାହିତ୍ୟ ଗୋଟିଏ ଜାତିର ସଂସ୍କୃତିକୁ, ଚିନ୍ତାଚେତନାକୁ ପ୍ରଚାର ଓ ପ୍ରସାର କରିବା ଦିଗରେ ସହାୟକ ହୋଇଥାଏ । ଗୋଟିଏ ଭାଷାର ସାହିତ୍ୟ ମାଧ୍ୟମରେ ସେ ଜାତିର ଗଭୀରତାର କଳନା କରାଯାଇପାରେ । ଶୂଦ୍ରମୁନି ସାରଳାଦାସଙ୍କ କାଳଜୟୀ କୃତି ତାଙ୍କର ବିରାଟକାୟ 'ମହାଭାରତ'ରେ ଓଡ଼ିଶା ଭୂଖଣ୍ଡରେ ବାସ କରୁଥିବା ଏକ ପ୍ରାଚୀନ ଜାତିର ପଞ୍ଚଦଶ ଶତାବ୍ଦୀର ସାମାଜିକ, ରାଜନୈତିକ, ଆଧ୍ୟାତ୍ମିକ ସର୍ବୋପରି ସାଂସ୍କୃତିକ ଚିତ୍ର ଉପଲବ୍ଧ ହୁଏ । ଫକୀର ମୋହନଙ୍କ ଉପନ୍ୟାସ ଗୁଡ଼ିକରେ ସମକାଳୀନ ଓଡ଼ିଶାର ସମାଜ ପ୍ରତିଫଳିତ ହୁଏ । ଏଣୁ କହିବାକୁ ହେବ ଯେ ଭାଷା ହିଁ ଗୋଟିଏ ଜାତିର ପରିଚୟ ତିଆରି କରେ ।

ଜାତିର ପ୍ରବୃତ୍ତିର ପରିଚାୟକ ହେଉଛି ଭାଷା । ଓଡ଼ିଆର ଓଡ଼ିଆତ୍ୱର ପରିଚୟ ମିଳେ ତା'ର ଭାଷାରୁ । ଗୋଟିଏ ଜାତି ଭାଷାକୁ ହରେଇଲେ, ତା'ର ପ୍ରବୃତ୍ତି ହଜିଯାଏ । ତେଣୁ କାଳେ କାଳେ ଏକ ଭାଷାଭାଷୀ ଲୋକ ଅର୍ଥାତ ଗୋଟିଏ ଜାତିର ଲୋକ ଏକାଠି ରହିବାକୁ ପସନ୍ଦ କରନ୍ତି । ଭାଷାକୁ ସେଇ ଏକାଠି ହେଇଯିବା




ଏକ ପ୍ରବୃତ୍ତି ଏବଂ ଏକ ସ୍ୱାଭାବିକ ପ୍ରକ୍ରିୟା । ଏହି ଦୃଷ୍ଟିରୁ ଓଡ଼ିଆ ଭାଷାଭାଷୀଙ୍କୁ ନେଇ ଓଡ଼ିଆ ଜାତିର କଳ୍ପନା କରାଯାଇପାରେ । ଏମାନଙ୍କ ମଧ୍ୟରେ ଥିବା ଭାଷାଗତ ବିଚାରଟି ହେଉଛି ଓଡ଼ିଆତ୍ୱ ।

ସ୍ୱଭାବକବି ଗଙ୍ଗାଧର ମେହେର ଲେଖିଥିଲେ-

'ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ'

ଓଡ଼ିଶା ଆମର ମାତୃଭୂମି । ଆମ ମାତୃଭାଷା ଓଡ଼ିଆ ହିଁ ଓଡ଼ିଆତ୍ୱ ତିଆରି କରେ । ଏହି ଭାଷା ହିଁ ଓଡ଼ିଶାର ଜନସାଧାରଣଙ୍କୁ ଐକ୍ୟ ସୂତ୍ରରେ ସ୍ୱାଭାବିକ ଭାବରେ ବାନ୍ଧି ରଖେ । ଏହାରି ମାଧ୍ୟମରେ ସେମାନେ ପାରସ୍ପରିକ ଭାବବିନିମୟ କରି ଓଡ଼ିଶାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥାନ୍ତି । ଭାଷା ଯଦି ହଜିଯାଏ ତେବେ ଆମକୁ ବହୁତ କଥା ହରେଇବାକୁ ପଡ଼ିବ । ଓଡ଼ିଶାର ଏକ ପ୍ରାଚୀନ ଋଦ୍ଧିମନ୍ତ ସଂସ୍କୃତି ଲୋପ ପାଇଯିବ । କାରଣ ସଂସ୍କୃତିକୁ ଭାଷା ହିଁ ଧରି ରଖିଥାଏ । ଉପାନ୍ତଅଞ୍ଚଳ ଓ ବିଚ୍ଛିନ୍ନାଞ୍ଚଳକୁ ଲକ୍ଷ୍ୟ କଲେ ବୁଝିହୁଏ ଯେ ଭାଷା ବିଲୋପ ସହ ସଂସ୍କୃତି ବି ନଷ୍ଟ ହେଉଛି ଏବଂ ଅନ୍ୟ ଏକ ଭାଷା ତଥା ସଂସ୍କୃତି ତା'ର ସ୍ଥାନ ଅକ୍ତିଆର କରୁଛି । ତେଣୁ ଭାଷା ଯେ ସଂସ୍କୃତିର ବାହକ ଏକଥା ସ୍ୱୀକାର କରିବାକୁ ପଡ଼ିବ ।

୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠିତ ହେଲା । ଏହା ଏକ ରାଜନୈତିକ ଏକତ୍ରୀକରଣ ମାତ୍ର । ଏହା ପରେ ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବାହାରେ ରହିଗଲା । ଅନ୍ୟ ରାଜ୍ୟମାନଙ୍କରେ ରହିଗଲେ ମଧ୍ୟ ସେଗୁଡ଼ିକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ । ଓଡ଼ିଆ କହୁଥିବା ସେଇ ଲୋକମାନେ ହେଉଥିବା ଓଡ଼ିଆ । ଯେତେଦିନ ଯାଏ ସେମାନେ ଓଡ଼ିଆ କହୁଥିବେ ଓ ବୁଝୁଥିବେ ସେମାନଙ୍କଠାରେ ଓଡ଼ିଆତ୍ୱ ଉଜ୍ଜୀବିତ ରହିଥିବ । ତେବେ ଯେଉଁ ଓଡ଼ିଆମାନେ ମିଦିନାପୁର, ଷଢ଼େଇକଳା, ଖରସୁଆଁ, ଛତିଶଗଡ଼ କି ଆନ୍ଧ୍ରପ୍ରଦେଶରେ ରହିଗଲେ, ସେମାନେ ଆଉ କେତେକାଳ ଆପଣା ସ୍ଥିତିକୁ ସୁରକ୍ଷା ଦେଇପାରିବେ । ଆବଶ୍ୟକତା ଦୃଷ୍ଟିରୁ ଯେଉଁମାନେ ଘରେ ହେଉ କି ବାହାରେ ଓଡ଼ିଆ ଆଉ କହିବେ ନାହିଁ, ଭାଷାକୁ ଭୁଲିଯିବେ ସେମାନେ ଗୋଟିଏ ଦୁଇଟି ପିଢ଼ି ପରେ ସତ୍ତା ହରେଇ ବସିବେ ।

୨୦୧୩ ମସିହା ଜୁଲାଇ ୨୩ ତାରିଖ ଦିନ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ଓଡ଼ିଆ ଭାରେ ଯେ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଭାଷା ଏହା ପ୍ରମାଣିତ ହେଇସାରିଛି । ଓଡ଼ିଆ ଏକ ଋଦ୍ଧିମନ୍ତ ଭାଷା ଓ ପ୍ରାଚୀନ ଭାଷା । ହିନ୍ଦୀ, ବଙ୍ଗଳା ଓ ଅସମୀୟା ଅପେକ୍ଷା ଏହି ଭାଷା ପ୍ରାଚୀନ । ଏହା ଅଢ଼େଇ ହଜାର ବର୍ଷରୁ ଊର୍ଦ୍ଧ୍ୱକାଳର ଭାଷା ଏବଂ ଏକ ମୌଳିକ ଭାଷା । ଅଶୋକଙ୍କ ଶିଳାଲେଖ ଠାରୁ ଆରମ୍ଭ କରି ଓରଜାମ ଶିଳାଲେଖ ପର୍ଯ୍ୟନ୍ତ ଏବଂ ପରେ ସୋମବଂଶୀ ଓ ଗଙ୍ଗବଂଶୀ ନରପତିମାନଙ୍କ ଶାସନ କାଳର ଶିଳାଲେଖ ଓ ତାମ୍ରଫଳକ ଦେଇ ପଞ୍ଚଦଶ ଶତାବ୍ଦୀରେ ମହାକବି ସାରଳାଙ୍କ ମହାଭାରତ ଭଳି ତାମ୍ରପତ୍ର ଲିଖିତ କାବ୍ୟକୃତି ପର୍ଯ୍ୟନ୍ତ ଓଡ଼ିଆ ଭାଷାର ନିରବଚ୍ଛିନ୍ନ କ୍ରମିକ ବିକାଶ ଲକ୍ଷ୍ୟ କରିହୁଏ । ସାରଳାଙ୍କ ପାଞ୍ଚଶହ ବର୍ଷ ପୂର୍ବରୁ ରଚିତ ଚର୍ଯ୍ୟାଗୀତି ଗୁଡ଼ିକରୁ ଆରମ୍ଭ କରି ସାରଳାଙ୍କ ପର୍ଯ୍ୟନ୍ତ ବହୁଗ୍ରନ୍ଥ ରଚିତ ହେଇଥିବାର ଅନୁମାନ କରାଯାଏ । ନ ହେଲେ ଓଡ଼ିଆ ଭାଷାରେ ସାରଳା ମହାଭାରତ ଭଳି ବିରାଟକାୟ ଗ୍ରନ୍ଥକୁ ଓଡ଼ିଆ ପ୍ରାକୃତ ରୂପ ଦେବାର ସାମର୍ଥ୍ୟ ଲାଭ କରିପାରି ନଥାନ୍ତେ । ସାରଳାଙ୍କ ପୂର୍ବରୁ ନାଥ ସମ୍ପ୍ରଦାୟର ଶିଶୁବେଦ, ସପ୍ତାଙ୍ଗ, ଅବଧୂତ ନାରାୟଣ ସ୍ୱାମୀଙ୍କ ଗଦ୍ୟକାବ୍ୟ ରୁଦ୍ର ସୁଧାନିଧି, ବିଭିନ୍ନ ବ୍ରତକଥା, ବତ୍ସାଦାସଙ୍କ 'କଳସା ଚଉତିଶା' ଓ ମାର୍କଣ୍ଡ ଦାସଙ୍କ କେଶବ କୋଇଲି ବ୍ୟତୀତ ମାଦଳାପାଞ୍ଜି ବି ରଚିତ ହେଇଛି । ଏହି ସମୟର ଅନ୍ୟାନ୍ୟ କୃତି ସମ୍ପର୍କରେ ଅନୁସନ୍ଧାନ ଚାଲିଛି ।

ଓଡ଼ିଆ ଏକ ଜୀବନ୍ତ ଭାଷା ହୋଇଥିବାରୁ ଅହରହ ପରିବର୍ତ୍ତନଶୀଳ । ଆଜି ବ୍ୟବହୃତ ଅନେକ ବୈଦେଶିକ ଶବ୍ଦ ଲେଖିଲାବେଳେ ଯେଉଁ ବର୍ଣ୍ଣଗୁଡ଼ିକର ଆବଶ୍ୟକତା ରହିଛି, ତାକୁ ଆମ ଭାଷାରେ ଭର୍ତ୍ତି କରିବାକୁ ପଡ଼ିବ । ବର୍ତ୍ତମାନ ସାରା ବିଶ୍ୱରେ ଜଗତୀକରଣ ଓ ଉଦାରୀକରଣ ଭଳି ରୀତି ସବୁଆଡ଼େ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଅନୁସୃତ ହେଉଛି । ଭାଷା କ୍ଷେତ୍ରରେ ଏହି ପ୍ରକ୍ରିୟାଟି ପ୍ରବଳରୁ ପ୍ରବଳତର । ଟେଲିଭିଜନ ଓ ସାମାଜିକ ଗଣମାଧ୍ୟମରେ ଇଂରାଜୀ ଓ ହିନ୍ଦୀ ଭଳି ଭାଷାର ଯେଉଁ ବିସ୍ଫୋରଣ ତାହା ଓଡ଼ିଆ ଭାଷା ପ୍ରତି ପ୍ରତିକୂଳ ଚାପ ସୃଷ୍ଟି କରୁଛି । ପୁଣି ଭାରତୀୟ ସାହିତ୍ୟ କ୍ଷେତ୍ରରେ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଇଂରାଜୀ ଓ ହିନ୍ଦୀର ପ୍ରମୁଖତା ଓଡ଼ିଆ ଭଳି ଆଞ୍ଚଳିକ ଭାଷାକୁ ଗୌଣ କରିଦେଉଛି । କେବଳ ଓଡ଼ିଆ ନୁହେଁ, ବହୁ ଭାରତୀୟ ଭାଷା ଏପରି ସଂକଟର ସମ୍ମୁଖୀନ ।

ଏମିତି ପରିବର୍ତ୍ତନ ପରେ ଯାହା ରହିବ ତା'କୁ ଓଡ଼ିଆ ବୋଲି କୁହାଯିବ । ବହୁ ପରିବର୍ତ୍ତନ ମଧ୍ୟ ଦେଇ ଓଡ଼ିଶା ନାମ ଭୂଖଣ୍ଡର ଲୋକେ ଯେଉଁ ଭାଷା କହୁଥିବେ ତାହା ଓଡ଼ିଆ । ଓଡ଼ିଆ କ୍ଷେତ୍ରରେ ତା'ର ସ୍ୱତନ୍ତ୍ର ଲିପି ଭାଷାକୁ ରକ୍ଷା କବଚ ପରି ସୁରକ୍ଷା ଦେଉଛି । ଏହାର ସୁରକ୍ଷା ପାଇଁ ସରକାରୀ ସ୍ତରରେ ମଧ୍ୟ ଉଲ୍ଲେଖନୀୟ ଉଦ୍ୟମ - 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ମାଧ୍ୟମରେ ଆରମ୍ଭ ହେଇଛି । ଓଡ଼ିଆ ଲୋକ ବି ଏହାର ସୁରକ୍ଷା ପାଇଁ ଆପଣାସ୍ତରରେ ଯଥାଶକ୍ତି ଉଦ୍ୟମ କରିବା ଉଚିତ । ଓଡ଼ିଆଙ୍କ ପୁରୋଦୃଷ୍ଟିରେ ଓଡ଼ିଆ ଭାଷା, ସଂସ୍କୃତି ସର୍ବୋପରି ଓଡ଼ିଆ ଜାତିର ଉନ୍ନତିର ପରିକଳ୍ପନା ଉଦ୍‌ଭାସିତ ହେଉ ।

ଦେବାଶ୍ରିତ
ପୂଜାରୀପୁଟ ରୋଡ଼, କୋରାପୁଟ

## ସୁଲଭ ମୂଲ୍ୟରେ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା

# ପ୍ରଥମ ଥର ପିପିପି ମୋଡ୍‌ରେ ହେବ ୫ ଡାକ୍ତରଖାନା

■ **ଭୁବନେଶ୍ୱର, ୩୦।୧ (ସମିସ):** ପ୍ରତିଟି ଜୀବନ ମୂଲ୍ୟବାନ୍ ନୀତି ଆଧାରରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପକ୍ଷରୁ ପ୍ରଥମ ଥର ପାଇଁ ପିପିପି ମୋଡ୍‌ରେ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା କରାଯିବ। ବଡ଼ବିଲ, ଅନୁଗୁଳ, ଭଦ୍ରକ, ଝାରସୁଗୁଡ଼ା ଓ ଗୋପାଳପୁରରେ ସରକାରୀ ଘରୋଇ ଭାଗିଦାରୀ (ପିପିପି)ରେ ଏହି ଡାକ୍ତରଖାନାଗୁଡ଼ିକ ଆଗାମୀ ଦୁଇବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏଠାରେ ସବୁ ପ୍ରକାର ସେବା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ଆଉ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

**■ ରୋଗୀ ଓ ସହାୟକଙ୍କ ପାଇଁ ମାଗଣାରେ ଖାଦ୍ୟ ବ୍ୟବସ୍ଥା**
**■ ବିଏସ୍‌କେୱାଇ ହିତାଧିକାରୀଙ୍କୁ ମିଳିବ ମାଗଣା ସ୍ୱାସ୍ଥ୍ୟସେବା**

ସୂଚନା ଅନୁସାରେ ଭଦ୍ରକ ଓ ଝାରସୁଗୁଡ଼ାରେ ଡାକ୍ତରଖାନା ପ୍ରତିଷ୍ଠା ଓ ପରିଚାଳନା ପାଇଁ ଆରୋଗ୍ୟ କେୟାର ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗୋପାଳପୁରରେ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ। ସେହିପରି ବଡ଼ବିଲ୍ ଓ ଅନୁଗୁଳରେ ସିଲିକନ୍ ବିଶ୍ୱବିଦ୍ୟାଳୟ ପିପିପି ମୋଡ୍‌ରେ ଡାକ୍ତରଖାନା ପ୍ରତିଷ୍ଠା କରିବ। ସେଠାରେ ରୋଗୀ ଏବଂ ସହାୟକଙ୍କୁ ବିନା ମୂଲ୍ୟରେ ଖାଦ୍ୟ ମିଳିବ। ବଡ଼ କଥା ହେଉଛି ସରକାରୀ ଓ ଘରୋଇ ସଂସ୍ଥା ଉଦ୍ୟମରେ ପ୍ରତିଷ୍ଠା ହେବାକୁ ଥିବା ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିବା ସହ ରୋଗୀଙ୍କ ୱାର୍ଡ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣ ୱାର୍ଡରେ ଥିବା ଶଯ୍ୟାକୁ ଆଇସିୟୁ ଶଯ୍ୟାରେ ପରିଣତ କରାଯିବା ନେଇ ମଧ୍ୟ ବ୍ୟବସ୍ଥା କରାଯିବ। ଅପରପକ୍ଷେ ସମ୍ପୃକ୍ତ ଡାକ୍ତରଖାନାଗୁଡିକ କଟକ ଓ ଭୁବନେଶ୍ୱରରେ ଏବଂ ରାଜ୍ୟ ବାହାରେ ଥିବା କିଛି ସୁପରସ୍ପେଶାଲିଟି ହସ୍ପିଟାଲ ସହିତ ଅନୁବନ୍ଧିତ ହେବେ। ଯଦ୍ୱାରା ଜରୁରୀ ପରିସ୍ଥିତିରେ ଅନୁବନ୍ଧିତ ଡାକ୍ତରଖାନାରେ ସୁପରସ୍ପେଶାଲିଟି ଡାକ୍ତର ଅନ୍‌ଲାଇନ୍‌ରେ ଡାକ୍ତରମାନଙ୍କୁ ଚିକିତ୍ସାରେ ସହାୟତା କରିପାରିବେ। ଆବଶ୍ୟକ ହେଲେ ରୋଗୀଙ୍କୁ ସମ୍ପୃକ୍ତ ଅନୁବନ୍ଧିତ ସୁପରସ୍ପେଶାଲିଟି ହସ୍ପିଟାଲକୁ ରେଫର କରାଯିବ। ଏହି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ସହିତ ଶିକ୍ଷାଦାନ ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ହେବ। ସେଠାରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପାଇଁ ପାଠ୍ୟକ୍ରମ ପ୍ରଚଳନ କରାଯିବ।

ଏହି ଡାକ୍ତରଖାନାଗୁଡ଼ିକ ୨୦୦ ଶଯ୍ୟା ବିଶିଷ୍ଟ ରହିବ। ଏଥିସହ ୨୪ ଘଣ୍ଟିଆ ଟ୍ରମା କେୟାର ଚିକିତ୍ସା, ମଲ୍ଟି ସ୍ପେଶାଲିଟି, ସୁପରସ୍ପେଶାଲିଟି, ଓପିଡି, ଆଇପିଡି ସେବା ଉପଲବ୍ଧ ହେବ। ଅପରପକ୍ଷେ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା ସହିତ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ କ୍ୟାସଲେସ୍ ସୁବିଧା ଉପଲବ୍ଧ ହେବ। ଆବଶ୍ୟକସ୍ଥଳେ ସରକାରୀ ମେଡିକାଲ କଲେଜରୁ ଶିକ୍ଷା ସମାପ୍ତ କରୁଥିବା ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ସେଠାରେ ନିଯୁକ୍ତି ଦେବା ବ୍ୟବସ୍ଥା ହେବ। ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଜିଲ୍ଲାସ୍ତରରେ ମେଡିକାଲ କଲେଜ ପ୍ରତିଷ୍ଠା କରୁଥିବା ବେଳେ ଆମ ହସ୍ପିଟାଲ କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ଏବଂ ଅନ୍ୟ ବର୍ଗର ଡାକ୍ତରଖାନାର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ତଥାପି ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଆହ୍ୱାନ ସୃଷ୍ଟି କରୁଛି। ଏହି ଅଭାବ ଦୂର ପାଇଁ ଘରୋଇ ସଂସ୍ଥା ସହାୟତାରେ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନର ସ୍ଥିତିରେ ପୂର୍ବାପେକ୍ଷା ଉଲ୍ଲେଖନୀୟ ଉନ୍ନତି ଆସିଥିଲେ ସୁଦ୍ଧା ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରର ବଡ଼ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି 'ଓଡ଼ିଶା ଆଫୋର୍ଡେବଲ୍ ହେଲଥ୍ କେୟାର ପ୍ରୋଜେକ୍ଟ' ଅଧିନରେ ଘରୋଇ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ସୁଯୋଗ ସୃଷ୍ଟି କରିଛନ୍ତି।


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆ବର୍ଷ-୪୧ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ବୁଧବାର ◆୩୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦
◆VOLUME- 41 ◆ISSUE-216 ◆BHUBANESWAR ◆WEDNESDAY ◆31 JANUARY 2024 ◆PAGE-16 ◆₹ 6.00


# ଲିଙ୍ଗରାଜ କୁଷ୍ଠ କଲୋନୀ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୩୦।୧ (ସମିସ):** ପଳାଶପଲ୍ଲୀଠାରେ ନବନିର୍ମିତ ଲିଙ୍ଗରାଜ କୁଷ୍ଠ କଲୋନୀ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏଥିରେ ୩୧ଟି ବାସଗୃହ ଥିବାବେଳେ ୯୪ଜଣ ହିତାଧିକାରୀ ଉପକୃତ ହେବେ। ଏମାନଙ୍କ ରହିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବାବେଳେ ଏମାନେ ସମସ୍ତେ ମଧୁବାବୁ ପେନସନ୍ ଯୋଜନାରେ ସାମିଲ ହୋଇଛନ୍ତି। ଏହାସହ ଏକ ମେଡ଼ିକାଲ ଟିମ୍ ପ୍ରତି ସପ୍ତାହରେ ସେମାନଙ୍କ ପାଖକୁ ଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି। ସେମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଡ୍ରେସିଂ କିଟ୍, ଜୋତା ଓ ଟ୍ରାଇ ସାଇକଲ ପ୍ରଭୃତି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ଫଳରେ ସେମାନେ ସୁଖ ଓ ସୁସ୍ଥ ଜୀବନ ନିର୍ବାହ କରିପାରୁଛନ୍ତି।

**ଉପକୃତ ହେଲେ ୯୪ ହିତାଧିକାରୀ**



## ଲୋକକଥା



ନ'ରୁ ନବେକୁ ଛୁଇଁବା ପାଇଁ କି
ଗଣିତ କଷୁଛି 'ହାତ',
'ଫୁଲ' କହୁଅଛି ଗାଦିରେ ବସିବ
ଶାସକକୁ ଦେଇ ମାତ।
ଜନତା ତ ଦେବେ ମତ,
ସ୍ୱର୍ଗକୁ ନିଶୁଣି ବାନ୍ଧିଲେ କି ହେବ
ସବୁ ଦେଖେ ଜଗନ୍ନାଥ !!

# ଆଜି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

■ **ଭୁବନେଶ୍ୱର,୩୦।୧(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି (ବୁଧବାର) ପ୍ରାୟ ୬ ହଜାର ପ୍ରତିଭାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଜିଲ୍ଲା ଓ ବ୍ଲକସ୍ତରୀୟ ପୁରସ୍କାରକୁ ମିଶାଇ ସମୁଦାୟ ୫୪ ହଜାରରୁ ଅଧିକ ପୁରସ୍କାର ପ୍ରଦାନ କରାଯିବ। ଏଥିପାଇଁ ପ୍ରାୟ ୧୩୮କୋଟି ଟଙ୍କା ଖର୍ଚ୍ଚ ହେଉଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ଶିକ୍ଷା ସହ ଜଡ଼ିତ ସମସ୍ତଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମଥର ଆୟୋଜିତ ହେଉଥିବା ଏପରି କାର୍ଯ୍ୟକ୍ରମ ଦେଶରେ ପ୍ରଥମ। ବ୍ୟକ୍ତିଗତ ଯୋଗଦାନଠାରୁ ଆରମ୍ଭ କରି ସାଂଗଠନିକ ଉଦ୍ୟମରେ ଶିକ୍ଷା କ୍ଷେତ୍ରକୁ ଅନନ୍ୟ ସୋପାନକୁ ନେଇଥିବା ଶ୍ରେଷ୍ଠମାନଙ୍କୁ ପୁରସ୍କୃତ କରିବା ପାଇଁ ବଛାଯାଇଛି। ବିଦ୍ୟାର୍ଥୀ, ପ୍ରଧାନଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନି କମିଟି, ପଞ୍ଚାୟତ, ବ୍ଲକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବା ଜିଲ୍ଲା ମଧ୍ୟ ପୁରସ୍କୃତ ହେବାକୁ ମନୋନୀତ ହୋଇଛନ୍ତି। 'ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ' ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

**■ ସମ୍ମାନିତ ହେବେ ୬ହଜାର ପ୍ରତିଭା**

# ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ ଯନ୍ତ୍ରୀ

■ **ମାଲକାନଗିରି/ଜଳେଶ୍ୱର, ୩୦।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତି। ଭିଜିଲାନ୍ସ ପକ୍ଷରୁ ଆଜି ତାଙ୍କର ମାଲକାନଗିରିସ୍ଥିତ ଭଡ଼ାଘର ସମେତ ଭୁବନେଶ୍ୱର ଓ ଜଳେଶ୍ୱର ସମେତ ମୋଟ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଶ୍ରୀ ମହାନ୍ତିଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଭିଜିଲାନ୍ସ ଚକିତ ହୋଇଛି। ଶ୍ରୀ ମହାନ୍ତିଙ୍କ ଜଳେଶ୍ୱର ଦେଉଳି ପଞ୍ଚାୟତରେ ଗୋଟିଏ ତିନି ମହଲା କୋଠା, ଭୁବନେଶ୍ୱର ରଘୁନାଥପୁରରେ '୨-ବିଏଚ୍‌କେ' ଫ୍ଲାଟ୍, ଜଳେଶ୍ୱର ଟାଉନ୍‌ରେ ୧୪ଟି ପ୍ଲଟ୍ ସମେତ ଘରୁ ନଗଦ ୧ଲକ୍ଷ ୪୩ ହଜାର ୨୨୦ ଟଙ୍କା, ୧୨.୭୦ ଲକ୍ଷର ଗୋଟିଏ ୪ ଚକିଆ ଏବଂ ଗୋଟିଏ ଦୁଇ ଚକିଆ ଯାନ ଠାବ କରାଯାଇଛି। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ ୮ ଲକ୍ଷ ଟଙ୍କା ଥିବା ବେଳେ ଘରର ଆସବାବପତ୍ର ମିଶି ୧୪.୧୮ ଲକ୍ଷ ଟଙ୍କା ହେବ। ଏସବୁର ଟିକିନିଖି ହିସାବ କରୁଛି ଭିଜିଲାନ୍ସ। ତାଙ୍କ ନାମରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଆସନ୍ତାକାଲି ତାଙ୍କୁ ଡିଏ ମାମଲାରେ ଗିରଫ କରାଯିବ ବୋଲି ଜଣାଯାଇଛି। ଆଜିର ଏହି ଚଢ଼ଉରେ ଭିଜିଲାନ୍ସର ୭ଟି ଟିମ୍ ସାମିଲ୍ ହୋଇଥିଲେ।



■ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ
■ ଗୋଟିଏ ୩ତାଲା କୋଠା, ରାଜଧାନୀରେ ଫ୍ଲାଟ୍ ଠାବ
■ ୧୪ଟି ପ୍ଲଟ୍, ୧.୪୩ ଲକ୍ଷର ଟଙ୍କା ଜବତ






# କଟକ ସିଟି

# ଧାର୍ଯ୍ୟ ଦରଠାରୁ କମ୍‌ରେ ଧାନ କିଣୁଛନ୍ତି ବେପାରୀ

କଟକ,୩୦ ।୧(ସମିସ)



ଚଳିତ ବର୍ଷ ଖରିଫ ଋତୁରେ ଧାନ କିଣା ଆରମ୍ଭ ହୋଇଥିଲେ ମଧ ଜିଲ୍ଲାରେ କଟନୀ-ଛଟନୀକୁ ନେଇ ବିବାଦ ତେଜିବାରେ ଲାଗିଛି । ଅନ୍ୟପଟରେ ଚାଷୀଙ୍କ ଠାରୁ ଢେର କମ ଦରରେ ବେପାରୀ ମାନେ ଧାନ କିଣି ସିଧାସଳଖ ମିଲ୍ ମାନଙ୍କରେ ପହଞ୍ଚାଉଥିବା ମଧ ଅଭିଯୋଗ ହେଉଛି । ଗୋଟିଏ ପଟରେ ମିଲରମାନଙ୍କୁ ସରକାର ଧାନ କିଣାରେ

## ମଣ୍ଡିରେ କଟ୍‌ନୀ-ଛଟନୀ !

ନିୟୋଜିତ କରିଥିଲେ ହେଁ ଗାଁଗହଳିରେ ବୁଲୁଥିବା ବେପାରୀମାନେ କମ୍ ଦରରେ ଧାନ ସଂଗ୍ରହ କରିବାରେ ଲାଗିଛନ୍ତି । ଧାନ କ୍ୱିଣ୍ଟାଲ ପ୍ରତି ସରକାରୀ ଦର ୨୧୮୦ଟଙ୍କା ଥିବାବେଳେ ବେପାରୀମାନେ କିନ୍ତୁ କ୍ୱିଣ୍ଟାଲ ପ୍ରତି ୪୦୦ଟଙ୍କା କମ ଦରରେ ଧାନ ସଂଗ୍ରହ କରୁଛନ୍ତି । ଏହି ଧାନକୁ ମିଲର ମାନେ ବି କିଣୁଛନ୍ତି । ଏବେ ବି ବହୁ ମିଲ୍ ଗୋଦାମ ଗୁଡ଼ିକରେ ଶହଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ରହିଛି । ହେଲେ ଏହାକୁ ଯୋଗାଣ ବିଭାଗ ଯାଞ୍ଚ କରୁନଥିବା ଅଭିଯୋଗ ହେଉଛି । ଅନ୍ୟପଟରେ କିନ୍ତୁ ପାକ୍ସ ଗୁଡ଼ିକ ସଲାସୁତରାରେ କଟ୍‌ନୀ ଛଟନୀ ଚାଲିଆସୁଛି । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏପରି ଅଭିଯୋଗର ଲମ୍ବା ଫର୍ଦ୍ଦ ଆସିବାରେ ଲାଗିଛି । ଧାନ କିଣା ବେଳେ କଟ୍‌ନୀ-ଛଟନୀକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିଲେ ବି ଏହା ଖୁଲମଖୁଲା ଚାଲିଆସୁଛି । ବିଭିନ୍ନ ଧାନମଣ୍ଡିରେ ଚାଷୀ ମାନଙ୍କର ଧାନ ଏଫ୍‌ଏକ୍ୟୁ ମାନର ହୋଇନଥିବା ଦର୍ଶାଇ ମିଲରମାନେ କ୍ୱିଣ୍ଟାଲ ପ୍ରତି ୫କିଲୋ ପର୍ଯ୍ୟନ୍ତ କାଟିଦେଉଥିବାର ଜଣାପଡ଼ିଛି । ମଣ୍ଡିରେ ଧାନକୁ ଫେରାଇନେବା ଅପେକ୍ଷା ଚାଷୀମାନେ କଟ୍‌ନୀ ଛଟନୀ ପ୍ରକ୍ରିୟାରେ ମିଲରଙ୍କୁ ବିକ୍ରି କରି ଆସୁଥିବାର ଦେଖିବାକୁ ମିଳିଛି । ମିଲର ମାନେ ଯେଉଁ ଅଭିଯୋଗ ଆଣୁଛନ୍ତି ଯେ ଧାନର ମାନ ଠିକ ରହୁନାହିଁ ବାସ୍ତବରେ ତାହାକୁ ଅନୁଧ୍ୟାନ କରିବା ପାଇଁ କ୍ୱାଲିଟି ଆନାଲିସିଷ୍ଟ ରହୁନାହାନ୍ତି । କଟ୍‌ନୀ -ଛଟନୀ ବେଆଇନ ବୋଲି ଯୋଗାଣ ଅଧିକାରୀ କୁହନ୍ତି । ଯଦି ଧାନର ଧାର୍ଯ୍ୟ ମାନ ପୂରଣ କରୁନାହିଁ ତାହେଲେ ସେହି ଧାନ ନକିଣିବାକୁ କୁହାଯାଇଛି । ଜିଲ୍ଲାରେ ୧୦-୧୨ଜଣ ମିଲରଙ୍କୁ ନେଇ ଧାନ କିଣାଯାଉଛି । ଜିଲ୍ଲାରେ ମୋଟ ୬୬ହଜାର ଚାଷୀ ଧାନ କିଣା ପାଇଁ ପଞ୍ଜୀକରଣ କରିଛନ୍ତି । ଏବେ ସୁଦ୍ଧା ଆଉ ୫୦ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ଅପେକ୍ଷାରେ ରହିଛନ୍ତି । ଖରିଫ ଋତୁର ପ୍ରଥମ ପର୍ଯ୍ୟାୟରେ କେବଳ ପ୍ରାୟ ୧୬ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

## ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ



**କଟକ,୩୦ ।୧(ସମିସ):** ସ୍ୱରାଜ ଆଶ୍ରମରେ ଆଜି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୭୬ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗାନ୍ଧିଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଥିଲେ । ଏଥି ସହ ଜିଲ୍ଲାପାଳ ସ୍ୱରାଜ ଆଶ୍ରମ ସଂଗ୍ରହାଳୟରେ ଗାନ୍ଧୀଜୀଙ୍କ ଓଡିଶା ଆଗମନର ସମସ୍ତ ଫଟୋଚିତ୍ର ବୁଲି ଦେଖିଥିଲେ । ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଲୋକନାଥ ଦୀକ୍ଷିତ ଗୀତା, ହାକିମ ବାବୁ କୋରାନ୍ ଓ ହିଜାକିହା ଲିମ୍ମା ବାଇବେଲ ପାଠ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିବା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦ, କଟକ ମହାନଗର ନିଗମ ଏବଂ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି, କଟକ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପରିଚାଳନା କରିଥିଲେ । ଏହି ଅବସରରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧିବାଦୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ଓ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାବିନାୟକ ପ୍ରକୃତି ପାରିଜାତ ଲୋକ ସାହିତ୍ୟ ସମ୍ମିଳନୀ



**କଟକ,୩୦।୧(ସମିସ):** କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ଯାଜପୁର ଚଣ୍ଡିଖୋଲ ସ୍ଥିତ ସଭାଗୃହରେ ମହାବିନାୟକ ପ୍ରକୃତି ପାରିଜାତ ଲୋକ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ ସଭାପତିତ୍ୱ କରିଥିଲେ । ରାଜ୍ୟସ୍ତରୀୟ କବିତା ପାଠ ଓ ଆଲୋଚନାଚକ୍ର ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା । ଓଲାଶୁଣୀ ପୀଠର ସନ୍ଥ ରମାକାନ୍ତ ବାବା ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଡ. ବସନ୍ତ କିଶୋର ସାହୁ, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ପ୍ରଥମ ଅଧିବେଶନରେ ଲୋକ ସାହିତ୍ୟର ସାମାଜିକ ଅଙ୍ଗୀକାରବଦ୍ଧତା ଉପରେ ସୂକ୍ଷ୍ମ ଦୃଷ୍ଟିପାତ କରିଥିଲେ । ଦ୍ୱିତୀୟ ଅଧିବେଶନର ମୁଖ୍ୟଅତିଥି ପ୍ରାକ୍ତନ ସିବିଆଇ ଜଜ ଭିକାରୀ ରାଉତ୍, ମୁଖ୍ୟ ବକ୍ତା ଭାବେ ଜ୍ୟୋତିଷାଚାର୍ଯ୍ୟା ଡ. ସସ୍ମିତା ମିଶ୍ର, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା । ସମ୍ମାନିତ ବକ୍ତା ଭାବେ ସତ୍ୟବ୍ରତ ପୁହାଣ, ସରସ୍ୱତୀ ବାରିକ, କବି ବିପିନ ବିହାରୀ ବାରିକ, ଡ. ଦିଲ୍ଲୀପ ସେନାପତି, ବିଜୟ ଦାସ, ଭକ୍ତ ଚରଣ ସାହୁ, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଡ. ଦୀପାୟନ ପଟ୍ଟନାୟକ, ଅଜୟ କୁମାର ପଣ୍ଡା ଯୋଗଦେଇ ଲୋକ ସାହିତ୍ୟରେ ପ୍ରକୃତି ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ତିନିଶହରୁ ଉର୍ଦ୍ଧ୍ୱ ସାହିତ୍ୟିକ ଏବଂସମାଜସେବୀଙ୍କୁ ରାଜ୍ୟସ୍ତରୀୟ ମହାବିନାୟକ ସାରସ୍ୱତ ସମ୍ମାନ, ମହାବିନାୟକ ସେବା ସମ୍ମାନ ପ୍ରଦାନ କରାଯାଇଥିଲା । କବୟିତ୍ରୀ ସୁପ୍ରିୟା ମହାନ୍ତି ଏବଂ କବୟିତ୍ରୀ ତପସ୍ୱିନୀ ଶାନ୍ତି କବିତା ସଂଯୋଜନା କରିଥିଲେ । କବି ଶୁଭବ୍ରତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । କବି ନଳିନୀ କାନ୍ତ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସମାଜସେବୀଙ୍କ ପରଲୋକ

**କଟକ,୩୦ ।୧(ସମିସ):** ସମାଜସେବୀ, ଉଦ୍ୟୋଗୀ, ସାଇ ଆଶ୍ରିତ ବିବେକାନନ୍ଦ ବେହେରାଙ୍କ ୮୧ବର୍ଷ ବୟସରେ ବାଖରାବାଦ ଗୌଡ ସାହିର ବାସଭବନରେ ପରଲୋକ ହୋଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଅବକାଶ ବେହେରା, ନାତି ସାଇ ସତ୍ୟପ୍ରକାଶ, ସାଇ ସ୍ମୃତି ରଞ୍ଜନ, ନାତୁଣୀ ସାଇ ସୁଦୀପ୍ତା, ଜ୍ୱାଇଁ ରାଜେନ୍ଦ୍ର ବେହୁରିଆ ଉପସ୍ଥିତ ଥିଲେ । ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ, ମେମ୍ବର ସେକ୍ରେଟାରୀ ନ୍ୟାୟମୂର୍ତ୍ତି ସୁଶାନ୍ତ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି । ଗୌତମ ତ୍ରିପାଠୀ, ଶ୍ୟାମ ସୁନ୍ଦର ସାମଲ, ଦେବଶ୍ରୀ ସୁବୁଦ୍ଧି, ସାମ୍ବାଦିକ ସୁଶାନ୍ତ ଭୂୟାଁ ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

● ଏସ୍‌ସିବିରେ ବିରଳ ଅସ୍ତ୍ରୋପଚାର ସଫଳ

# ପ୍ଲାଷ୍ଟିକ୍ ସର୍ଜରୀ ଦ୍ୱାରା ହିମୋଫିଲିଆ ରୋଗୀ ସୁସ୍ଥ

କଟକ,୩୦।୧(ସମିସ)

● ବ୍ୟୟବହୁଳ ଚିକିତ୍ସା ଭାର ବହନ କଲେ ରାଜ୍ୟ ସରକାର

● ଏସ୍‌ସିବିରେ ଏଭଳି ଅସ୍ତ୍ରୋପଚାର ପ୍ରଥମ



ହିମୋଫିଲିଆ ରୋଗୀଙ୍କର ଅସ୍ତ୍ରୋପଚାର କରାଯିବା କଷ୍ଟକର । ଏହି ରୋଗରେ ଆକ୍ରାନ୍ତ ଲୋକର ଛୋଟ ଖଣ୍ଡିଆଟିଏ ହେଲେ ରକ୍ତସ୍ରାବ ବନ୍ଦ ହୁଏନାହିଁ । ହେଲେ ଦୁର୍ଘଟଣାର ଶିକାର ହୋଇ ଗତ ୬ ମାସ କଷ୍ଟ ପାଉଥିବା ହିମୋଫିଲିଆ ଆକ୍ରାନ୍ତ ଜଣେ ଯୁବକଙ୍କୁ ବିରଳ ପଦ୍ଧତି ମାଧ୍ୟମରେ ଅସ୍ତ୍ରୋପଚାର କରି ସୁସ୍ଥ କରିଛନ୍ତି ଏସସିବି ମେଡିକାଲର ଡାକ୍ତର । ହେମାଟୋଲୋଜି ଏବଂ ପ୍ଲାଷ୍ଟିକ ସର୍ଜରୀ ବିଭାଗ ଡାକ୍ତରଙ୍କ ମିଳିତ ଉଦ୍ୟମରେ ଏହି ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ସଫଳ ହୋଇଛି । ଯୁବକଙ୍କ ଚିକିତ୍ସା ବ୍ୟୟବହୁଳ ଥିବା ବେଳେ ଏ ବାବଦରେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଛନ୍ତି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଜଣାଇଛନ୍ତି ।

ପ୍ରକାଶଥାଉକି, ବାଲେଶ୍ୱର ବସ୍ତ ଥାନା ଅନ୍ତର୍ଗତ ହଳଦୀପଡା ଗ୍ରାମର ଚନ୍ଦନ ମାହାଳିକ(୨୪) । ଗତବର୍ଷ ଜୁଲାଇ ୬ରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇ ପଡ଼ିଥିଲେ ଚନ୍ଦନ । ତାଙ୍କ ଗୋଡରେ ଗଭୀର ଆଘାତ ଲାଗିଥିଲା । ପ୍ରଥମେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି ହେବା ପରେ ଚନ୍ଦନଙ୍କୁ ବଡ ମେଡିକାଲ ଅଣାଯାଇଥିଲା । ତାଙ୍କୁ ହେମାଟୋଲୋଜି ବିଭାଗରେ ରଖାଯାଇଥିଲା । ହିମୋଫିଲିଆ ଆକ୍ରାନ୍ତ ଚନ୍ଦନ ଏସ୍‌ସିବିରେ ୨୨ଦିନ ଧରି ଚିକିତ୍ସିତ ହେବା ପରେ ଡିସଚାର୍ଜ ହୋଇଥିଲେ । ଗୋଡର କ୍ଷତ ନଶୁଖିବାରୁ ପୁର୍ନବାର ଦୁଇଥର ତାଙ୍କୁ ବଡ ମେଡିକାଲ ଆସିବାକୁ ପଡ଼ିଥିଲା । ତେବେ ଚନ୍ଦନଙ୍କୁ ସୁସ୍ଥ କରିବାକୁ ଯାଇ ଦୁଇ ବିଭାଗର ଡାକ୍ତରଙ୍କ ଉଦ୍ୟମରେ ଏହି ବିରଳ ଅସ୍ତ୍ରୋପଚାର କରାଯିବା ଦିଗରେ ନିଷ୍ପତ୍ତି ନିଆଯାଇଥିଲା । ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକ ଏବଂ ହେମାଟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଆର.କେ ଜେନା ମିଳିତ ଭାବେ ଗତ ୧୧ ତାରିଖରେ ଏହି ଅସ୍ତ୍ରୋପଚାର କରିଥିଲେ । ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ମଙ୍ଗଳବାର ଚନ୍ଦନଙ୍କୁ ଡିସଚାର୍ଜ କରାଯାଇଛି ।

ଏହି ଅସ୍ତ୍ରୋପଚାର ବାବଦରେ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକ କୁହନ୍ତି ଯେ, ଚନ୍ଦନଙ୍କର ଡାହାଣ ପାଦରୁ ମାଂସ ବାହାରି ଯାଇଥିଲା । ସାଧାରଣତଃ ହିମୋଫିଲିଆ ଆକ୍ରାନ୍ତଙ୍କର ଖଣ୍ଡିଆ ହେଲେ ରକ୍ତ ସ୍ରାବ ବନ୍ଦ ହୁଏନି । ଚନ୍ଦନଙ୍କର ଶରୀରରେ ଜନ୍ମରୁ ଏକ ନିର୍ଦ୍ଦିଷ୍ଟ ଫ୍ୟାକ୍ଟର ନଥିଲା । ଏଣୁ ଅସ୍ତ୍ରୋପଚାର ବେଳେ ହେମାଟୋଲୋଜି ବିଭାଗ ଡାକ୍ତରଙ୍କ ସହଯୋଗ ଲୋଡାଯାଇଥିଲା । ପ୍ଲାଷ୍ଟିକ ସର୍ଜରୀ ବିଭାଗ ପକ୍ଷରୁ ସ୍କିନ ଗ୍ରାଫ୍ଟିଂ ସହିତ ଅନ୍ୟ ସମସ୍ତ ଆବଶ୍ୟକୀୟ ଅସ୍ତ୍ରୋପଚାର କରାଯାଇଥିଲା । ରୋଗୀର ସ୍ୱାସ୍ଥ୍ୟାବସ୍ଥାରେ ଯେଉଁଭଳି ଭାବେ ଉନ୍ନତି ଘଟିଛି ତଦ୍ୱାରା ଉକ୍ତ ବିରଳ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ସଫଳ ହୋଇଛି ବୋଲି ଡାକ୍ତର ନାୟକ କହିଛନ୍ତି । ହେମାଟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଆର.କେ ଜେନାଙ୍କ କହିବା ମୁତାବକ, ମଣିଷ ଶରୀରରେ ୧୩ ପ୍ରକାର ଫ୍ୟାକ୍ଟର ରହିଥାଏ । ଯାହା ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ । ଏଥି ଭିତରୁ ଫ୍ୟାକ୍ଟର-୮ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଏ । ଚନ୍ଦନ ଫ୍ୟାକ୍ଟର-୮ ହିମୋଫିଲିଆ-ଏରେ ଆକ୍ରାନ୍ତ ଥିଲେ । ଇନିହିବିଟର ସ୍ଥିତିରେ ସେ ରହିଥିବାରୁ ତାଙ୍କ ଶରୀରରେ ଫ୍ୟାକ୍ଟର-୮ କାର୍ଯ୍ୟ କରିନଥିଲା । ଏଣୁ ଫ୍ୟାକ୍ଟର-୭ ଦିଆଯାଇ ତାଙ୍କୁ ସୁସ୍ଥ କରିବାକୁ ଉଦ୍ୟମ ହୋଇଥିଲା । ଏହି ଉଦ୍ୟମ ସଫଳ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୨୦ଲକ୍ଷ ଟଙ୍କାର ଔଷଧ ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି ।

## ଉଠା ଦୋକାନ ଉଚ୍ଛେଦକୁ ବିରୋଧ

**କଟକ,୩୦ ।୧(ସମିସ):** ସିଡିଏ ସେକ୍ଟର-୬ରେ ରାସ୍ତାକଡରେ ବେପାର ବଣିଜ କରୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଉଚ୍ଛେଦକୁ ନେଇ ବିରୋଧ କରାଯାଇଛି । ବ୍ୟବସାୟୀମାନଙ୍କୁ ଭେଣ୍ଡର୍ କାର୍ଡ ଦିଆଯାଇଥିଲେ ମଧ ଭେଣ୍ଡିଙ୍ଗ ଜୋନରେ ଥଇଥାନ କରାଯାଇନାହିଁ । ଆଜି ପୂର୍ବାହ୍ନରେ କୌଣସି ସୂଚନା ନ ଥାଇ ସିଡିଏ କର୍ତ୍ତୃପକ୍ଷ ଜେସିବି ଓ ଟ୍ରାକ୍ଟର ଲଗାଇ ପୁଲିସ ସହାୟତାରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ସମୟରେ କଟକ ଉଠାଦୋକାନୀ ସଂଘର ବହୁ ଉଠାଦୋକାନୀ ଏହାକୁ ବିରୋଧ କରିଥିଲେ । ଏଥିରେ ସିଡିଏ ଅଧିକାରୀ ଓ ଉଚ୍ଛେଦକାରୀଙ୍କ ସହିତ ଦୋକାନୀଙ୍କର ଯୁକ୍ତିତର୍କ ହୋଇଥିଲା । ଏହି ଆନ୍ଦୋଳନରେ ମହାସଙ୍ଘ ସଭାପତି ଆଇନଜୀବୀ ଅମରେନ୍ଦୁ ମହାନ୍ତି, ମର୍କତନଗର ପୂଜ୍ୟପୂଜା ପରିଷଦର କେନ୍ଦ୍ରୀୟ ସଭାପତି ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସ, ତପନ କୁମାର ମିଶ୍ର, ବିକ୍ରମ ଦାଶ, ଓଡିଶା ନବନିର୍ମାଣ ବିକାଶମଞ୍ଚ କଟକଜିଲ୍ଲା ସଭାପତି ବିଶ୍ୱପ୍ରକାଶ ଦାଶ, ସମାଜସେବୀ ପ୍ରତାପ କୁମାର ନାୟକ, ଉଠାଦୋକାନୀ ନେତା ଗୁରୁଚରଣ ବେହେରା, ନିରାକାର ପଣ୍ଡା, ନଳିନୀକାନ୍ତ ଦାସ ଉପସ୍ଥିତ ରହି ପ୍ରଶାସନିକ ନିଷ୍ପତ୍ତିର ଦୃଢ଼ ପ୍ରତିବାଦ କରିଥିଲେ । ୨୦୧୪ ଉଠାଦୋକାନୀ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ । ଆନ୍ଦୋଳନ ସମୟରେ କଟକ ମହାନଗର ନିଗମ ମେୟର ସୁବାସ ସିଂହ ପହଞ୍ଚି ଥଇଥାନର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରିଥିଲେ ।

## ବାକ୍ ଶ୍ରବଣ ସଂଘର ବାର୍ଷିକ ସମ୍ମିଳନୀ

କଟକ,୩୦ ।୧(ସମିସ)



ସର୍ବଭାରତୀୟ ବାକ ଶ୍ରବଣ ସଂଘର ୫୫ତମ ବାର୍ଷିକ ସମ୍ମିଳନୀ କୋଲକାତାସ୍ଥିତ ସାଇନ୍ସ ସିଟି ଠାରେ ସଭାପତି ଡାକ୍ତର ପ୍ରକାଶ ଭୂମିନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଓଡ଼ିଶା ଶାଖାର ସଭାପତି ନାରାୟଣ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରାୟ ୩୦ଜଣ ବାକ ଶ୍ରବଣ ବିଶେଷଜ୍ଞ ଯୋଗଦେଇଥିଲେ । ଏହି ଅବସରରେ ଚେନ୍ନାଇସ୍ଥିତ ଏନଆଇଇପିଏମଡ଼ି ବହୁବିଦ୍ଧ ଭିନ୍ନକ୍ଷମ ଅନୁଷ୍ଠାନର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଓଡ଼ିଶାର ଡାକ୍ତର ନଚିକେତା ରାଉତଙ୍କୁ ଡାକ୍ତରରତ୍ନ ଓରେସନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଓଡ଼ିଶା ଶାଖାର ସମ୍ପାଦକ ଡାକ୍ତର ସୁସ୍ମିତ ମିଶ୍ର ଓ କୋଷାଧକ୍ଷ ଶିବ ପ୍ରସାଦ ସାହୁ ଶ୍ରୀ ରାଉତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଆସନ୍ତା ବର୍ଷର ଜାତୀୟ ସମ୍ମିଳନୀ ପାଟନାରେ ଅନୁଷ୍ଠିତ ହେବ ବୋଲି ଘୋଷଣା ହୋଇଥିଲା ।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଜ୍ୟୋସ୍ନାରାଣୀ ମିଶ୍ର

ଆବିର୍ଭାବ: ୦୬.୧୦.୧୯୫୬

ତିରୋଧାନ: ୨୬.୦୧.୨୦୨୪

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ ।

ଶ୍ରଦ୍ଧାଞ୍ଜଳି ସହ:
ଶୁଦୀପ, ଶୁଭଶ୍ରୀ, ନିବେଦିତା, ରାଣୀ, ଆଦିତ୍ୟ, ବିଶ୍ୱ, ସୋହନ, ବ୍ରିନ୍ଦା, ସୁବି ଏବଂ ସତ୍ୟଚେତନା ପରିବାର ବୃନ୍ଦ


## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**କଟକ,୩୦ ।୧(ସମିସ):** ନୂଆପଡାସ୍ଥିତ କୁଞ୍ଜବିହାରୀ ଲେନ ନିବାସୀ ଧର୍ମପରାୟଣ ବ୍ୟକ୍ତି ଗୋପୀନାଥ ପରିଜା (୮୫)ଙ୍କ ପରଲୋକ ହୋଇଯାଇଛି । କିଛି ଦିନ ହେବ ସେ ସେପ୍ଟିସେମିଆ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ଦୀପକ, ଫୁଲକ, ଦୁଇବୋହୂ, ଝିଅ ପ୍ରଗତି ଦାସ, ଜ୍ୱାଇଁ ସ୍ମୃତିରଞ୍ଜନ ଏବଂ ନାତି ସୁରଜ, ଅଂଶୁମାନ, ନାତୁଣୀ ସିପ୍ରା, ଖୁସି, ପ୍ରିନ୍ସ ଓ ଝିଆରୀ, ପୁତୁରାମାନେ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ପ୍ରାକ୍ତନ ପ୍ରଶାସକ ତାପସ ମହାନ୍ତି, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଧର୍ମାନନ୍ଦ ମହାନ୍ତି, ଆଇନଜୀବୀ କ୍ଷେତ୍ରବାସୀ ମହାନ୍ତି ପ୍ରମୁଖ କଟକ ନୂଆପଡାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମାପନ କରାଯାଇଥିଲା ।








## ବିଶ୍ୱ ଭାଷା ଓଡ଼ିଆ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ

**କଟକ,୩୦ ।୧(ସମିସ):** ବିଦ୍ୟାଧରପୁରସ୍ଥିତ କଟକ ମହାବିଦ୍ୟାଳୟରେ ନୂଆ -ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଭାଷା ଓଡ଼ିଆ ସମ୍ମିଳନୀର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର- କଟକ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଆଦିତ୍ୟ ପ୍ରତାପ ଧଳ ଓ ଶିକ୍ଷାବିତ୍ ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦାନ କରି ଓଡ଼ିଆ ଭାଷା ସାହିତ୍ୟର ମହାନତା ଓ ଓଡିଆ ଜାତିର ପରମ ଆରାଧ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ବିସ୍ତୃତ ତଥା ତାତ୍ତ୍ୱିକ ଆଲୋଚନା କରିଥିଲେ । ଏଥିରେ ଅଧକ୍ଷା ଡକ୍ଟର ପ୍ରଣତୀ ପଟ୍ଟନାୟକ ଅଧକ୍ଷତା କରି ଓଡିଆ ଭାଷା ଓଡିଶାର ସ୍ୱର୍ଣ୍ଣିମ ଇତିହାସ ସହିତ ଜଡିତ ଏବଂ ଏହାର ମହତ୍ତ୍ୱ ପ୍ରତିପାଦନ କ୍ଷେତ୍ରରେ ଓଡ଼ିଆ ବିଶ୍ୱ ସମ୍ମିଳନୀର ଭୂମିକା ଅନନ୍ୟ ବୋଲି କହିଥିଲେ । ଅଧ୍ୟାପକ ଡଃ ଦେବ ପ୍ରସାଦ ପତି ଶ୍ରୀ ଜଗନ୍ନାଥଙ୍କ ମହାମନ୍ତ୍ର ପାଠ କରିଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ପାଣ୍ଡିଙ୍କ ତତ୍ତ୍ୱାବଧାନରେ ତଥା ନୋଡାଲ ଅଫିସର ଡକ୍ଟର ଅମିତା ରାଣୀ ଜେନା ଓ ଅଧ୍ୟାପିକା ଡକ୍ଟର ବିନତା ସାହୁଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଂଯୋଜିତ ହୋଇ ଥିଲା । ଅଧ୍ୟାପକ ମଣ୍ଟୁ ଚରଣ ଜେନା ଅତିଥି ପରିଚୟ ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅଧ୍ୟାପିକା ପ୍ରିୟଦର୍ଶିନୀ ଡାକୁଆ, ଅଧ୍ୟାପିକା ଡକ୍ଟର ରୂପାଲୀ ମଧୁସ୍ମିତା ଓ ଅଧ୍ୟାପିକା ନିରୂପମା ଚୌଧୁରୀ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

● ବେଆଇନ କଂସେଇଖାନାରୁ ୨୩ ହଜାର ଜରିମାନା ଆଦାୟ

# ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୩୦ ।୧(ସମିସ)

କଟକ ସହରରେ ମାଲମାଲ ବେଆଇନ କଂସେଇଖାନା ଚାଲୁଥିବା ପ୍ରସଙ୍ଗରେ ରୁଜୁ ମାମଲାରେ ସିଏମସି ପକ୍ଷରୁ ଦାଖଲ ସତ୍ୟପାଠକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୂର୍ବ ନିର୍ଦ୍ଦେଶ ଅନୁସାରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲେ ମଧ ଏଥିରେ ବିସ୍ତୃତ ବିବରଣୀ ଦିଆଯାଇ ନ ଥିବାରୁ ସାନି ସତ୍ୟପାଠ ଦାଖଲ କରିବାକୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କଟକ ମହାନଗର ନିଗମର ଡେପୁଟି କମିଶନର ଓ ସ୍ୱାସ୍ଥ୍ୟ ଅଧିକାରୀ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ପରବର୍ତ୍ତୀ ଶୁଣାଣି ସମୟରେ ମଧ ଉଭୟ ବ୍ୟକ୍ତିଗତ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି । ଗୋ ଜ୍ଞାନ ଫାଉଣ୍ଡେସନ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଂଜନ ଷଡଙ୍ଗୀ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିଏମସି ତତ୍ପରତା ପ୍ରକାଶ କରି ଅଘୋଷିତ ତଥା ବେଆଇନ କଂସେଇଖାନା ଗୁଡିକରୁ ୨୩ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଥିବା ନେଇ ସତ୍ୟପାଠ ଦିଆଯାଇଥିଲା । ତେବେ କାହା ଠାରୁ କେଉଁ ସ୍ଥାନରୁ ଏହି ଜରିମାନା ରାଶି ଆଦାୟ ହୋଇଛି ତାହା ଉଲ୍ଲେଖ ନ ଥିଲା । ସହରର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରରେ ଅଧିକ କଂସେଇଖାନାର ଆବଶ୍ୟକ ଥିବା ବେଳେ କେତେ ସଂଖ୍ୟାରେ କଂସେଇଖାନା କେଉଁ କେଉଁ ଜାଗାରେ କରାଯିବ ସେନେଇ ସାନି ସତ୍ୟପାଠ ଜରିଆରେ



ଜଣାଇବାକୁ ସିଏମସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସହରରେ ୫ଟି ଲାଇସେନ୍ସପ୍ରାପ୍ତ କଂସେଇଖାନା ଥିବା ବେଳେ ବେଆଇନ କଂସେଇଖାନା ରୋକିବାକୁ ସିଏମସି ପକ୍ଷରୁ ଯାଞ୍ଚ କରାଯାଉଛି । ନୂତନ କଂସେଇଖାନା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଥିବା ନେଇ ସତ୍ୟପାଠରେ କେବଳ ଉଲ୍ଲେଖ ରହିଥିଲା । ପ୍ରକାଶଥାଉ କି ଓଡିଆ ବଜାର, ଦିୱାନ ବଜାର ଓ ହାତୀପୋଖରୀ ଆଦି କେତେକ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା କଂସେଇଖାନାକୁ ସ୍ଥାନୀୟ ପୁଲିସ ସହଯୋଗରେ ବନ୍ଦ କରିବା ସହ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦୧୯ ମାର୍ଚ୍ଚ ୨୫ରେ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । କିନ୍ତୁ ଏହି ନିର୍ଦ୍ଦେଶ ପାଳନ ହୋଇ ନ ଥିବା ବେଳେ ଉପରୋକ୍ତ ଅଞ୍ଚଳର କଂସେଇଖାନାରେ ଆଇନ ଉଲ୍ଲଙ୍ଘନ ପୂର୍ବକ ଗୋହତ୍ୟା କରାଯାଇଆସୁଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ମୃଣାଳିନୀ ପାଢୀ ଓ ପୀୟୁଷ କୁମାର ପଣ୍ଡା ମାମଲା ପରିଚାଳନା କରୁଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହକୁ ଧାର୍ଯ୍ୟ ହୋଇଛି ।

## ମଦ ଓ ପୋଚ ନଷ୍ଟ; ବାଇକ୍ ଜବତ

**ଆଠଗଡ଼ ,୩୦।୧(ସମିସ):** ଆଜି ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୩୫୦୦ ଲିଟର ଗୁଡ଼ ପୋଚ ସହିତ ୨୧୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଏଥି ସହିତ ମଦ ଭାଟିରେ ମଦ ପରିବହନ ନିମନ୍ତେ ବ୍ୟବହାର ହେଉଥିବା ଏକ ବାଇକକୁ ଜବତ କରାଯାଇଛି। ନଷ୍ଟ ହୋଇଥିବା ପୋଚ ଏବଂ ମଦର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଟାଙ୍ଗୀ,୩୦।୧(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଞ୍ଚଳର ସର୍ବ ପୁରାତନ ଟାଙ୍ଗୀ ବିଦ୍ୟାପୀଠର ୨୦୦୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବପ୍ରସାଦ ସ୍ୱାଇଁଙ୍କ ପରିଚାଳନାରେ ଟାଙ୍ଗୀ ନିଗମାନନ୍ଦ ବିଦ୍ୟା ନିକେତନ ପ୍ରାଙ୍ଗଣରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ ବ୍ୟାଚର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବନ୍ଧୁମାନେ ଯୋଗଦେଇ ସ୍କୁଲ ଦିନର ସ୍ମୃତି ମନେପକାଇଥିଲେ। ବିର୍ଲା ବଏଜ୍ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପ୍ରଦୀପ୍ତ କୁମାର ସାହୁ, ବିଜୟଲକ୍ଷ୍ମୀ ବାରିକ୍, ଝରଣା ସ୍ୱାଇଁ, ରୋଉମ ବାଇ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମହିମା ଧର୍ମାବଲମ୍ବୀଙ୍କ ପରଲୋକ

**ବାଙ୍କୀ,୩୦।୧(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡା ଗ୍ରାମପଞ୍ଚାୟତ ଧରସ ଗ୍ରାମର ମହିମା ଧର୍ମାବଲମ୍ବୀ ଖଗେଶ୍ୱର ଜେନାଙ୍କ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ବର୍ଷ ବୟସ ହୋଇଥିଲା। ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ବିଦ୍ୟାଧର ଜେନା, ଝିଅ, ଜ୍ୱାଇଁ, ଗୋପାଳଚନ୍ଦ୍ର ନାୟକ, ବିଶୁନି ସ୍ୱାଇଁ, ହରିହର ସାହୁ, ନବୀନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଖଗେଶ୍ୱର ଜେନା ଜଣେ ଧର୍ମପରାୟଣ, ପରୋପକାରୀ, ବନ୍ଧୁ ବତ୍ସଳ ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ନିକଟସ୍ଥ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ବିଦ୍ୟାଧର ଜେନା ମୁଖାଗ୍ନି ପ୍ରଦାନ କରିଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶହୀଦ ଦିବସ




**କଟକ,୩୦ ।୧(ସମିସ):** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସଂଘର କର୍ମକର୍ତ୍ତାମାନେ ରାଷ୍ଟ୍ରଭାଷା ଠାରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ଉପସଭାପତି ପିତାମ୍ବର ବେହେରା, ସମ୍ପାଦକ ରତ୍ନାକର ପ୍ରଧାନ, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ ଓ ପ୍ରଭାତ ସାହୁ ଉପସ୍ଥିତ ଥିଲେ।

## ମହ୍ଲାର ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



**କଟକ,୩୦ ।୧(ସମିସ):** ମହ୍ଲାର ପକ୍ଷରୁ ସ୍ୱପ୍ନ ମନ୍ଦିର ଜରାଶ୍ରମର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସମ୍ପାଦକ ଅନିଲ କୁମାର ଜେନା, ଯୁଗ୍ମ ସମ୍ପାଦିକା ନିରୂପମା ଆଚାର୍ଯ୍ୟ, ସୋମନାଥ ମହାନ୍ତି, ବ୍ରହ୍ମୋତ୍ରୀ ଲେଙ୍କା, ମଧୁସ୍ମିତା ଷଡ଼ଙ୍ଗୀ, ସମ୍ବିତ ମହାନ୍ତି, ଶକ୍ତିରୂପା ଦାସ, ସୁଦୀପ୍ତା ପ୍ରହରାଜ, ଅଭିରାମ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଅନୁଷ୍ଠାନରେ ସଭ୍ୟ ଓ ସଭ୍ୟମାନେ ଅନ୍ତେବାସୀଙ୍କ ସହିତ ଆଲୋଚନା କରିବା ସହ ସେମାନଙ୍କ ସୁବିଧା ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଜରାଶ୍ରମର ମୁଖ୍ୟ ପ୍ରିତମ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

## ବ୍ୟାଙ୍କ ପକ୍ଷରୁ ବକେୟା ଭତ୍ତା ପ୍ରଦାନ

**ନିଶ୍ଚିନ୍ତକୋଇଲି,୩୦।୧(ସମିସ):** କେନ୍ଦୁପାଟଣା ପଞ୍ଚାୟତ ଅଧୀନ ଚମ୍ପତିପାଟଣା ଗ୍ରାମର ସ୍ୱର୍ଗତ ଉତ୍ତମ ଗାହାଣଙ୍କ ପତ୍ନୀ ୯୦ବର୍ଷୀୟା ବୃଦ୍ଧା ଶଶି ଗାହାଣ ବାର୍ଦ୍ଧକ୍ୟଜନିତ ରୋଗଗ୍ରସ୍ତ ପାଇଁ ଦଶମାସ ହେବ ଭତ୍ତା ପାଇ ପାରୁ ନ ଥିଲେ। ଯେହେତୁ ବୃଦ୍ଧା ଜଣକର ଇନ୍ଦିରାଗାନ୍ଧୀ ଭତ୍ତା ଯୋଜନାରେ ବିଧବା ଭତ୍ତା ହୋଇଛି, ତେଣୁ ତାଙ୍କର ଭତ୍ତା ଅର୍ଥ ବ୍ୟାଙ୍କ ଜମାଖାତାକୁ ଆସିଥିଲା। ବୃଦ୍ଧା ଜଣକ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇବା ସମ୍ଭବପର ହେଉ ନ ଥିଲାବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ବୁହାଲୋ ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ପ୍ରମୋଦ କୁମାର ସ୍ୱାଇଁ ବୃଦ୍ଧାଙ୍କ ଘରକୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। ବୃଦ୍ଧା ଜଣକର ଅଙ୍ଗୁଳି ଛାପ ମ୍ୟାଚ୍ ନ ହେବାରୁ ଟଙ୍କା ଉଠାଣ ସମ୍ଭବପର ହୋଇ ନ ଥିଲା ଏ ସଂକ୍ରାନ୍ତରେ ଶ୍ରୀ ସ୍ୱାଇଁ ସଙ୍ଗେ ସଙ୍ଗେ ଷ୍ଟେଟ ବ୍ୟାଙ୍କ କଟକ ଜିଲ୍ଲା ଆଞ୍ଚଳିକ ପ୍ରବନ୍ଧକ ସୁବାଷ ଚନ୍ଦ୍ର ବେହେରାଙ୍କୁ ଅବଗତ କରାଇବା ପରେ ତାଙ୍କ ନିର୍ଦ୍ଦେଶରେ ସାଲେପୁର ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳନା ସଂଘମିତ୍ରା ବାରିକ, କର୍ମଚାରୀ ଜ୍ୟୋତି ସ୍ୱାଇଁ ଓ ଜନ୍ମେଜୟ ନାୟକଙ୍କୁ ପଠାଇ ବୃଦ୍ଧାଙ୍କ ଘରେ ଆସି ୧୦ମାସର ବକେୟା ପ୍ରାପ୍ୟ ୭ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥର ପ୍ରତି ମାସରେ ବ୍ୟାଙ୍କ ପକ୍ଷରୁ କର୍ମଚାରୀ ତାଙ୍କ ଘରକୁ ପଠାଇ ଭତ୍ତା ଟଙ୍କା ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ।

## ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ
# ନ୍ୟୁରୋସର୍ଜରୀ ବିଭାଗ ପାଇଁ ବଡ ଯୋଜନା

**କଟକ,୩୦।୧(ସମିସ)**

ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରାଯିବ। ରାଜ୍ୟର ଏହି ସର୍ବବୃହତ୍ତ ସରକାରୀ ହସ୍ପିଟାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ମେଡ଼ିକାଲର ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଛି। ଇତି ମଧ୍ୟରେ ପ୍ରତ୍ୟେକ ବିଭାଗ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ହେଲେ ଏସ୍‌ସିବି ନ୍ୟୁରୋସର୍ଜରୀ ବିଭାଗରେ ଚିକିତ୍ସା ଅବହେଳାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ଉଠାଉଛନ୍ତି କିଛି ରୋଗୀ ଏବଂ ରୋଗୀ ସମ୍ପର୍କୀୟ। ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଏଠାରେ ମଧ୍ୟ ସ୍ୱାସ୍ଥ୍ୟସେବାର ଉନ୍ନତ ବ୍ୟବସ୍ଥା ରୋଗୀ ପାଇପାରିବେ। ଏଥି ନିମନ୍ତେ ଏକାଧିକ ଯୋଜନା ଏବେ ପ୍ରସ୍ତୁତ ହୋଇ ରହିଛି ବୋଲି ମେଡିକାଲର ଜନୈକ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ନ୍ୟୁରୋସର୍ଜରୀ ବିଭାଗରେ ଶଯ୍ୟା ସଂଖ୍ୟା ହେଉଛି ୬୦। ହେଲେ ଏଠାରେ ରୋଗୀଙ୍କ ସଂଖ୍ୟା ପ୍ରାୟ ସମୟରେ ପାଖାପାଖି ୧୦୦ ରହିଥାଏ। ସମ୍ପ୍ରତି ଏଠାରେ ୩ଟି ୟୁନିଟ କାର୍ଯ୍ୟ କରୁଛି। ୨ଜଣ ପ୍ରଫେସର, ଜଣେ ଆସୋସିଏଟ ପ୍ରଫେସର, ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି। ୪ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ମଧ୍ୟରୁ ୨ଜଣଙ୍କୁ ଚୁକ୍ତି ଭିତ୍ତିକ ନିଯୁକ୍ତି ଦିଆଯାଇଥିବା ବେଳେ ୨ଜଣ ହେଉଛନ୍ତି ନିୟମିତ ଷ୍ଟାଫ। ୮ଟି ସିନିୟର ରେସିଡେଣ୍ଟସ(ଏସ୍‌ଆର) ପୋଷ୍ଟ ନିମନ୍ତେ ମଞ୍ଜୁରୀ ମିଳିଥିବା ବେଳେ ଏହି ପଦରେ ଅଛନ୍ତି ୪ଜଣ। ଡାକ୍ତର ସଙ୍କଟ ଯୋଗୁଁ ରୋଗୀ ସେବା ଠିକ ଭାବରେ ହେଉନାହିଁ। ଅସ୍ତ୍ରୋପଚାରରେ ମଧ୍ୟ ବିଳମ୍ବ ହେଉଛି ବୋଲି ଅଭିଯୋଗ ଉଠୁଛି। ହେଲେ ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ନ୍ୟୁରୋସର୍ଜରୀ ବିଭାଗର ରୂପରେଖ ବଦଳିବ। ଏସ୍‌ସିବି ମେଡ଼ିକାଲ କର୍ତ୍ତୃପକ୍ଷ ଏ ବାବଦରେ ଏକାଧିକ ପ୍ରସ୍ତାବ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ୩ଟି ୟୁନିଟରେ ସୀମିତ ଥିବା ନ୍ୟୁରୋସର୍ଜରୀ ବିଭାଗ ୫ଟି ୟୁନିଟରେ ପହଞ୍ଚିବ। ଏଣୁ ସାଧାରଣ ଶଯ୍ୟା ସଂଖ୍ୟା ଅତିକମ୍‌ରେ ୧୦୦ ଛୁଇଁବ। ପ୍ରତ୍ୟେକ ୟୁନିଟରେ ଜଣେ ଲେଖାଏ ପ୍ରଫେସର ପଦବୀର ଡାକ୍ତରଙ୍କ ସମେତ ଜଣେ ଆସୋସିଏଟ ପ୍ରଫେସର ଏବଂ ୨ଜଣ ଆସିଷ୍ଟାଣ୍ଟ ପ୍ରଫେସର ଦାୟିତ୍ୱରେ ରହିବେ। ଗୋଟିଏ ୟୁନିଟରେ ଅତିକମ୍‌ରେ ୨୦ ରୋଗୀ ଚିକିତ୍ସିତ ହେବେ। ସେହିପରି ୮ଜଣ ବଦଳରେ ୨୦ଜଣ ସିନିୟର ରେସିଡେଣ୍ଟ ଡାକ୍ତର ନିଯୁକ୍ତି ପାଇବେ। ବିଭାଗୀୟ କାର୍ଯ୍ୟ ସମେତ ଟ୍ରମା କାଜୁଆଲିଟି, ନନ ଟ୍ରମା କାଜୁଆଲିଟି, ଅନ୍ୟ ବିଭାଗରେ ଚିକିତ୍ସିତ ହେଉଥିବା ସ୍ନାୟୁଶଲ୍ୟ ରୋଗୀଙ୍କ ତଦାରଖ, ଜରୁରୀକାଳୀନ ଅସ୍ତ୍ରୋପଚାର ସିନିୟର ରେସିଡେଣ୍ଟ ଡାକ୍ତର କରିବେ। ସେହିପରି ବର୍ତ୍ତମାନ ନ୍ୟୁରୋସର୍ଜରୀ ବିଭାଗରେ ଆଇସିୟୁ ଶଯ୍ୟା ସଂଖ୍ୟା ୬ ରହିଛି। ଏହା ଖୁବଶୀଘ୍ର ୧୦ରେ ପହଞ୍ଚିବ। ବିଭାଗର ତଳମହଲାରେ ୪ଟି ଆଇସିୟୁ ଶଯ୍ୟା ବ୍ୟବସ୍ଥା କରାଯାଉଛି। ୨୦୧୧ ମସିହାରୁ ନ୍ୟୁରୋସର୍ଜରୀ ବିଭାଗରେ ୨ଟି ଅପରେସନ ଥିଏଟର (ଓଟି) କାର୍ଯ୍ୟ କରୁଛି। ଆଉ ଗୋଟିଏ ଓଟି ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି।

## ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୯୮୪ ବ୍ୟାଚ୍ ବନ୍ଧୁମିଳନ

**କଟକ,୩୦ ।୧(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୯୮୪ ବ୍ୟାଚ୍ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀ ଛାତ୍ରମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ହୋଟେଲ କିଭାରେ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ଓଡିଆ ଭାଷା ସାହିତ୍ୟର ଛାତ୍ର ଡକ୍ଟର ବ୍ରଜକିଶୋର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବନ୍ଧୁ ମିଳନରେ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡଃ ହୃଷୀକେଶ ମଲିକ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡଃ. ସୁରେନ୍ଦ୍ର ନାଥ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସର୍ବପ୍ରଥମେ ପୁରାତନ ଛାତ୍ରୀଛାତ୍ରମାନେ ସମ୍ମାନିତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ଛାତ୍ରଛାତ୍ରୀମାନେ ବହୁବର୍ଷ ପରେ ପରସ୍ପରକୁ ଦେଖି ଭାବର ଆଦାନପ୍ରଦାନ କରି ପୁରୁଣା ସ୍ମୃତିକୁ ଆଲୋଚନା କରିଥିଲେ। ଅମୂଲ୍ୟ ମହାନ୍ତି,ବିରଜାମ ମହାନ୍ତି, କଳ୍ପନା ମିଶ୍ର, ବୈଜୟନ୍ତୀ ମହାନ୍ତି,ଅପରାଜିତା ବେହୁରା, ଡଃ. ଗୌତମ ନାୟକ,ମାନସୀ ପଣ୍ଡା, ସୁରେନ୍ଦ୍ର ନାୟକ, ସୁରେଶ ପରିଡା, ଦେବଦତ୍ତ ଦାସ, ଡଃ. ତନୟ କବି ପ୍ରମୁଖ ପୁରାତନ ଛାତ୍ରୀ ଛାତ୍ର ମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ବେଳେ ଡଃ ପ୍ରଶାନ୍ତ ରଥ ଓ ପ୍ରମୋଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଚୌଦ୍ୱାର-କଟକ ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ




**କଟକ,୩୦।୧(ସମିସ):** ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳ, ଚୌଦ୍ୱାର-କଟକ ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଓ ପରିବାର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ମହାନଦୀବିହାର ସ୍ଥିତ ସେଲିବ୍ରେସନ ମଣ୍ଡପ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କଟକ ମହାନଗର ନିଗମର ୪୭ନଂ ୱାର୍ଡ ଓ ମହାନଦୀ ବିହାର ସମସ୍ତ ସେକ୍ଟରର ପ୍ରାୟ ପ୍ରତ୍ୟେକଙ୍କ ଘର ସମ୍ମୁଖରେ ଶଙ୍ଖ ଚିହ୍ନର ପୋଷ୍ଟର ଲଗାଇଲାବେଳେ ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ସାଗତ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପୌରହିତ୍ୟରେ ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ସୁବାଷ ସିଂହ, ଡେପୁଟୀ ମେୟର ଦମୟନ୍ତୀ ମାଝୀ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଜିଲ୍ଲା କମିଟିର ପ୍ରଶାନ୍ତ ନାୟକ, ଦେବେନ୍ଦ୍ର ଖୁଣ୍ଟିଆ, ମହେନ୍ଦ୍ର ନାୟକ, ଅକ୍ଷୟ ପଣ୍ଡା, ଯୁଧୀଷ୍ଟିର ବିଶ୍ୱାଳ, କର୍ପୋରେଟର ଇଂ ସୁବ୍ରତ ଘଡାଇ, ତାପସ ସାମନ୍ତରାୟ, ବିଶ୍ୱ ବନ୍ଦିତା ପଣ୍ଡା, ପ୍ରଳୟା ବେଉରା, ମଧୁସ୍ମିତା ବାରିକ, ଦିପ୍ତୀମୟୀ ମୁଳିଆ, କେ.ଜେଡ. ଆଫ୍ରିନ, ଅରବିନ୍ଦ ଜେନା, ଝିଲ୍ଲୀ ବିହାରୀ, ନଳିନୀ ବେହେରା, ଜତିନ ବେହେରା, ପ୍ରଦୀପ ସାହୁ, ପଦ୍ମିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଗାନ୍ଧୀସ୍ମୃତି ପୀଠରେ ମହାପ୍ରୟାଣ ଦିବସ



**ଫୁଲନଖରା,୩୦।୧(ସମିସ):** କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧିସ୍ମୃତି ପୀଠରେ ଗାନ୍ଧିଜୀଙ୍କ ୭୬ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଦିବସଟିକୁ ସହିଦ ଦିବସ ଭାବରେ ପାଳନ କରାଯାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ କଟକ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ନଳିନୀକାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସର୍ବଧର୍ମ ସଭାରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜ, ସଦର ଉପଜିଲ୍ଲାପାଳ କମଳଜିତ୍ ଦାସ ଯୋଗଦେଇ ଗାନ୍ଧିଜୀଙ୍କ ଚିନ୍ତାଧାରା, ସରଳ ଜୀବନ ଯାପନ ଓ ଅହିଂସା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ୫୭ନଂ ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ପୂର୍ବତନ ସରପଞ୍ଚ ପୀତବାସ ମହାପାତ୍ର ଓ ବିକ୍ରମ କେଶରୀ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାତଃ ସମୟରେ ସମାଜସେବୀ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ କୈଳାସ ଚନ୍ଦ୍ର ମୁଦୁଲି, ସୁଧିର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଭୋଇ, କରିମ୍ ସା, ପ୍ରମୁଖ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଓୟୁଜେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ ମହାନ୍ତିଙ୍କ ନେତୃତ୍ୱରେ ବିଷ୍ଣୁ ଚରଣ ପଣ୍ଡା, ଜଗନ୍ନାଥ ରାଉତ, କାନନ ବିହାରୀ ନାୟକ, ନାରାୟଣ ସିହ୍ନା, ବିଭୁତି ଭୂଷଣ ତରାଇ ପ୍ରମୁଖ ସାମ୍ବାଦିକମା।ନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ।

## ଯୋଗଦେଲେ କଟକର ନୂତନ ଜିଲ୍ଲାପାଳ ବିନୀତ ଭରଦ୍ୱାଜ

**କଟକ,୩୦।୧(ସମିସ):** କଟକର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଭାବେ ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ବିନୀତ ଭରଦ୍ୱାଜ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନୂତନ ଜିଲ୍ଲାପାଳଙ୍କୁ ସାକ୍ଷାତପୂର୍ବକ ଶୁଭେଚ୍ଛା ଜଣାଇଛନ୍ତି।

ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ (ସହିଦ ଦିବସ) ପାଳନ ଉପଲକ୍ଷେ ଦିବଙ୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ମତ ବିନିମୟ କରି ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ସେମାନଙ୍କ ଅଭିଯୋଗଗୁଡିକର ତୁରନ୍ତ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକକ ବାତାୟନ ପ୍ରକୋଷ୍ଠ ଖୋଲିବାକୁ ସେ ମତବ୍ୟକ୍ତ କରିଥିଲେ। ଏଥିସହ ଆଗାମୀ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ କରିବା ନିମନ୍ତେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଧୁନିକ ପ୍ରଯୁକ୍ତି ସହ ତାଳ ଦେଇ ନିଜକୁ ଅଧୁନାତନ କରିବା ନିମନ୍ତେ ସେ କହିଥିଲେ। ଏଥିସହ ସଠିକ୍ ସମୟରେ କାର୍ଯ୍ୟାଳୟରେ ଫାଇଲଗୁଡିକର କାର୍ଯ୍ୟ ଶେଷ କରିବା ନିମନ୍ତେ ପ୍ରୟାସ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

### ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ କ୍ଲବ ଗୃହ ଶିଳାନ୍ୟାସ



**ଟାଙ୍ଗୀ,୩୦ ।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ କୁଣ୍ଡପଡିଆ ସ୍ଥିତ ଆଦିବାସୀ ବାପୁଜୀ କ୍ଲବ ଆନୁକୂଲ୍ୟରେ ହେଉଥିବା ପାଞ୍ଚଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ବିଜେତା ରିଭେଲ ଷ୍ଟାର ରିଭେଲ ୩ ଓ ଉପବିଜେତା ମା' ବୁଢୀଆଣୀ ବାଲିଟୁଆ ଫୁଟବଲ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ଆମ୍ଭ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଓସିଏଲର ମାନବ ସମ୍ବଳ ଅଧିକାରୀ ଅଜିତ ପାୟରା, ସ୍ଥାନୀୟ ସରପଞ୍ଚ ଭରତ ସାହୁ, ସମିତି ସଭ୍ୟା ସୁନନ୍ଦା ସାମଲ, ପଞ୍ଚାୟତ ସଭାପତି ପରମାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ କଟକ, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାର ୬୦ଟି ଦଳ ଭାଗନେଇଥିଲେ। ଏହି ଅବସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଉକ୍ତ କ୍ଲବ ଗୃହ ନିର୍ମାଣ ନିମନ୍ତେ ବିଧାୟକ ଶ୍ରୀ ବେହେରା ଶୁଭ ଶିଳାନ୍ୟାସ କରିଥିଲେ।

## ଅଭିନବ ବିଡ଼ାନାସୀ ପଥଚାରୀ ସଂଘର ବାର୍ଷିକ ସମ୍ମିଳନୀ

**କଟକ,୩୦ ।୧(ସମିସ)**



ଅଭିନବ ବିଡାନାସୀ ପଥଚାରୀ ସଂଘର ଊନବିଂଶ ବାର୍ଷିକ ସମ୍ମିଳନୀ ମର୍କତନଗର ସଂଘର ସଭାଗୃହଠାରେ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଓଡିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ବିମଳ ପ୍ରସାଦ ଦାସ ଗଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ ସହ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀର ଶେଷ ଦିବସରେ ଓଡିଶା ମାନବ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ, ସ୍ଥାନୀୟ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, କଟକ ମହାନଗର ନିଗମର ମେୟର ସୁବାସ ସିଂହ ଯୋଗଦେଇଥିଲେ। ଏ ବର୍ଷ ବରିଷ୍ଠ ଚିକିତ୍ସକ ଡା. ବ୍ରହ୍ମାନନ୍ଦ ଦାସଙ୍କୁ ଡାକ୍ତର ଡି.ବି. ଟ୍ରମ୍ପେ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଡାକ୍ତର ପ୍ରସନ୍ନ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ଗୌର ପଟ୍ଟନାୟକ, ଗଦାଧର ସାହୁ, ଦେବେନ୍ଦ୍ରନାଥ ଦାସ, ଡ. ଧିରେନ୍ଦ୍ର କୁମାର ମହାନ୍ତି, ରତନ ଚାନ୍ଦ ଦାସ, କୃଷ୍ଣ କୁମାର ଦାସବର୍ମା, ଜୟଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ, ଏଫ.ୟୁ. ଖାନ, ମିଲୋନିକା ମହାନ୍ତି, ପ୍ରଗତି ମିଶ୍ର, ପ୍ରମିଳା ଦାସବର୍ମା, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଡା. ବିଷ୍ଣୁ ଚରଣ ସାହୁ,ରବିନ୍ଦ୍ର ନାଥ ସ୍ୱାଇଁ, ମହେନ୍ଦ୍ର ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାନ୍ତି, ହିମାଂଶୁବାଳା ପଟ୍ଟନାୟକ, ଶ୍ରୀଧର ମହାରଣା, ମୁରଲୀଧର ଶତପଥୀ, କୁଶାସନ ମଲ୍ଲିକ ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ସଂଘର ସଭାପତି ଦେବେନ୍ଦ୍ର ସୁତାର ଅଧ୍ୟକ୍ଷତା କରିଥିଲେ। ସଂପାଦକ ରମେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ଏବଂ କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ମିଶ୍ର ଆୟବ୍ୟୟ ହିସାବ ଉପସ୍ଥାପନା କରିଥିଲେ। ଶିଶୁ ନୃତ୍ୟ ଶିଳ୍ପୀ ମେଘାଲି ଭୂୟାଁ ଓଡିଶୀ ନୃତ୍ୟ ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ମୁଖପତ୍ର 'ପ୍ରତ୍ୟୁଷ'ର ବିଶେଷ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା। ଡ.ସତ୍ୟ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଜିଲ୍ଲା ଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ହୃଷିକେଶ ପାଣି, ଅନୀଲ ରାୟ, ଜ୍ଞାନରଞ୍ଜନ ଦାସ, ଶ୍ୟାମସୁନ୍ଦର ମହାନ୍ତି, ଜଗବନ୍ଧୁ ବେହେରା, ମନୋରଞ୍ଜନ ଦାସ, କୁଞ୍ଜବିହାରୀ ପଣ୍ଡା, ସବିତା ରଞ୍ଜନ ପଟ୍ଟନାୟକ, ମୋହନ ଚରଣ ମଲ୍ଲିକ, ଦୁର୍ଯ୍ୟୋଧନ ସାହୁ, ଚୈତନ୍ୟ ବେହେରା, ଦେବେନ୍ଦ୍ରନାଥ ମିଶ୍ର, ରମେଶ ଚନ୍ଦ୍ର ବିଶ୍ୱାଳ, ଶ୍ୟାମ ସୁନ୍ଦର ମହାନ୍ତି, ସନ୍ତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଠଗଡ଼ ବିଜେଡି ପକ୍ଷରୁ ସହିଦ ଦିବସ

**ଆଠଗଡ,୩୦।୧(ସମିସ):** ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଓ ସହିଦ ଦିବସ ଉପଲକ୍ଷେ ଆଠଗଡ଼ ବିଜୁ ଯୁବ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ "ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମୋଟର ସାଇକଲ ଶୋଭାଯାତ୍ରା ରାଧାଗୋବିନ୍ଦପୁର ସ୍ଥିତ ହନୁମାନ ମନ୍ଦିରରୁ ବାହାରି ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲା। ଆଠଗଡ଼ ବ୍ଲକ୍ ବିଜୁ ଯୁବ ଜନତା ଦଳ ସଭାପତି ବିନୋଦ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ବିଶିଷ୍ଟ ଗାନ୍ଧିବାଦୀ ପ୍ରବକ୍ତା ପ୍ରାଧ୍ୟା।ପକ ଅମୀୟ ବେହେରା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ମାନସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟଙ୍କ ମଧ୍ୟରେ ଆଠଗଡ ବ୍ଲକ ଛାତ୍ର ଜନତା ସଭାପତି ସତ୍ୟପ୍ରିୟ ମହାନ୍ତି, ଏନ୍‌ଏସି ଯୁବ ବିଜେଡି ସଭାପତି ଶିବ ଶଙ୍କର ଜେନା ଛାତ୍ର ସଭାପତି ମହମ୍ମଦ ଖଲ୍ଲିଦ ପ୍ରମୁଖ ଉପସ୍ଥିତ ଥିଲେ।



ନ କରିଲେ ମାତୃଭାଷାର ଉନ୍ନତି, ଘୁଞ୍ଚିବ କି କେବେ ଦେଶର ଦୁର୍ଗତି !
-ବ୍ୟାସକବି ଫକୀରମୋହନ ସେନାପତି



ସକାଳ
THE SAKALA

## ଓଡ଼ିଶା ଲଘୁ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା

# ଆଦିବାସୀଙ୍କ ପାଇଁ ଅଭିନବ 'ଲାଭ' ଯୋଜନା

ଭାରତରେ ଆଦିବାସୀ ବା ଜନଜାତି ବର୍ଗର ଲୋକେ ଐତିହାସିକ ଦୃଷ୍ଟିରୁ ଅନଗ୍ରସର। ସ୍ୱାଧୀନତା ପରଠାରୁ ଏହି ବର୍ଗଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ କେନ୍ଦ୍ରୀୟ ଓ ପ୍ରାଦେଶିକ ସ୍ତରରେ ବିଭିନ୍ନ ପ୍ରକାର ଯୋଜନା ନିରବଚ୍ଛିନ୍ନ ଭାବେ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଆଦିବାସୀଙ୍କ ବିକାଶ ପ୍ରକ୍ରିୟା ମନ୍ଥର ରହିଛି। ସେହି ମନ୍ଥରତାକୁ ଦୂର କରିବା ପାଇଁ ବିକାଶ ପ୍ରକ୍ରିୟା ଓ ଯୋଜନାର ତ୍ୱରାନ୍ୱୟନ ତଥା ନବୀକରଣର ଆବଶ୍ୟକତା ରହିଛି ଏବଂ ସରକାରମାନେ ସେ କାମରେ ମଧ୍ୟ ହେଳା କରୁନାହାନ୍ତି। ତେବେ ସେମାନଙ୍କୁ ବିଭିନ୍ନ ପ୍ରକାର ସରକାରୀ ସୁବିଧା ଦେଇ ବିକାଶର ମୁଖ୍ୟଧାରାରେ ସାମିଲ କରିବା ବିଭିନ୍ନ କାରଣରୁ ସମୟସାପେକ୍ଷ ପ୍ରମାଣିତ ହେଉଛି।

ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ ଆଦିବାସୀ। ସେମାନଙ୍କ ମୋଟ ସଂଖ୍ୟା ପ୍ରାୟ ୧ କୋଟି ଏବଂ ଦେଶର ଜନସଂଖ୍ୟାର ପ୍ରାୟ ୦.୮୦ ଭାଗ। ଏହାଛଡ଼ା ଭାରତର ମୋଟ ଆଦିବାସୀଙ୍କ ମଧ୍ୟରୁ ପ୍ରାୟ ୧୦ ଭାଗ ଓଡ଼ିଶାରେ ବସବାସ କରନ୍ତି। ଓଡ଼ିଶାରେ ୧୩ ପ୍ରକାର ଆଦିମ ଅଧିବାସୀଙ୍କ ସମେତ ୬୨ ବର୍ଗର ଆଦିବାସୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ବିଲୁପ୍ତ ପ୍ରାୟ ଓ ବିପନ୍ନ। ଓଡ଼ିଶାର ଆଦିବାସୀମାନେ ପାରମ୍ପରିକ ଭାବେ ପାହାଡ଼ ପର୍ବତ ଘେରା ଜଙ୍ଗଲାଞ୍ଚଳ ଓ ଅଗମ୍ୟ ଇଲାକାରେ ବସବାସ କରୁଥିବାରୁ ସେମାନଙ୍କ ପାଖରେ ଆଧୁନିକ ସୁବିଧା ସୁଯୋଗ ଓ ସରକାରୀ ଯୋଜନାର ଲାଭ ପହଞ୍ଚିବା କଷ୍ଟସାଧ୍ୟ। ତଥାପି ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ସରକାରଙ୍କ ନିରନ୍ତର ଉଦ୍ୟମ ଫଳରେ ରାଜ୍ୟର ଆଦିବାସୀମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ରୋଜଗାର, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅପେକ୍ଷାକୃତ ଭଲ ପ୍ରଗତି କରୁଛନ୍ତି।

ସେମାନଙ୍କ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର ଦୁଇଦିନ ତଳେ ଏକାଧିକ ଯୋଜନାକୁ କାର୍ଯ୍ୟକାରୀ କରିବାକୁ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ଅନୁମୋଦନ କରିଛନ୍ତି। ସେଥିମଧ୍ୟରୁ 'ଲାଭ'(ଲଘୁ ବନଜାତ ଦ୍ରବ୍ୟ କ୍ରୟ) ଯୋଜନା ଅନ୍ୟତମ ଏବଂ ଅଭିନବ। ଏହି ଯୋଜନାରେ ରାଜ୍ୟ ସରକାର ମିଶନ ଶକ୍ତି ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ଆଦିବାସୀଙ୍କଠାରୁ ଲଘୁ ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରିବେ। ଏଥିପାଇଁ ସବୁ ବ୍ୟୟ ରାଜ୍ୟ ସରକାର ବହନ କରିବେ ଓ ପ୍ରତିବର୍ଷ ପ୍ରତ୍ୟେକ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସଂଗ୍ରହ ଋତୁ ପୂର୍ବରୁ ସରକାରୀ ଭାବେ ଘୋଷଣା କରାଯିବ। ସେହି ମୂଲ୍ୟ ଅନୁସାରେ ଆଦିବାସୀମାନେ ସଂଗ୍ରହ କରିଥିବା ଲଘୁ ବନଜାତ ଦ୍ରବ୍ୟକୁ ଆଦିବାସୀ ବିକାଶ ସମବାୟ ଲିମିଟେଡ୍ (ଟିଡିସିସିଏଲ୍) କେନ୍ଦ୍ରରେ ବିକି ପଇସା ପାଇବେ।

ଆଗରୁ ମଧ୍ୟସ୍ଥ ଓ ବେପାରୀମାନଙ୍କ ଦ୍ୱାରା ଏସବୁ ସାମଗ୍ରୀ ଆଦିବାସୀଙ୍କଠାରୁ ସଂଗ୍ରହ ହେଉଥିଲା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ତଥା ବିଧିବଦ୍ଧ ସଂଗ୍ରହ ବ୍ୟବସ୍ଥା ନଥିବାରୁ ସେମାନେ ଶୋଷଣର ସମ୍ମୁଖୀନ ହେଉଥିଲେ। ନୂଆ ବ୍ୟବସ୍ଥା ଠିକଣା ଭାବେ କାର୍ଯ୍ୟକାରୀ ହେଲେ ଆଦିବାସୀମାନେ ନିଶ୍ଚିତ ରୋଜଗାର ପାଇବେ ଓ ଠକାମିର ସମ୍ମୁଖୀନ ହେବେ ନାହିଁ। ଏହା ସେମାନଙ୍କୁ ସଶକ୍ତ କରିବ। ଏହାଛଡ଼ା ଆଦିବାସୀଙ୍କ ଜମିକୁ ଅଣଆଦିବାସୀମାନେ କିଣିବା ନେଇ ଯେଉଁ ନିଷ୍ପତ୍ତି ଆଗରୁ ସରକାର ନେଇ ତାହାକୁ ପରବର୍ତ୍ତୀ ସମୟରେ ସ୍ଥଗିତ ରଖିଥିଲେ, ତାହାକୁ ମଧ୍ୟ ପ୍ରତ୍ୟାହାର କରିନିଆଯାଇଛି। ରାଜନୈତିକ ବିବାଦ ଓ କେତେକ ମହଲର ବିରୋଧ ଯୋଗୁଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଫଳରେ ଅଣଆଦିବାସୀମାନେ ଆଦିବାସୀଙ୍କ ଜମି କିଣି ସେମାନଙ୍କୁ ପ୍ରକାରାନ୍ତରେ ଭୂମିହୀନ କରିପାରିବେ ନାହିଁ। ଏହା ଛ'ଟି ଜିଲ୍ଲା ସମେତ ଅନ୍ୟ ୭ ଜିଲ୍ଲାର ବିଜ୍ଞାପିତ ଅନୁସୂଚିତ କ୍ଷେତ୍ର ପାଇଁ ଲାଗୁହେବ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରୁ ଏ ଯାଏଁ ଅନେକ ସଂରକ୍ଷଣ ସୁବିଧାରୁ ବଞ୍ଚିତ। ସେମାନେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ହୋଇଥିଲେ ମଧ୍ୟ ଅନେକ ଆଦିବାସୀ ସମ୍ପ୍ରଦାୟ ତଫସିଲଭୁକ୍ତ ଉପଜାତି ତାଲିକାରେ ସ୍ଥାନ ପାଇପାରିନାହାନ୍ତି। ଏହା ପଛରେ କେତେକ ବୈଷୟିକ ତ୍ରୁଟି ଓ ଅଯୌକ୍ତିକ କାରଣ ରହିଛି। ସେମାନଙ୍କୁ ସଂରକ୍ଷଣର ସୁବିଧା ଦେବାକୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏ କ୍ଷେତ୍ରରେ ସଫଳତା ମିଳୁନାହିଁ। ସେହିଭଳି ମୁଣ୍ଡାରୀ, କୁଇ ଏବଂ ସଓରା ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବାର ଦାବି ଦୋହରାଇ ରାଜ୍ୟ ସରକାର ଏକ ପ୍ରସ୍ତାବ ପାରିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସରକାର ଏହି ଦାବି ଅନେକ ଦିନରୁ କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି ସଦୟ ହେଉନାହାନ୍ତି। ତେଣୁ ଏହାକୁ ଏକ ପ୍ରସଙ୍ଗ କରି ରାଜ୍ୟ ସରକାର କେନ୍ଦ୍ର ସହିତ ଲଢ଼େଇ କରିବା ସ୍ପଷ୍ଟ ହୋଇଯାଇଛି।

ରାଜ୍ୟର ଆଦିବାସୀମାନେ ନିଜ ନିଜର ଭାଷାର ସଂରକ୍ଷଣ ଓ ବିକାଶ ସହିତ ନିଜର ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ବଜାୟ ରଖିବାକୁ ସଚେତନ ହେଉଛନ୍ତି। ସେ ଦୃଷ୍ଟିରୁ ରାଜ୍ୟ ସରକାର ଆଦିବାସୀ ଭାଷା ସମୂହର ସଂରକ୍ଷଣ ଓ ବିକାଶ ପାଇଁ ଏକ କମିଶନ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ମାଧ୍ୟମରେ ୨୧ଟି ଆଦିବାସୀ ଭାଷାର ସଂରକ୍ଷଣ ଓ ବିକାଶ କରାଯିବ। ଥରେ ଗୋଟିଏ ବିଷୟରେ ସରକାରୀସ୍ତରରେ ପ୍ରୟାସ ଆରମ୍ଭ ହେଲେ ସେ କାମ ଚାଲିବ। ରାଜନୈତିକ ଇଚ୍ଛାଶକ୍ତି ଏହାକୁ ତ୍ୱରାନ୍ୱିତ କରିବ। ନିର୍ବାଚନ ବର୍ଷର ଭୋଟ୍ ରାଜନୀତି ଉର୍ଦ୍ଧ୍ୱରେ ଏସବୁ ପ୍ରସ୍ତାବ ଓ ନିଷ୍ପତ୍ତି ସବୁକୁ ଦେଖିଲେ ଆଦିବାସୀମାନେ ବାସ୍ତବରେ 'ଲାଭ'ବାନ ହେବାକୁ ଯାଉଛନ୍ତି।

ମନେ ରଖିବାକୁ ପଡ଼ିବ ଓଡ଼ିଶାରେ ନବୀନ ସରକାର ଲୋକକଲ୍ୟାଣ ଓ ସମାବେଶୀ ବିକାଶକୁ ସର୍ବଦା ଗ୍ୟାରେଣ୍ଟି ଦେଇଆସିଛନ୍ତି। ନବୀନବାବୁ ଯାହା କହନ୍ତି ଏବଂ ପ୍ରତିଶ୍ରୁତି ଦିଅନ୍ତି, ତାହାକୁ କାର୍ଯ୍ୟକାରୀ କରିଥା'ନ୍ତି। ଏହାର ଉଦାହରଣର ଅଭାବ ନାହିଁ। ତେଣୁ ଏହା ନିଶ୍ଚିତ ଆଦିବାସୀଙ୍କୁ ଲାଭ ପହଞ୍ଚାଇବ। ଏହାକୁ କେହି ଯଦି ଭୋଟ ରାଜନୀତି ଦୃଷ୍ଟିରେ ଦେଖୁଥିବେ, ସେଥିରେ କହିବାର କିଛି ନାହିଁ। ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ପାଞ୍ଚଟି ଓ ୧୪୭ ବିଧାନସଭା ଆସନରୁ ୩୩ଟି ଆଦିବାସୀଙ୍କ ପାଇଁ ସଂରକ୍ଷିତ। ଏସବୁ ଆସନରେ ନିର୍ବାଚନ ଫଳାଫଳ ଦୃଷ୍ଟିରୁ ବିଜେଡିର ରେକର୍ଡ ମଧ୍ୟ ମନ୍ଦ ନୁହେଁ। ରାଜନୀତି ତ ରାଜନୀତି ସୃଷ୍ଟି କରିବ। ତା'ସତ୍ତ୍ୱେ ବାସ୍ତବ ଶାସକ ଲୋକଙ୍କ କଲ୍ୟାଣ ଦେଖିବ।

# ଓଡ଼ିଶାର ଜନଜାତି ଭାଷା



ପରମାନନ୍ଦ ପଟେଲ
ଭୁବନେଶ୍ୱର, ମୋ: ୯୪୩୭୧୭୬୨୮୭

ଓଡ଼ିଶା ଖୁବ୍ ଚର୍ଚ୍ଚିତ ଦୁଇଟି କ୍ଷେତ୍ରକୁ ନେଇ। ପ୍ରଥମଟି ହେଉଛି ଜଗନ୍ନାଥ କ୍ଷେତ୍ର ଏବଂ ଅନ୍ୟଟି ଜନଜାତି କ୍ଷେତ୍ର। ଜଗନ୍ନାଥ ଓଡ଼ିଶାର ଭାବନା ସହ ଜଡ଼ିତ। ଦ୍ୱିତୀୟଟି ସଂସ୍କୃତି ସହ ପ୍ରକୃତିକୁ ନେଇ ଗତିଶୀଳ। ଓଡ଼ିଶାର ଉପକୂଳ ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟତ୍ର ଜନଜାତିମାନଙ୍କ ବସତି ଓ ଅବସ୍ଥିତି ବେଶି। ଓଡ଼ିଶା ପୁନଶ୍ଚ ଆଉ ଏକ ଦିଗରୁ ଚର୍ଚ୍ଚିତ ହୁଏ, ଯାହା ଭାଷାକ୍ଷେତ୍ର ହିସାବରେ ପରିଚିତ। ଏଠି ଜନଜାତିଙ୍କ ଭାଷା ଓ ସଂସ୍କୃତିକୁ ଅଧ୍ୟୟନ ପାଇଁ ଦେଶ ବିଦେଶରୁ ଗବେଷକ ଆକୃଷ୍ଟ ହୁଅନ୍ତି। ଗାଁ ଗାଁରେ ଅନେକ ଭାଷାଭାଷୀ ଗୋଷ୍ଠୀଙ୍କ ସମାହାର। ଅନ୍ତର୍ଗୋଷ୍ଠୀୟ ସ୍ତରରେ ନିଜ ଭାଷାରେ ଏମାନେ ଭାବ ଆଦାନ ପ୍ରଦାନ କରୁଥିଲେ ମଧ୍ୟ ଅନ୍ତର୍ଗୋଷ୍ଠୀୟ ସ୍ତରରେ ଏକ ତୃତୀୟ ଭାଷାକୁ ମାଧ୍ୟମ କରିଥା'ନ୍ତି। ନିଜ ଭାଷା, ସଂସ୍କୃତି ସହ ଅନ୍ୟ ସଂସ୍କୃତି, ଭାଷାକୁ ସମାନ ସମ୍ମାନ ଦେଇ ତଦନୁରୂପ ନିଜ ପରିଚିତି ବଜାୟ ରଖିବା ଆମ ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ହିଁ ସମ୍ଭବ ହୋଇଥାଏ। ତେଣୁ ଦେଶବିଦେଶରୁ ଭାଷା, ସମାଜ, ନୃତତ୍ତ୍ୱ, ସଂସ୍କୃତି ଶାସ୍ତ୍ରୀମାନେ ଓଡ଼ିଶାକୁ ସେମାନଙ୍କ ଗବେଷଣାର କ୍ଷେତ୍ର ହିସାବରେ ଗ୍ରହଣ କରିଆସିଛନ୍ତି।

ଆମ ଓଡ଼ିଶାରେ ବାଷଠୀ ଗୋଷ୍ଠୀର ଜନଜାତି ବାସ କରନ୍ତି। ସେମାନଙ୍କ ମଧ୍ୟରେ ୧୩ ପ୍ରକାର ନିର୍ଦ୍ଦିଷ୍ଟ ରୂପେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ମଧ୍ୟ ଅନ୍ତର୍ଭୁକ୍ତ। ଭାଷାଦୃଷ୍ଟିରୁ ଏମାନଙ୍କୁ ମୁଖ୍ୟତଃ ତିନୋଟି ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ କରାଯାଇଛି। ଏଗୁଡ଼ିକ ହେଲା ଅଷ୍ଟ୍ରିକ ବା ଅଷ୍ଟ୍ରୋଏସିଆଟିକ; ଦ୍ରାବିଡ଼ ଏବଂ ଭାରତୀୟ ଆର୍ଯ୍ୟ। ମୁଣ୍ଡା ବା ଅଷ୍ଟ୍ରିକ ଗୋଷ୍ଠୀ ଓଡ଼ିଶା କ୍ଷେତ୍ରକୁ ଦୁଇଟି ମାର୍ଗରେ ଆସିଛନ୍ତି। ପ୍ରଥମଟି ହେଲା ଛୋଟନାଗପୁର ମାଳ ଅଞ୍ଚଳ ଦେଇ ଉତ୍ତର-ପଶ୍ଚିମ ବାଟରୁ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଝାରସୁଗୁଡ଼ା ଅଞ୍ଚଳରେ ବସତି ସ୍ଥାପନ କରିଛନ୍ତି। ଆଉ ଗୋଟିଏ ଦଳ ଗୋଦାବରୀ ଉପତ୍ୟକା ଦେଇ ଓଡ଼ିଶାର ଦକ୍ଷିଣ-କେନ୍ଦ୍ରାଞ୍ଚଳରେ ଅବିଭକ୍ତ କୋରାପୁଟ ଅଞ୍ଚଳକୁ ଏବଂ ପରବର୍ତ୍ତୀ ସମୟରେ ଏମାନଙ୍କ ଏକ ଶାଖା କେନ୍ଦ୍ର ପଶ୍ଚିମ ଅଞ୍ଚଳ ତଥା କେନ୍ଦୁଝର, ସୁନ୍ଦରଗଡ଼ ଅଞ୍ଚଳରେ ବସତିସ୍ଥାପନ କରିଥିବାର ବିଭିନ୍ନ ସୂତ୍ରରୁ ଜଣାଯାଏ। ଦ୍ରାବିଡ଼ମାନେ ଦକ୍ଷିଣାଞ୍ଚଳରୁ କ୍ରମଶଃ ଉତ୍ତର-ପଶ୍ଚିମକୁ ବିସ୍ତାରିତ ହୋଇଥିବାର ଜଣାଯାଏ। ଦ୍ରାବିଡ଼ମାନେ ସମନ୍ୱୟ ସଂସ୍କୃତିର ସଂଗଠକ। ସମାଜ, ପଲ୍ଲୀ, ହାଟ, ନୃତ୍ୟ, ସଙ୍ଗୀତ ତଥା ଶକ୍ତି ଓ ଶିବର ପ୍ରସାରକ। କୃଷି ସହ ଏମାନଙ୍କ ସଂସ୍କୃତି ଓତପ୍ରୋତଃ ଭାବରେ ଜଡ଼ିତ। ପରବର୍ତ୍ତୀ ସମୟରେ ଆର୍ଯ୍ୟମାନଙ୍କର ସହାବସ୍ଥାନରେ ଦ୍ରାବିଡ଼ ଓ ମୁଣ୍ଡା ସଂସ୍କୃତିର ସୁସମନ୍ୱୟ ସାଧିତ ହୋଇଛି।

ଭାଷା ହେଉଛି ସଂସ୍କୃତିର ବାହକ। ଗୋଟିଏ ଜାତିକୁ ଅଧ୍ୟୟନ କଲେ ତା'ର ଭାଷା ସହିତ ପରିଚିତ ହେବାକୁ ପଡ଼େ। ଆମେ ଆଜିର ଯେଉଁ ଓଡ଼ିଆ ଭାଷା ସଂସ୍କୃତିର କଥା କହୁଛୁ ତାହା ଦ୍ରାବିଡ଼-ମୁଣ୍ଡା-ଆର୍ଯ୍ୟର ଏକ ସଫଳ ସଂସ୍କରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଜଗନ୍ନାଥ ସାଂସ୍କୃତିକ ଚେତନାରେ ଆଜି ବି ଅନେକ ଶବର ଶବ୍ଦର ପ୍ରଚଳନ ଦେଖିବାକୁ ମିଳିଥାଏ। ଶବର ଓ ବ୍ରାହ୍ମଣର ମହାମିଳନରେ ଜଗନ୍ନାଥ ସଂସ୍କୃତିର ବିକାଶ ହୋଇଥିବାର ଅନେକ ଚର୍ଚ୍ଚା ବିଭିନ୍ନ କିମ୍ବଦନ୍ତୀ ଓ କର୍ମକାଣ୍ଡରେ ଶୁଣାଯାଏ।

ଭାଷା ଆଲୋଚନା ଦୃଷ୍ଟିରୁ ଓଡ଼ିଶାକୁ ଭାଷା-କ୍ଷେତ୍ର ହିସାବରେ ଭାଷାବିଦ୍‌ମାନେ ପ୍ରତିଷ୍ଠା କରିସାରିଥିଲା ବେଳେ ଜନଜାତି ଭାଷାକୁ ଗବେଷଣା ପାଇଁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଓଡ଼ିଶାରେ ଭାଷା ଚିନ୍ତନର ପରମ୍ପରା ଖୁବ୍ ପ୍ରାଚୀନ। ଓଡ଼ିଶାକୁ ଆର୍ଯ୍ୟମାନଙ୍କ ଆଗମନ କାଳରୁ ଏ ଚିନ୍ତନର ଅୟମାରମ୍ଭ। ଆର୍ଯ୍ୟମାନଙ୍କ ଓଡ଼ିଶାକୁ ଆଗମନ କୋଶଳ ଏବଂ ବଙ୍ଗ ଉଭୟ ଦିଗରୁ ହୋଇଛି। ଭୌଗୋଳିକ ଅବସ୍ଥିତି ତଥା ଦ୍ରାବିଡ଼ ଓ ମୁଣ୍ଡା ଗୋଷ୍ଠୀଙ୍କ




ସହ ସମନ୍ୱୟରୁ ଅନେକ ଭାଷିକ ବିନିମୟ ସାଧିତ ହୋଇଛି। ଓଡ଼ିଶାର ସାମଗ୍ରିକ ଜନସମୁଦାୟର ୨୨.୮୫ ଶତାଂଶ ଜନଜାତି। ଏମାନେ ୧୩ ଗୋଟି ନିର୍ଦ୍ଦିଷ୍ଟ ଭାବେ ଅନୁନ୍ନତ ଜନଜାତି ସମୁଦାୟ ସମେତ ୬୨ଟି ଗୋଷ୍ଠୀରେ ବିଭକ୍ତ। ପୁନଶ୍ଚ ଭାଷାଦୃଷ୍ଟିରୁ ଏମାନଙ୍କ ମଧ୍ୟରେ ୨୧ଟି ଭାଷା ଓ ୭୪ଟି ଉପଭାଷାର ପ୍ରଚଳନ ଦେଖିବାକୁ ମିଳିଥାଏ।

ପ୍ରଥମେ ଚର୍ଚ୍ଚା ଆରମ୍ଭ କରାଯାଉ ମୁଣ୍ଡା ଭାଷା ପରିବାରରୁ। ଓଡ଼ିଶାରେ ମୁଣ୍ଡା ଭାଷାଭାଷୀ ଦୁଇଟି ପ୍ରଭାଗରେ ବିଭକ୍ତ। ପ୍ରଥମଟି ଦକ୍ଷିଣ ମୁଣ୍ଡା; ଏହାର ଦୁଇଟି ଉପଶାଖା। ଗୋଟିଏ କୋରାପୁଟ ମୁଣ୍ଡା ଓ ଅନ୍ୟଟି କେନ୍ଦ୍ରୀୟ ମୁଣ୍ଡା। କୋରାପୁଟ ମୁଣ୍ଡା ଅନ୍ତର୍ଭୁକ୍ତ ସରା (ସଉରା), ଗୋରୁମ୍ (ପାରେଙ୍ଗା) ଗୋଟିଏ ଡାଳର ଦୁଇଟି କେଣ୍ଡା। ସେହିପରି ଆଉ ଗୋଟିଏ ଡାଳରେ ଗ୍ତା (ଡିଡାୟୀ) ଏବଂ ଗୁତବ୍ (ଗଦବା) ଓ ରେମ (ବଣ୍ଡା) ଭାଷା ବନ୍ଧା। ଗୋରୁମ୍ (ପାରେଙ୍ଗା) ଭାଷା ପ୍ରାୟତଃ ପରିବର୍ତ୍ତନର ଦ୍ୱାରଦେଶରେ। ଦେଶିଆକୁ ଆପଣେଇ ଏମାନେ ନିଜଭାଷାଠୁ ଦୂରେଇଯିବାରେ ଲାଗିଛନ୍ତି। ଗ୍ତା (ଡିଡାୟୀ) ଓ ଗୁତବ୍ (ଗଦବା) ଭାଷା ମଧ୍ୟ ଧୀରେ ଧୀରେ ନିଜ ଅସ୍ମିତା ହରାଇବାରେ ଲାଗିଛି। କେନ୍ଦ୍ରୀୟ ମୁଣ୍ଡା ଅଧୀନରେ ଖଡ଼ିଆ ଓ ଜୁଆଙ୍ଗଙ୍କୁ ଗଣନା କରାଯାଏ। ଏହାର ସମ୍ପର୍କ କୋରାପୁଟ ମୁଣ୍ଡା ସହ ନିକଟତର କୁହାଯାଏ। ଖେରୱାରୀର ଦୁଇଟି ଡାଳ - ଗୋଟିଏ ଡାଳରେ ସାନ୍ତାଳୀ ଓ ଅନ୍ୟଡାଳରେ ମୁଣ୍ଡାରୀ, ହୋ, ଭୂମିଜ, ବିରହୋର ଇତ୍ୟାଦି ପରସ୍ପର ସମ୍ବନ୍ଧାନ୍ୱିତ ଭାଷା।

ଦ୍ରାବିଡ଼ ଗୋଷ୍ଠୀର ଭାଷାଗୁଡ଼ିକ ଲକ୍ଷ୍ୟ କଲେ କେନ୍ଦ୍ରୀୟ ଓ ଉତ୍ତରାଞ୍ଚଳୀୟ ହିସାବରେ ଦୁଇଟି ଉପଶାଖାରେ ବିଭକ୍ତ କରାଯାଇଥାଏ। ଉତ୍ତରାଞ୍ଚଳୀୟ ଶାଖାରେ ଓରାଓଁ, କିସାନ ଭାଷା ଥିବା ବେଳେ କେନ୍ଦ୍ରୀୟ ଉପଶାଖାର ତିନୋଟି ଡାଳ। ପ୍ରଥମ ଡାଳରେ ତେଲୁଗୁ, ପାର୍ଜୀ, ଓଲାରୀର ସ୍ଥାନ; ଦ୍ୱିତୀୟ ଡାଳରେ କୁଇ, କୁଭି, ପେଙ୍ଗୁ, କଣ୍ଡା ଇତ୍ୟାଦି ଥିବା ବେଳେ ଗୋଣ୍ଡି ଡାଳରେ, ଗୋଣ୍ଡି, କୋୟା, ମାଡ଼ିଆ, ମୁରିଆ ଭାଷାଭାଷୀଙ୍କ ସ୍ଥାନ ରହିଛି।

ଓଡ଼ିଶାରେ ପ୍ରଚଳିତ ଆର୍ଯ୍ୟାନୁଗ ଉପଭାଷା ସମୂହର କେଉଁ ମୁଖ୍ୟ ଭାଷା ସହିତ ସମ୍ପର୍କ ତାହା ଅଦ୍ୟାବଧି ନିରୂପିତ ହୋଇପାରିନାହିଁ। ତେବେ ଦକ୍ଷିଣାଞ୍ଚଳୀୟ ଶାଖାରେ ଦେଶିଆ-ଭତରୀ-ହାଲବି-ଝରିଆ ପରସ୍ପର ସମ୍ବନ୍ଧିତ ଉପ-ଶାଖା ହିସାବରେ ନଜରକୁ ଆସୁଥିବା ବେଳେ ପଶ୍ଚିମାଞ୍ଚଳୀୟ ଶାଖାରେ ସାଦରୀ-ଲରିଆ-ଛତିଶଗଡ଼ି-ଭୁଞ୍ଜିଆ-ସମ୍ବଲପୁରୀ-କନ୍ଧାନ-ବିନ୍ଝାଲ -ବନ୍ଜାରା ଏବଂ ଉତରାଞ୍ଚଳୀୟ ଉପଶାଖାରେ ସମ୍ବଲପୁରୀ-ଭୂୟାଁ-ବାଥୁଡ଼ି-କୁରମାଳି-ସାଉଁତି ପରସ୍ପର ସମ୍ପର୍କିତ ଉପଭାଷା ହିସାବରେ ଗ୍ରହଣୀୟ ହୋଇଥା'ନ୍ତି।

ଦକ୍ଷିଣାଞ୍ଚଳୀୟ ଶାଖାର ଭାଷା ସମୂହ ମୁଖ୍ୟତଃ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଜିଲ୍ଲାରେ କଥିତ ହେଉଥିଲା ବେଳେ ପଶ୍ଚିମାଞ୍ଚଳୀୟ ଶାଖାର ଭାଷା ସମୂହ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ତଥା ସୁନ୍ଦରଗଡ଼ ଜିଲ୍ଲାରେ ଏବଂ ଉତ୍ତରାଞ୍ଚଳୀୟ ଶାଖାର ଭାଷା ସମୂହ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲା ସମୂହରେ ପ୍ରଚଳିତ। ଏ ଶାଖାତ୍ରୟୀର ରୂପଗତ ସୌସାଦୃଶ୍ୟ ମଧ୍ୟ ଉତ୍ତରାଞ୍ଚଳୀୟ-ପଶ୍ଚିମାଞ୍ଚଳୀୟ-ଦକ୍ଷିଣାଞ୍ଚଳୀୟ କ୍ରମରେ ରହିଛି। ସାଂସ୍କୃତିକ କ୍ଷେତ୍ର ତଥା ଭାଷିକ କ୍ଷେତ୍ରଭିତ୍ତିକ ଅଧ୍ୟୟନ ନିମନ୍ତେ ଏହି ଅଞ୍ଚଳଭିତ୍ତିକ ସର୍ବେକ୍ଷଣରେ ଶାଖାତ୍ରୟୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ପୁନଶ୍ଚ ଏ ସମସ୍ତ ଭାଷା ଓଡ଼ିଶାର ସମଗ୍ର ମାଳ ଅଞ୍ଚଳକୁ ନେଇ ପରିବ୍ୟାପ୍ତ। ଏ ଅଞ୍ଚଳ ବିଭିନ୍ନ ସମୟରେ ବିଭିନ୍ନ ପ୍ରଶାସନିକ କେନ୍ଦ୍ର ଦ୍ୱାରା ଶାସିତ ହେବା ସହ ସାଂସ୍କୃତିକ ସମନ୍ୱୟ ଏହି ଶାସନ ସମୟରେ ସାଧିତ ହୋଇଥିବାରୁ ଭାଷା-ଭାଷା ମଧ୍ୟରେ ପାରସ୍ପରିକ ସମ୍ପର୍କ ପରିଲକ୍ଷିତ।

ଆଦିବାସୀମାନଙ୍କ ମଧ୍ୟରେ ଅଧୁନା ପ୍ରଚଳିତ ସ୍ୱବର୍ଗୀୟ ଭାଷା ଉପ-ଭାଷାର ପ୍ରଚଳନ ଖୁବ୍ ସୀମିତ। ଆନ୍ତର୍ଗୋଷ୍ଠୀୟ ସ୍ତରରେ ଏମାନେ ସମ୍ପର୍କ ଭାଷାର ସାହାଯ୍ୟ ନିଅନ୍ତି। ଏପରିକି ଘରର ମୁରବି ସ୍ଥାନୀୟ ଲୋକେ ତାଙ୍କ ସନ୍ତାନବର୍ଗଙ୍କ ନିକଟରେ ସ୍ଥାନୀୟ ସମ୍ପର୍କ ଭାଷାରେ କଥାବାର୍ତ୍ତା କରିଥା'ନ୍ତି। ପୂର୍ବେ ଏ ସମସ୍ତଙ୍କର ହୁଏତ ନିଜସ୍ୱ ଭାଷା ଥିଲା।

ପ୍ରାଦେଶିକ ଭାଷାର ପ୍ରାଧାନ୍ୟ ବଢ଼ିବା ତଥା ସ୍ୱମାତୃଭାଷା ପାଇଁ ପ୍ରୋତ୍ସାହନର ଅଭାବ ବୋଧହୁଏ ସେମାନଙ୍କର ଭାଷା ପରିବର୍ତ୍ତନର କାରଣ। ଆଜି ମଧ୍ୟ ଏହି ଧାରା ଜାରି ରହିଛି। ଦିନ ଆସିବ ଅନେକ ଭାଷା-ଉପଭାଷା ପରିବର୍ତ୍ତିତ ହୋଇ ନୂତନ ରୂପଗ୍ରହଣ କରିସାରିଥିବ। ଜନଜାତିମାନଙ୍କ ମଧ୍ୟରେ ପ୍ରଚଳିତ ସବୁ କଥିତ ଭାଷା ମଧ୍ୟ ସମାନସ୍ତରର ନୁହେଁ। ଏଥିରେ କେତେକ ସଂଖ୍ୟାଗରିଷ୍ଠ ଗୋଷ୍ଠୀର ଭାଷା ଅଛି; କେତେକ ସଂଖ୍ୟାନ୍ୟୂନ ଗୋଷ୍ଠୀ ଭାଷା ରହିଛି। କେତେକଙ୍କ ଭାଷା ଖୁବ୍ ପ୍ରାଚୀନସ୍ତରର। କେତେକ ସଚେତନ ଗୋଷ୍ଠୀ ସ୍ୱଭାଷା ସୁରକ୍ଷାର ପ୍ରୟାସ କରି ଲିପି ପ୍ରବର୍ତ୍ତନ କରୁଛନ୍ତି। ଅନେକ ଭାଷା ଅଛି, ଯାହାର ସମୃଦ୍ଧ ଲୋକସାହିତ୍ୟ ରହିଛି। ଏହିସବୁ ବିବିଧତା ଦୃଷ୍ଟିରୁ ଆଦିବାସୀଙ୍କ ଭାଷାକୁ ନିମ୍ନ ପରିପ୍ରେକ୍ଷୀରେ ମଧ୍ୟ ବର୍ଗୀକରଣ କରାଯାଇପାରେ।

୧. ସ୍ୱତନ୍ତ୍ର ଗୋଷ୍ଠୀ ପରିଚୟ ଥାଇ ଅନାଶ୍ରିତ ଭାଷା: (ସରା, ସାନ୍ତାଳୀ, ମୁଣ୍ଡାରୀ, ହୋ, ଭୂମିଜ ଇତ୍ୟାଦି)

୨. ସ୍ୱତନ୍ତ୍ର ଗୋଷ୍ଠୀ ପରିଚୟ ଥାଇ ମିଶ୍ରିତ ଭାଷା: (ବାଥୁଡ଼ି, ଭତ୍ରୀ, ବନ୍ଜାରା ଇତ୍ୟାଦି)

୩. ନିର୍ଦ୍ଦିଷ୍ଟ ଗୋଷ୍ଠୀ ପରିଚୟ ନ ଥାଇ ଆନ୍ତର୍ଗୋଷ୍ଠୀୟ ସମ୍ପର୍କ ଭାଷା: (ସାଦ୍ରୀ, ଦେଶିଆ, ସମ୍ବଲପୁରୀ (କୋଶଳୀ) ଇତ୍ୟାଦି)

ଏକ ଭୌଗୋଳିକ ପରିଧି ମଧ୍ୟରେ ପରସ୍ପର ଦୁର୍ବୋଧ୍ୟ ଭାଷିକ ପରିବାରର ଏକାନ୍ତ ସହାବସ୍ଥାନ ସେମାନଙ୍କୁ ଭାବର ଆଦାନ ପ୍ରଦାନ ପାଇଁ ଦ୍ୱିଭାଷିକତା କରିଥିବା ସ୍ୱାଭାବିକ। ଆଶ୍ଚର୍ଯ୍ୟଜନକ ଭାବରେ ଏମାନେ ଆଞ୍ଚଳିକତା ଭିତ୍ତିରେ ଏକ ତୃତୀୟ ଭାଷାକୁ ଆନ୍ତର୍ଗୋଷ୍ଠୀୟ ସ୍ତରରେ ସମ୍ପର୍କ ଭାଷା ହିସାବରେ ଗ୍ରହଣ କରି ନେଇଛନ୍ତି। ଏହି ସମ୍ପର୍କ

ଭାଷା ହୁଏତ ଏକ ପ୍ରଭାବୀ ଗୋଷ୍ଠୀର ବ୍ୟବସାୟ / ପ୍ରଶାସକର ସମ୍ପର୍କ ଭାଷା ହିସାବରେ ପ୍ରଚଳିତ ହେବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ମୂଳ ଅଧିବାସୀଙ୍କ ଦ୍ୱାରା ସ୍ୱୀକୃତ / ଗୃହୀତ ହୋଇଥାଇପାରେ। ଭାଷା, ବିଶେଷକରି, ଜନଜାତି ଭାଷାକୁ ବିଭିନ୍ନ ଆଞ୍ଚଳିକ ଗୋଷ୍ଠୀର ଭାଷାଙ୍କ ସହ ତୁଳନାତ୍ମକ ତଥା ଉତ୍ପତ୍ତି ସୂତ୍ର ଭିତ୍ତିରେ ଗବେଷଣା କରାଯାଇ ପାରିଲେ ଓଡ଼ିଶାର ଜନଜାତିଙ୍କ ଭାଷା-ଉପଭାଷା-ବୋଲିର ସମ୍ପର୍କ ଓ ସୂତ୍ର ଜାଣିବାରେ ସହାୟକ ହୋଇପାରନ୍ତା।

# ଯୌଥ ପରିବାର ଓ ଅବସାଦ ହ୍ରାସ



ଡ. ଫକୀର ମୋହନ ସାହୁ
ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

ଏହା ଅତି ସାଧାରଣ କଥା ଯେ ଡିପ୍ରେସନ୍ ବା ମାନସିକ ଅବସାଦ କ୍ରମଶଃ କାୟାବିସ୍ତାର କରି ସମଗ୍ର ସଭ୍ୟଜଗତକୁ କବଳିତ କରିଛି। ମାନସିକ ଶକ୍ତିର ଅଭାବ, ଦୁଃଖଦ ମିଜାଜ, ଆଗ୍ରହହୀନତା, ଲୋକସମ୍ପର୍କର ଅଭାବ ଏବଂ ଆନନ୍ଦାନୁଭବର ଅସାମର୍ଥ୍ୟ ଏହାର ମୁଖ୍ୟ ଲକ୍ଷଣ। ଏହାସହିତ କ୍ରୋଧ, ଉଦ୍‌ବେଗ ଓ ଅପରାଧବୋଧ ପ୍ରକାଶ ପାଇପାରେ। କ୍ଳାନ୍ତି, ନିଦ୍ରାହୀନତା, କ୍ଷୁଧା ନ ଲାଗିବା ଓ ଓଜନ କମିଯିବା ପରି ଶାରୀରିକ ପରିବର୍ତ୍ତନ ପରିଦୃଷ୍ଟ ହୁଏ। ବ୍ୟକ୍ତି ନିଜକୁ ଅସହାୟ ଓ ଅପଦାର୍ଥ ବିଚାର କରିବାର ଲକ୍ଷଣ ପ୍ରକାଶ ପାଏ। ଅବସାଦର ମାତ୍ରା ଖୁବ୍ ଅଧିକ ହେଲେ ଆତ୍ମହତ୍ୟା ପରି ନକାରାତ୍ମକ ଚିନ୍ତନ ମଧ୍ୟ ପରିଦୃଷ୍ଟ ହୁଏ। ବିଷାଦ ବା ଅବସାଦର ବହୁଳତା ଯୋଗୁଁ ଶରୀରର ଥଣ୍ଡା ଓ କାଶ ପରି ଅବସାଦକୁ ମାନସିକ ରୋଗର ଥଣ୍ଡା ଓ କାଶ ଆଖ୍ୟା ଦିଆଯାଇଛି।

ବିଷାଦର ଏପରି ବ୍ୟାପକତା ସତ୍ତ୍ୱେ ବିସ୍ମୟର କଥା ହେଉଛି ଯେ ଦେଶ ଦେଶ ମଧ୍ୟରେ ବିଷାଦର ତୀବ୍ରତା ନେଇ ପାର୍ଥକ୍ୟ ରହିଛି। ୟୁକ୍ରେନ୍ ପରି ଦେଶରେ ଏହା ପ୍ରାୟତଃ ଅନୁପସ୍ଥିତ ଥିବା ସ୍ଥଳେ ତାଇୱାନରେ ମାତ୍ର ଦୁଇ ପ୍ରତିଶତରୁ କମ୍ ସଂଖ୍ୟକ ଲୋକ ବିଷାଦଗ୍ରସ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଆମେରିକା ପରି ବିକଶିତ ଦେଶରେ ବିଷାଦଗ୍ରସ୍ତ ଲୋକମାନଙ୍କର ସଂଖ୍ୟା ୧୫ ପ୍ରତିଶତରୁ ୨୦ ପ୍ରତିଶତ ମଧ୍ୟରେ ରହି ଉଦ୍‌ବେଗର କାରଣ ହୋଇଛି। ଭାରତରେ ମଧ୍ୟ ବିଷାଦଗ୍ରସ୍ତ ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି।

ବିଷାଦ ବିରୁଦ୍ଧରେ ବିଜୟ ଲାଭ ପାଇଁ ଏକାଧିକ ମାର୍ଗ ରହିଛି। ଯେଉଁ ଦେଶମାନଙ୍କରେ ବିଷାଦକୁ ଖୁବ୍ ସୀମିତ ରଖାଯାଇଛି ସେ ଦେଶଗୁଡ଼ିକରେ ସକ୍ରିୟ ଥିବା ଉପାଦନଗୁଡ଼ିକ ଚିହ୍ନଟ କରାଯାଇପାରିଲେ ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ଆଶାବାଦର କାରଣ ହେବ। ଗବେଷକ ଓ ମନୋବିଜ୍ଞାନୀମାନେ ସର୍ବେକ୍ଷଣ ଓ ଅନୁଶୀଳନ ମାଧ୍ୟମରେ ତିନୋଟି ଉପାଦାନର ସକାରାତ୍ମକ ଭୂମିକା ସୁସ୍ପଷ୍ଟ କରିଛନ୍ତି।

ପ୍ରଥମ ଉପାଦାନଟି ହେଉଛି ଲୋକସଂସର୍ଗ ଓ ସହାବସ୍ଥାନ। ଦୂର ଅତୀତରେ ପ୍ରାଚୀନ ପରିବେଶର ରୂପରେଖ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ୫୦ରୁ ୨୦୦ ପର୍ଯ୍ୟନ୍ତ ମଣିଷ ବସବାସ କରୁଥିବା ଛୋଟ ଛୋଟ ଦଳରୁ ସମାଜର ଉଦ୍‌ବର୍ତ୍ତନ ଘଟିଲା। ଛୋଟିଆ ଦଳର ପରିପ୍ରେକ୍ଷୀ ମଧ୍ୟରେ ଯେପରି ଅନ୍ତରଙ୍ଗ ସମ୍ପର୍କରେ ଭିତ୍ତିଭୂମି ରହିଥିଲା ଏବଂ ପାରସ୍ପରିକ ବିବାଦ ଉପୁଜିଲେ ମଧ୍ୟ ସମାଧାନର ସମ୍ଭାବନା ପ୍ରଶସ୍ତ ଥିଲା, ତାହା ଆଧୁନିକ ଅତିବୃହତ୍ ଜନବସତିରେ ସମ୍ଭବ ହେଉନାହିଁ। ବିସ୍ତାରିତ ପରିବାର ମାନସିକ ଚାପକୁ ଯେପରି ଶୋଷି ନେଉଥିଲା, ତାହା ଏବେ ସମ୍ଭବ ହେଉନାହିଁ। ସୁତରାଂ ଆଧୁନିକ ସମାଜରେ



ସ୍ୱର୍ଦ୍ଧିତ ପରିବାରର ବିକଳ୍ପକୁ ରୂପ ଦେବାକୁ ହେଲେ ବୈଦ୍ୟୁତିକ ଉପକରଣର ସାହାଯ୍ୟ ନେଇ ସଂଯୋଗର ବାତାବରଣ ରକ୍ଷା କରିବାକୁ ହେବ। ଭିଡିଓ ସଂଯୋଗ, ଇମେଲ୍, ଫୋନ୍ ଏବଂ ଏହିପରି ସବୁ ସାଧନ ସାମଗ୍ରୀ ମାଧ୍ୟମରେ ବିସ୍ତାରିତ ପରିବାରର ପରିବେଶ ଗଠନ କରିପାରିଲେ ବିଷାଦର ମାତ୍ରା ନିୟନ୍ତ୍ରିତ ରହିବ।

ଯେଉଁସବୁ ଦେଶରେ ବିଷାଦର ମାତ୍ରା ଖୁବ୍ ରହିଛି, ସେଠାରେ ଲକ୍ଷ୍ୟ କରାଯାଇଛି ଯେ ସନ୍ତାନ ଓ ଜନନୀ ମଧ୍ୟରେ ସମ୍ପର୍କ ଖୁବ୍ ନିବିଡ଼ ଓ ଅନ୍ତରଙ୍ଗ। କେବଳ ଜନ୍ମଦାତ୍ରୀ ଜନନୀ ସହିତ ନୁହେଁ, ସମ୍ପ୍ରସାରିତ ପରିବାରରେ ମାତୃସ୍ଥାନୀୟ ନାରୀମାନଙ୍କ ସହିତ ପିଲାମାନଙ୍କର ଶ୍ରଦ୍ଧାଶୀଳ ସମ୍ପର୍କ ଗଠିତ ହୁଏ। ଅବସାଦ ନିୟନ୍ତ୍ରଣ କ୍ଷେତ୍ରରେ ଏପରି 'ବହୁଜନନୀ ପରିକଳ୍ପନା' ସକ୍ରିୟ ଥିବାର ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି। ଅନେକ ଭାରତୀୟ ପରିବାରରେ ପିଲାମାନେ ମାଉସୀ, ପିଉସୀ, ଖୁଡ଼ି ଓ ବଡ଼ ମା' ପରି ମାତୃ ବିକଳ୍ପ ଗହଣରେ ବଡ଼ ହୁଅନ୍ତି। ସେମାନଙ୍କର ବହୁ ଅଳିଅର୍ଦ୍ଦଳି ଏମାନଙ୍କ ମାଧ୍ୟମରେ ପୂରଣ ହୁଏ। ବହୁ ଆଶାଆକାଂକ୍ଷା ସାକାର ରୂପ ନିଏ। କହିବା ଅନାବଶ୍ୟକ ଯେ ଏହି ମାତୃସୁଲଭ ସ୍ନେହଶ୍ରଦ୍ଧା ବିଷାଦ ଓ ମାନସିକ ଚାପକୁ ବେଶ୍ କମାଇଦିଏ। ପିଲାମାନଙ୍କର ମାନସିକ ବେଦନା କମାଇବା ପାଇଁ ମା' କିମ୍ବା ସେହିପରି ଜଣେ ସ୍ନେହପ୍ରବଣ ଉପଦେଷ୍ଟା ଯେ ନିତାନ୍ତ ଆବଶ୍ୟକ ଏଥିରେ ସନ୍ଦେହ ନାହିଁ। ବିଶେଷତଃ ବାଳିକାମାନଙ୍କ ପାଇଁ ମା'ର ବନ୍ଧୁତ୍ୱ ଏକ ଅପରିହାର୍ଯ୍ୟ ଉପାଦାନ।

ଏତଦ୍‌ବ୍ୟତୀତ ବିସ୍ତାରିତ ପରିବାରର ଅନ୍ୟ ଗୋଟିଏ ବିଶେଷତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେଉଁ କ୍ଷେତ୍ରରେ ଶିଶୁର ଅଳ୍ପ ବୟସରେ କୌଣସି କାରଣରୁ ଜନନୀର ମୃତ୍ୟୁ ହୋଇଥାଏ, ସେଠାରେ ଶିଶୁ ଅସହାୟ ହୋଇ ବିଷାଦର ଶରବ୍ୟ ହୁଏ। ମାତ୍ର ଯେଉଁସବୁ ଦେଶରେ ବିସ୍ତୃତ ପରିବାର ପରିପ୍ରେକ୍ଷୀରେ ପିଉସୀ, ମାଉସୀ ପରି ମାତୃ-ବିକଳ୍ପ ଶିଶୁକୁ ଆଦରି ନେବାର ସମ୍ଭାବନା ଅଛି, ସେଠାରେ ବିଷାଦ ହ୍ରାସ ପାଇବାର ମଧ୍ୟ ସମ୍ଭାବନା ରହିଛି।

ବହୁ ମନୋବିଜ୍ଞାନୀ ଲକ୍ଷ୍ୟ କରିଛନ୍ତି ଯେ ତାଇୱାନ୍‌ରେ ବିଷାଦର ମାତ୍ରା ନଗଣ୍ୟ (ଜନବସତିରେ ଦୁଇ ପ୍ରତିଶତରୁ କମ୍)। ଅନ୍ୟାନ୍ୟ କାରଣ ମଧ୍ୟରେ ଏକ ବିଶିଷ୍ଟ କାରଣ ହେଉଛି ଯେ ପିଲାଦିନରୁ ଧାରଣା ଦିଆଯାଏ ଯେ ଆମର ସ୍ଥିତି ମୁଖ୍ୟତଃ ଯୌଥ ଜୀବନଭିତ୍ତିକ। ସୁତରାଂ ପରିବାରରେ କାହାକୁ ହରାଇବାର ଦୁଃଖର କିଛିଟା ସହ୍ୟ କରିହୁଏ। ଚୀନ୍ ଓ ଜାପାନ୍ ପରି ଦେଶରେ ଲୋକସନ୍ତପ୍ତ ପରିବାରରେ ଶ୍ରାଦ୍ଧ ପରି କିଛି ବିଧିବିଧାନ ମାଧ୍ୟମରେ ସଙ୍କେତ ଦିଆଯାଏ ଯେ ଦେହାନ୍ତ ଘଟିଥିବା ବ୍ୟକ୍ତିମାନେ ମଧ୍ୟ ପରିବାରର ଅଂଶବିଶେଷ। ଏପରି ଏକ ମାନସିକତା ପରିବାର ଓ ଯୌଥ ଜୀବନର ବଳୟକୁ ପ୍ରସାରିତ କରି ମାନସିକ ବେଦନାକୁ ହାଲୁକା କରେ।

ମନସ୍ତାତ୍ତ୍ୱିକ ଅନୁଶୀଳନରେ ଆଉ ଗୋଟିଏ ଉପାଦାନର ପ୍ରଭାବ ଲକ୍ଷ୍ୟ କରାଯାଇଛି। ତାହା ହେଉଛି ଶୋକପାଳନର ବିଧିବିଧାନ। ଏହା ସ୍ପଷ୍ଟ ଭାବରେ ଲକ୍ଷ୍ୟ କରାଯାଇଛି ପାଶ୍ଚାତ୍ୟ ଦେଶ ସମେତ ବହୁ ଆଧୁନିକ ସମାଜରେ ବ୍ୟକ୍ତିଗତ ଶୋକ ଓ ବିଷାଦକୁ ଚାପି ରଖିବାର ପ୍ରରୋଚନା ଦିଆଯାଏ। ମାତ୍ର ଅନ୍ୟ କେତେକ ସମାଜରେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ଏବଂ ଅନ୍ୟ କୌଣସି ଅଭାବନୀୟ ଘଟଣା ପରେ ପ୍ରକାଶ୍ୟ ଭାବରେ ଶୋକ ପ୍ରକାଶର ସାମାଜିକ ଅନୁମୋଦନ ରହିଛି। ବ୍ୟକ୍ତିଗତ ସ୍ତରରେ କିମ୍ବା ଦଳଗତ ଭାବରେ କାନ୍ଦିବାର ଦୃଶ୍ୟ ଏହାର ଏକ ଉଦାହରଣ। ସାଧାରଣତଃ ଦେଖାଯାଏ ଯେ ଶ୍ରାଦ୍ଧ କିମ୍ବା ଅନ୍ୟ କିଛି ବିଧିବିଧାନ ମାଧ୍ୟମରେ ଶୋକ ଅଭିବ୍ୟକ୍ତିର ପ୍ରଭାବ ରହିଛି। ନିଜକୁ ହାଲୁକା କରିବା ଦିଗରେ ଏହା ସହାୟକ ହୁଏ। ବିଷାଦର ମାତ୍ରା ଖୁବ୍ କମ୍ ରହୁଥିବା ଦେଶମାନଙ୍କରେ (ଚୀନ୍, ଜାପାନ ଓ ତାଇୱାନ୍) କୌଣସି ବ୍ୟକ୍ତିର ମୃତ୍ୟୁ ପରେ ତା'ର ପରିବାରବର୍ଗ ଅନ୍ତ୍ୟେଷ୍ଟିକ୍ରିୟାକୁ ବିସ୍ତୃତ ଭାବରେ ପାଳନ କରନ୍ତି। ମୃତ୍ୟୁଜନିତ କ୍ଷତି କେବଳ ବ୍ୟକ୍ତିର ନୁହେଁ, ଏହା ହେଉଛି ଗୋଷ୍ଠୀର ଏପରି ଏକ ମନୋଭାବ ପ୍ରକାଶ କରାଯାଏ।

ପରିଶେଷରେ କୁହାଯାଇପାରେ ଯେ ଅବସାଦ ନିୟନ୍ତ୍ରଣ ଦିଗରେ ବହୁବିଧ ଉପାୟ ଥିଲେ ମଧ୍ୟ କମ୍ ଅବସାଦଗ୍ରସ୍ତ ଦେଶସମୂହ ଆମକୁ କିଛି ଶିକ୍ଷା ଦିଅନ୍ତି। ବର୍ତ୍ତମାନ ଭୌତିକ ସ୍ତରରେ ଏକାନ୍ନବର୍ତ୍ତୀ ବିସ୍ତାରିତ ପରିବାର ସମ୍ଭବ ନ ହେଲେ ମଧ୍ୟ ଯୋଗାଯୋଗ ଓ ଭାବଗତ ଆଦାନପ୍ରଦାନର ପରିବେଶ ସୃଷ୍ଟି କରିବାକୁ ହେବ। ଶୈଶବ ଅବସ୍ଥାରୁ ମା' କିମ୍ବା ମାତୃ-ବିକଳ୍ପ ସ୍ନେହମୟୀ ବ୍ୟକ୍ତିତ୍ୱ ସହ ନିବିଡ଼ତା ରକ୍ଷା କରିବାକୁ ହେବ। ଦୁଃଖଦ ଘଟଣା ସମୟରେ ମାନସିକ ବେଦନାକୁ ସମ୍ପୂର୍ଣ୍ଣ ଚାପି ନ ଦେଇ କିଛିଟା ପ୍ରକାଶ୍ୟ ପରିପ୍ରକାଶର ସାମାଜିକ ଅନୁମୋଦନର ପରିବେଶ ରକ୍ଷା କରିବାକୁ ହେବ। ଏପରି କେତୋଟି ବ୍ୟବସ୍ଥା ସହାୟକ ଅବସ୍ଥା ସୃଷ୍ଟି କରିବାର ପ୍ରାମାଣିକ ସିଦ୍ଧାନ୍ତ ମିଳିପାରିଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସକାଳ THE SAKALA



# ମୀନାକ୍ଷୀ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ

**ଭୁବନେଶ୍ୱର, ୩୦ ।୧(ସମିସ):** ବିଧାୟକ ତାରା ବାହିନୀପତିଙ୍କ ପତ୍ନୀ ମିନାକ୍ଷୀ ବାହିନୀପତିଙ୍କୁ ରାଜ୍ୟ ମହିଳା ସଙ୍ଗଠନର ସଭାନେତ୍ରୀ ଭାବରେ ନିଯୁକ୍ତି ଦେଇଛି କଂଗ୍ରେସ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଶ୍ରୀମତୀ ବାହିନୀପତିଙ୍କ ଏହି ନିଯୁକ୍ତିକୁ ଅନୁମୋଦନ କରିଥିବା ନେଇ ଦଳର ଜାତୀୟ



- ମହିଳା ସଂଗଠନ ମଜଭୁତ କରିବାକୁ ଦଳର ଫୋକସ
- ମହିଳା ଭୋଟ୍ ଉପରେ ସବୁ ଦଳର ରହିଛି ନଜର
- ନୂଆ ପଦ ତାରା ଓ ମିନାକ୍ଷୀଙ୍କ ରାଗ କରିବ ପ୍ରଶମିତ

ସାଧାରଣ ସମ୍ପାଦକ(ସଙ୍ଗଠନ) କେସି ଭେଣୁ ଗୋପାଳ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ମିନାକ୍ଷୀ ବାହିନୀପତି କୋରାପୁଟ ମୁନିସିପାଲିଟିର ଅଧ୍ୟକ୍ଷ ଭାବେ ୨ ଥର ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ସେ କୋରାପୁଟ ଜିଲ୍ଲା କଂଗ୍ରେସର ସଭାପତି ଭାବେ ୨୦୧୧ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୩ ବର୍ଷ ଧରି କାର୍ଯ୍ୟ କରିଛନ୍ତି ଏବଂ ବର୍ତ୍ତମାନ ସେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଅଛନ୍ତି। କୋରାପୁଟରେ ମିନାକ୍ଷୀ ଓ ତାଙ୍କ ସ୍ୱାମୀ ତାରା ବାହିନୀପତିଙ୍କର ଯଥେଷ୍ଟ ପ୍ରଭାବ ରାଜ୍ୟ ମହିଳା କଂଗ୍ରେସରେ ମଧ୍ୟ ମିନାକ୍ଷୀଙ୍କର ବେଶ ପ୍ରଭାବ ରହିଛି। ମିନାକ୍ଷୀଙ୍କ ଏହି ନିଯୁକ୍ତି ସାମ୍ପ୍ରତିକ ସମୟରେ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ଆସନ୍ତା ନିର୍ବାଚନରେ ଅଧିକରୁ ଅଧିକ ମହିଳା ଭୋଟ୍ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ମିଶନ ଶକ୍ତି ସହ ରାଜ୍ୟ ସରକାରଙ୍କ ମହିଳା କୈନ୍ଦ୍ରୀକ ଯୋଜନାକୁ ଆଧାର କରି ବିଜେଡି ମହିଳାଙ୍କ ପାଖରେ ପହଞ୍ଚୁଛି। ସେହିପରି ଉଜ୍ୱଳା ଯୋଜନା ସହ 'ବେଟି ବଚାଓ, ବେଟି ପଢ଼ାଓ' ଭଳି ଯୋଜନା ଗଣାଇ ବିଜେପି ମହିଳାଙ୍କୁ ନିଜ ଆଡ଼କୁ ଟାଣିବାକୁ ଯୋଜନା କରିଛି। ଏହି ଦୁଇ ଦଳର ରଣନୀତିକୁ ଭେଦ କରି କଂଗ୍ରେସ କିପରି ମହିଳା ଭୋଟ୍‌ରଙ୍କୁ ନିଜ ସପକ୍ଷରେ ଆଣିବ ତାହା ଆହ୍ୱାନପୂର୍ଣ୍ଣ ରହିବା ମନେ କରାଯାଉଛି। ଏଆଇସିସି ପକ୍ଷରୁ ରାଜ୍ୟରେ କିପରି ମହିଳା ଭୋଟ୍ ଦଳ ଆଡ଼କୁ ଆସିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଆସନ୍ତା ନିର୍ବାଚନରେ ଦଳ ପକ୍ଷରୁ ପୂର୍ବାପେକ୍ଷା ଅଧିକ ମହିଳାଙ୍କୁ ଟିକଟ୍ ଦିଆଯିବା ପାଇଁ ଯୋଜନା କରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ମିନାକ୍ଷୀଙ୍କ ଭଳି ଜଣେ ଲଢ଼ୁଆ ନେତ୍ରୀ ଦଳ ପାଇଁ ବଡ଼ ସମ୍ଭାବନା ସୃଷ୍ଟି କରିବେ ବୋଲି ଦଳ ଆଶା ରଖିଛି। ଅନ୍ୟପଟେ ଶ୍ରୀମତୀ ବାହିନୀପତିଙ୍କୁ ଗତବର୍ଷ ଜୁନ୍ ମାସରେ କୋରାପୁଟ ଜିଲ୍ଲା ସଭାପତି ପଦରୁ ହଟାଇ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ସ୍ଥାନ ଦିଆଯାଇଥିଲା। ଏହାକୁ ନେଇ ତାରା ଓ ମିନାକ୍ଷୀଙ୍କ ସମର୍ଥକମାନେ କ୍ଷୁବ୍ଧ ହେବା ସହ ତାରା ମଧ୍ୟ ନିଜ ସମର୍ଥକଙ୍କ ସହ ଦିଲ୍ଲୀ ଗସ୍ତ କରିଥିଲେ। ଏବେ ମିନାକ୍ଷୀଙ୍କ ଏହି ନୂତନ ନିଯୁକ୍ତି ପୁରୁଣା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ସହ ଉଭୟ ତାରା ଓ ମିନାକ୍ଷୀଙ୍କ ସମର୍ଥକଙ୍କ ରାଗ ପ୍ରଶମିତ କରିବ ବୋଲି ଚର୍ଚ୍ଚା ହେଉଛି।

# ନକଲି ଶିକ୍ଷକଙ୍କ ତଥ୍ୟ ଦେଉ ନାହାନ୍ତି ୧୧ ଜିଲ୍ଲା

**ଭୁବନେଶ୍ୱର, ୩୦ ।୧(ସମିସ):** ନକଲି ଶିକ୍ଷକଙ୍କ ତଥ୍ୟ ଦେଉନାହାନ୍ତି ୧୧ ଜିଲ୍ଲା ଶିକ୍ଷା ଅଧିକାରୀ। ଗତ ଡିସେମ୍ବର ୨୯ ତାରିଖରେ ନକଲି ଶିକ୍ଷକଙ୍କ ତଥ୍ୟ ଦେବାକୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଗଜପତି, ଜଗତସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲା ତଥ୍ୟ ଦାଖଲ କରିନାହାନ୍ତି। ଫଳରେ ଏହି ସମସ୍ତ ଜିଲ୍ଲାର ଡିଇଓଙ୍କୁ ୩୦ ତାରିଖ ସୁଦ୍ଧା ନକଲି ଶିକ୍ଷକଙ୍କ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଏହାର ଅବଧି ପୂରଣ ହେଉଛି। ନକଲି ଶିକ୍ଷକଙ୍କ ବାବଦରେ ରାଜ୍ୟବ୍ୟାପୀ ତଥ୍ୟ ଉପଲବ୍ଧ ହେଉ ନଥିବାରୁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ନିର୍ଦ୍ଦେଶ ଅନୁପାଳନ ନେଇ ସରକାର ସତ୍ୟପାଠ ଦାଖଲ କରିପାରୁନଥିବା ନିର୍ଦ୍ଦେଶାଳୟ ଦର୍ଶାଇଛି। ସୂଚନାଯୋଗ୍ୟ, ନିର୍ଦ୍ଦେଶର ପ୍ରାୟ ମାସେ ପରେ ମଧ୍ୟ ତଥ୍ୟ ଦାଖଲ କରିନଥିବାରୁ ଗତ ୨୫ ତାରିଖରେ ଏହି ସମସ୍ତ ଜିଲ୍ଲାର ଡିଇଓଙ୍କୁ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଗାଁକୁ ଭାଗ କରିଛି ଦୁଇ ଜିଲ୍ଲା

# ଗୋଟିଏରେ ଘରଦ୍ୱାର; ଆରଟିରେ ଜମିବାଡ଼ି

**ମାଲକାନଗିରି,୩୦ ।୧(ସମିସ):** ଗାଁ ଗୋଟିଏ, କିନ୍ତୁ ଜିଲ୍ଲା ଦୁଇ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଘରଦ୍ୱାର ଗୋଟିଏ ଜିଲ୍ଲା ଅଧୀନରେ ଥିବା ବେଳେ ଜମି ବାଡ଼ି ଆଉ ଗୋଟିଏ ଜିଲ୍ଲାରେ। ଗାଁ ମଝିରେ ଦୁଇ ଜିଲ୍ଲାର ଅଲଗା ଅଲଗା ବୋର୍ଡ ଲାଗିଛି। ସରକାରୀ ଯୋଜନା ବି ଦୁଇଟି ଯାକ ଜିଲ୍ଲାରୁ ମିଳୁଛି। ଏପରିକି ଗାଁରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ବି ରହିଛି। କିନ୍ତୁ ଗୋଟିଏ ଗାଁକୁ ଦୁଇ ଦୁଇଟି ଜିଲ୍ଲାର ପରିଚୟ ମିଳିଥିବାରୁ ଏହାକୁ ନେଇ ଗ୍ରାମବାସୀ ଅନେକ ସମୟରେ ହରଡ଼ଘଣାରେ ପଡ଼ୁଛନ୍ତି। ନିଜକୁ କେଉଁ ଜିଲ୍ଲାର ଅଧିବାସୀର ପରିଚୟ ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି। ଆଧାର କାର୍ଡରେ ଗୋଟିଏ ଜିଲ୍ଲାର ନାମ ରହିଥିବା ବେଳେ ଜମିପଟ୍ଟାରେ ଆଉ ଏକ ଜିଲ୍ଲାର ନାଁ ରହିଥିବାରୁ ବିକ୍ରି-ଖରିଦ, କିସମ ପରିବର୍ତ୍ତନ ଆଦି ସମୟରେ ଗ୍ରାମବାସୀ ନାନା ହଇରାଣ ହରକତ ହେଉଛନ୍ତି। ଏପରି ଏକ ଗ୍ରାମ ହେଉଛି, ମାଲକାନଗିରି ଓ କୋରାପୁଟ ଜିଲ୍ଲା ସୀମାନ୍ତରେ ରହିଥିବା କୁଲାବେଡ଼ା ଗାଁ।






ଗାଁରେ ପାଖାପାଖି ଶହେ ପରିବାର ବସବାସ କରନ୍ତି। ୬୦ ପରିବାରଙ୍କ ଆଧାର କାର୍ଡରେ ପରିଚୟ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ କୁଟନିପାଲି ଗ୍ରାମପଞ୍ଚାୟତର କୁଲାବେଡ଼ା ଗାଁ ଲେଖା ଯାଇଥିବା ବେଳେ ବାକି ୪୦ ପରିବାରଲୋକଙ୍କ ଠିକଣା କୋରାପୁଟ

**ଦ୍ୱୈତ ପରିଚୟ ପାଇଁ ହରଡ଼ଘଣାରେ କୁଲାବେଡ଼ା ଗ୍ରାମବାସୀ**

ଜିଲ୍ଲା ବୈପାରୀଗୁଡ଼ା ବ୍ଲକର ଦଣ୍ଡାବାଡ଼ି ଗ୍ରାମ ପଞ୍ଚାୟତର କୁଲାବେଡ଼ାରେ ଗାଁ ଉଲ୍ଲେଖ ରହିଛି। ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ସବୁ ଦୁଇ ଦୁଇଟି ହୋଇଥିବାବେଳେ କୋରାପୁଟ ଜିଲ୍ଲା ଅପେକ୍ଷା ମାଲକାନଗିରି ଜିଲ୍ଲା ଅଧୀନରେ ରହିଥିବା ଲୋକଙ୍କୁ ଅଧିକ ସୁବିଧା ମିଳୁଥିବା କହିଛନ୍ତି ଗ୍ରାମବାସୀ। କାରଣ ଲୋକଙ୍କ ପାଇଁ ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ହେଲେ ମାଲକାନଗିରି ଜିଲ୍ଲା ନିକଟତମ ହୋଇଥିବା ବେଳେ କୋରାପୁଟ ଜିଲ୍ଲା ଲୋକଙ୍କ ପାଇଁ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ଦୂରତା ବେଶ୍ ଅଧିକ ରହିଛି। କୋରାପୁଟ ଜିଲ୍ଲା ମୁଖ୍ୟାଳୟକୁ ଜରୁରୀ କାର୍ଯ୍ୟ ପାଇଁ ଯିବାକୁ ହେଲେ ଅଧିକ ସମୟ ଲାଗୁଥିବା ବେଳେ ମାଲକାନଗିରି ଆସିବାକୁ ଲୋକଙ୍କୁ ସହଜ ହୋଇଥାଏ।

ଗ୍ରାମବାସୀଙ୍କ କହିବାନୁଯାୟୀ, ସାର୍ଟିଫିକେଟ୍ କିମ୍ବା ଅନ୍ୟ କୌଣସି ପ୍ରମାଣପତ୍ର ବାହାର କରିବା ପାଇଁ ହେଲେ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେହିପରି ଧାନବିକ୍ରି ପାଇଁ ମଣ୍ଡି କାର୍ଡ କରିବାକୁ ଗଲେ ମଧ୍ୟ ହଇରାଣ ହେବାକୁ ପଡ଼େ। କାରଣ ଜମିପଟ୍ଟା ସବୁ ମାଲକାନଗିରି ଜିଲ୍ଲାରେ ଥିବା ବେଳେ ଭୋଟର୍ ଆଇଡି କାର୍ଡ ତଥା ଆଧାର କାର୍ଡ ସବୁ କୋରାପୁଟ ଜିଲ୍ଲାରେ ରହିଛି। ତେବେ ଏହି ଜିଲ୍ଲା ବିବାଦର ସମାଧାନ ପାଇଁ ଉଭୟ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ସଂପର୍କରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ କହିଛନ୍ତି, ଜିଲ୍ଲା ସୀମାରେ ରହିଥିବାରୁ ଏଭଳି ସମସ୍ୟା ଦେଖାଯାଇପାରେ। ଏନେଇ ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ୧୯୯୨ ମସିହାରେ କୋରାପୁଟ ଜିଲ୍ଲା ବିଭକ୍ତ ହୋଇ କୋରାପୁଟ ଓ ମାଲକାନଗିରି ଜିଲ୍ଲା ସୃଷ୍ଟି ହୋଇଥିଲା। ହେଲେ କୁଲାବେଡ଼ା ଗାଁ କେଉଁ ଜିଲ୍ଲାରେ ରହିବ, ତାହା ନିଷ୍କର୍ଷ ହୋଇପାରିନଥିଲା। ସେବେଠାରୁ ଏହି ଗାଁ ୨ ଜିଲ୍ଲାର ଗାଁ ତାଲିକାରେ ରହିଛି।

## ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ

# ଡାକ୍ତରଙ୍କୁ ନିର୍ଘୁମ୍ ପିଟିଲେ ରୋଗୀଙ୍କ ସମ୍ପର୍କୀୟ

**ବଲାଙ୍ଗିର, ୩୦।୧ (ସମିସ):** ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସଂପର୍କୀୟମାନେ କର୍ତ୍ତବ୍ୟରତ ଜଣେ ଡାକ୍ତରଙ୍କୁ ନିର୍ଘୁମ୍ ମାଡ଼ ମାରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଡାକ୍ତରଜଣଙ୍କ ହେଲେ, ଆର୍.ଏନ୍ ଦଳପତି। ତେବେ ଉପସ୍ଥିତ ସୁରକ୍ଷା କର୍ମୀମାନେ ସେଠାରେ ପହଞ୍ଚି ଡାକ୍ତରଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁସାରେ, ବଲାଙ୍ଗିର ସହର ଡୁଙ୍ଗୁରିପଡ଼ାର ନିକୁ ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ସୋମବାର ରାତିରେ ତାଙ୍କର ଅବସ୍ଥା ସଂକଟାପନ୍ନ ହୋଇଥିଲା। ସମ୍ପର୍କୀୟମାନେ ଡାକ୍ତରଙ୍କୁ ବାରମ୍ବାର ଡାକିଥିଲେ। ସେ ସମୟରେ କାର୍ଯ୍ୟରତ ଥିବା ଡାକ୍ତର ଆର୍‌ଏନ୍ ଦଳପତି ଆସି ନଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଏପରିକି ସେ ମଦ ପିଇ ନିଶାସକ୍ତ ଅବସ୍ଥାରେ ପଡ଼ି ରହିଥିଲେ ବୋଲି ଅଭିଯୋଗ କରିଥିଲେ। ଚିକିତ୍ସା ଅବହେଳାରୁ ନିକୁଙ୍କର ମୃତ୍ୟୁ ହୋଇଥିବା କହି ହସ୍ପିଟାଲରେ ହୋ ହାଲ୍ଲା କରିଥିଲେ। ଏପରିକି ଡାକ୍ତରଙ୍କୁ ମାଡ଼ ମାରିଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି ଘଟଣାରେ ଭୀମଭୋଇ ମେଡିକାଲ କଲେଜ ଅଧୀକ୍ଷିକା ଡା. ମାନସୀ ପଣ୍ଡା କହିଛନ୍ତି ଯେ ତଦନ୍ତ ପାଇଁ କମିଟି ଗଠନ କରାଯାଇଛି। ନିଶାସକ୍ତ ଅବସ୍ଥାରେ ଡାକ୍ତର ଡ୍ୟୁଟି କରୁଥିବାର ଅଭିଯୋଗ ସତ ପ୍ରମାଣିତ ହେଲେ, ଡାକ୍ତରଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## ଝିଅର ଶବ ବ୍ୟବଚ୍ଛେଦ ରିପୋର୍ଟ ତ୍ରୁଟିପୂର୍ଣ୍ଣ ଅଭିଯୋଗ

# ଡାକ୍ତରଙ୍କୁ ଚପଲରେ ପିଟିଲେ ମହିଳା

**ପାରଳାଖେମୁଣ୍ଡି,୩୦।୧(ସମିସ):** ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଡାକ୍ତରଙ୍କୁ ଚପଲରେ ପିଟିଛନ୍ତି ଜଣେ ମହିଳା। ଝିଅର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ମହିଳାଜଣଙ୍କ ଏଭଳି କାଣ୍ଡ ଘଟାଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଡାକ୍ତରଜଣଙ୍କ ହେଲେ, ଡାଃ ରଶ୍ମିକାନ୍ତ ମିଶ୍ର। ଏନେଇ ଡାକ୍ତର ମିଶ୍ର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ଗତବର୍ଷ ଫେବୃଆରୀରେ ପାରଳାଖେମୁଣ୍ଡି ସହର ଉପକଣ୍ଠ ଜବାହର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ସ୍କୁଲ କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେହି



ଦିନଠାରୁ ମୃତ ଛାତ୍ରୀଙ୍କ ମା' ସୁଜ୍ଞାନୀ ଗମାଙ୍ଗ ତାଙ୍କ ଝିଅକୁ ହତ୍ୟା କରି ମାରି ଦିଆଯାଇଛି ବୋଲି ଅଭିଯୋଗ କରି ଆସୁଛନ୍ତି।। ଏହାକୁ ନେଇ ସେତେବେଳେ ପାରଳା ପୁଲିସ ହତ୍ୟା ଏବଂ ପ୍ରମାଣ ନଷ୍ଟ କରିବା ଭଳି ସଂଗୀନ ଦଫାରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ହେଲେ ପୁଲିସର ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ମୃତ ଛାତ୍ରୀଙ୍କ ପରିବାରଲୋକେ ଓ ଗ୍ରାମବାସୀ ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆସୁଛନ୍ତି। ଅନଶନ ମଧ୍ୟ କରିଛନ୍ତି। ଶେଷରେ ରାଜ୍ୟ ସରକାର ତଦନ୍ତଭାର କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ହେଲେ ମଙ୍ଗଳବାର ମୃତ ଛାତ୍ରୀଙ୍କ ମା' ସୁଜ୍ଞାନୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଶବ ବ୍ୟବଚ୍ଛେଦ କରିଥିବା ଡାଃ ରଶ୍ମିକାନ୍ତ ମିଶ୍ରଙ୍କୁ ଚପଲରେ ପିଟିବା ସହ ଗାଳିଗୁଲଜ କରିଥିଲେ। ଝିଅର ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଭୁଲ୍ ଦର୍ଶାଇଛ କହି ସେ ଏପରି କରିଥିଲେ। ଏ ସଂପର୍କରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଆସିବା ବେଳକୁ ସୁଜ୍ଞାନୀ ଏବଂ ତାଙ୍କ ସାଥୀ ହସ୍ପିଟାଲ୍ ପରିସର ଛାଡ଼ି ଚାଲିଯାଇଥିଲେ। ଏହାପରେ ଡାଃ ରଶ୍ମିକାନ୍ତ ମିଶ୍ର ପାରଳା ଥାନାରେ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଘଟଣାର ତଦନ୍ତ ପୁଲିସ୍ ପକ୍ଷରୁ କରାଯାଉଥିବା ଜଣାପଡ଼ିଛି। ଏନେଇ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ଡା. ପ୍ରଦୀପ କୁମାର ପଣ୍ଡା କହିଛନ୍ତି ଯେ କାର୍ଯ୍ୟରତ ଡାକ୍ତର ମିଶ୍ରଙ୍କୁ ମହିଳାଜଣକ ମାଡ଼ ମାରି ଗାଳିଗୁଲଜ କରିଛନ୍ତି। ମହିଳା ଏବଂ ତାଙ୍କ ସାଥୀରେ ପ୍ରାୟ ଦଶରୁ ଊର୍ଦ୍ଧ୍ୱ ଲୋକ ଆସିଥିବା ସ୍ପଷ୍ଟ ହୋଇଛି।

## ଅବଶିଷ୍ଟାଂଶ...

### ଟଙ୍କାକରେ ୩୪...

ରାଜକୋଷର ପ୍ରତ୍ୟେକ ୧ ଟଙ୍କାରୁ ୩୪ ପଇସା ଋଣ ସୂତ୍ରରୁ ଆସିଥାଏ। ଏଥିସହିତ ସରକାର ସୁଧ ପୈଠ କରିବା ପାଇଁ ସର୍ବାଧିକ ୨୦ ପଇସା ଖର୍ଚ୍ଚ କରିଥାନ୍ତି। ସ୍ୱାଧୀନ ଭାରତର ପ୍ରଥମ ବଜେଟ୍ ୨୬ ନଭେମ୍ବର ୧୯୪୭ରେ ଶାନମୁଗମ୍ ଚେଟିଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଏହି ବଜେଟର ଆକାର ୧୯୭.୩୯ କୋଟି ଟଙ୍କା ରହିଥିଲା। ୨୦୨୩ରେ ଉପସ୍ଥାପିତ ହୋଇଥିବା ବଜେଟ୍ ୪୫.୦୩ ଲକ୍ଷ କୋଟି ଟଙ୍କା ଥିଲା। ୧୯୪୭ ପରଠାରୁ ଦେଶରେ ୭୩ଟି ସାଧାରଣ ବଜେଟ ଏବଂ ୧୪ଟି ଅନ୍ତରୀଣ ବଜେଟ୍ ଉପସ୍ଥାପିତ ହୋଇଛି। ବଜେଟ କହିଲେ ଏକ ନିର୍ଦ୍ଦିଷ୍ଟ ବର୍ଷ ପାଇଁ ସରକାରଙ୍କ ଆୟ ଏବଂ ବ୍ୟୟର ଏକ ଆନୁମାନିକ ବିବରଣୀ। ବଜେଟ ମାଧ୍ୟମରେ ସରକାର ଆସନ୍ତା ଆର୍ଥିକବର୍ଷରେ ଆୟ ତୁଳନାରେ କେତେ ପରିମାଣରେ ଖର୍ଚ୍ଚ କରିପାରିବେ ତାହା ସ୍ଥିର କରିବାକୁ ଚେଷ୍ଟା କରିଥାନ୍ତି। ପ୍ରତ୍ୟେକ ଆର୍ଥିକବର୍ଷ ଆରମ୍ଭରେ ସରକାର ବଜେଟ ଉପସ୍ଥାପନ କରିଥାନ୍ତି। ଭାରତରେ ଆର୍ଥିକ ବର୍ଷର ଅବଧି ୧ଏପ୍ରିଲରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଧରାଯାଇଥାଏ। ଅନ୍ତରୀଣ ବଜେଟକୁ 'ଭୋଟ୍ ଅନ୍ ଆକାଉଣ୍ଟ କୁହାଯାଏ।

### ପିତାମାତାଙ୍କ ସ୍ୱପ୍ନକୁ...

ଏଥିସହ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଉପେନ୍ଦ୍ର ତ୍ରିପାଠୀ ମଧ୍ୟ ଗଞ୍ଜାମ ବ୍ଲକରେ ଥିବା ସରକାରୀ ବିଦ୍ୟାଳୟରେ ଶିକ୍ଷାଲାଭ କରିଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପୁରସ୍କାର ମଧ୍ୟ ମିଳିଛି। ଯଦି ସେମାନେ ସଫଳତା ପାଇଲେ ତେବେ ଆପଣମାନେ କାହିଁକି ପାରିବେ ନାହିଁ? ତେଣୁ କଠିନ ପରିଶ୍ରମ କରି ପିତାମାତାଙ୍କ ସ୍ୱପ୍ନ ସାକାର କରିବାକୁ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ବ୍ରହ୍ମପୁରର ଆମ୍ବପୁଆ ଠାରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ରାତାରାତି କାହାକୁ ସଫଳତା ମିଳେ ନାହିଁ, ତା ପଛରେ ରହିଥାଏ କଠିନ ଅଧ୍ୟବସାୟ। କଠୋର ତପସ୍ୟା। ତେଣୁ ଆପଣମାନେ ପରିଶ୍ରମ କରିବାକୁ ଆଦୌ କୁଣ୍ଠାବୋଧ କରନ୍ତୁ ନାହିଁ। ଆମ ବାପା ମା' ଆମ ପାଇଁ ବହୁତ ସ୍ୱପ୍ନ ଦେଖିଛନ୍ତି। ତାକୁ ପୂରଣ କରିବା ଦାୟିତ୍ୱ ହେଉଛି ଆମର। ଆପଣମାନେ କେହି ବି କୌଣସି ଗୁଣରେ କମ୍ ନୁହନ୍ତି। ତେଣୁ ପିତାମାତା, ଗୁରୁଜନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପଣ କରନ୍ତୁ ଆଉ ତାକୁ ସାକାର କରିବାରେ ଅବହେଳା କରନ୍ତୁ ନାହିଁ। ଯଦି ଜୀବନରେ ସଫଳ ହେବାର ଅଛି ତା ହେଲେ ଏକମାତ୍ର ମାଧ୍ୟମ, ପରିଶ୍ରମ। ୨୪ ଘଣ୍ଟାରୁ ୧୪ ଘଣ୍ଟା ପରିଶ୍ରମ କରିବାକୁ ହେବ। ସ୍କୁଲ, କଲେଜ, ଟ୍ୟୁସନ୍, ଖେଳ ସବୁଠି ଶତପ୍ରତିଶତ ଧ୍ୟାନ ଲଗାଇବାକୁ ପଡ଼ିବ। ଏହି ପରିଶ୍ରମର ଫଳ ନିଶ୍ଚୟ ମିଳିବ। ବିଶ୍ୱର ସୁନାମଧନ୍ୟ କ୍ରିକେଟର୍ ସଚିନ୍ ତେନ୍ଦୁଲକର ହୁଅନ୍ତୁ ଅବା ସିନେ ତାରକା ଶାହରୁଖ ଖାନ୍, ସେମାନେ ଓଡ଼ିଶା ଆସିଥିବା ବେଳେ ମୁଁ ତାଙ୍କୁ ତାଙ୍କ ସଫଳତାର ରହସ୍ୟ ପଚାରିଥିଲି, ଆଉ ସେମାନେ ସମସ୍ତେ ଗୋଟିଏ ଉତ୍ତର ଦେଇଥିଲେ, ତାହା ହେଉଛି କଠିନ ପରିଶ୍ରମ। ତେବେ ଏତେ ସଫଳତା ପାଇବା ପରେ ମଧ୍ୟ ସେମାନେ କେବେ ବି ପରିଶ୍ରମ କରିବା ଛାଡ଼ି ନାହାନ୍ତି। ତେଣୁ ସେମାନଙ୍କୁ ନିଜ ଜୀବନର ଆଦର୍ଶ କରି ତାଙ୍କ ଭଳି ପରିଶ୍ରମ କରନ୍ତୁ।

ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ପିଲାମାନଙ୍କ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ଅତିବାହିତ ନ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ସବୁ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ଆତ୍ମବିଶ୍ୱାସ ବଢ଼ାଅ। ସେଥିରୁ ବିଜୟ ନ ମିଳୁ କିଛି କଥା ନାହିଁ, କିନ୍ତୁ ଜୀବନ ପାଇଁ ବହୁତ ଶିକ୍ଷା ମିଳିବ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନୂଆ-ଓ ଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଶାରିରୀକ ଓ ମାନସିକ ସୁସ୍ଥତା ପାଇବା ପାଇଁ ପ୍ରତିଦିନ ବ୍ୟାୟାମ କର, ଯୋଗ ପ୍ରାଣାୟାମ କର ବୋଲି ଶ୍ରୀ ପାଣ୍ଡିଆନ୍ ପିଲାମାନଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଣ୍ଡିଆନ୍ ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଥିଲେ। ଗଞ୍ଜାମ ଜିଲ୍ଲାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ରୂପାନ୍ତରଣ ପାଇଁ ୯୨ କୋଟି ଟଙ୍କା ଦିଆଯାଇଛି। ଏହି ରୂପାନ୍ତରଣ କାର୍ଯ୍ୟରେ ଗୁଣବତ୍ତା ସୁନିଶ୍ଚିତ କରିବା ସହିତ ଆସନ୍ତା ଫେବୃଆରୀ ସୁଦ୍ଧା ଶେଷ କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପରେ ଜିଲ୍ଲାର ୧୫୬ଟି କଲେଜରେ ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍ ଆଦି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଅଧିକାଂଶ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ୪ ତାରିଖ...

ମିନିଟରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଏହି ବୈଠକ ଅନୁଷ୍ଠିତ ହେବ। ସେହିପରି ବିଜେପି ବିଧାୟକ ଦଳ ବୈଠକ ୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ନିଜର ବୈଠକ ୪ ତାରିଖ ସନ୍ଧ୍ୟା ୫ଟା ବେଳେ କରିବ। ବିଧାୟକ ଦଳ ବୈଠକରେ ଉଭୟ ଶାସକ ଓ ବିରୋଧୀ ନିଜ ନିଜର ରଣନୀତି ପ୍ରସ୍ତୁତ କରିବାକୁ ଥିବାବେଳେ ଷୋଡ଼ଶ ବିଧାନସଭାର ଏହି ଶେଷ ସଂକ୍ଷିପ୍ତ ଅଧିବେଶନ ବେଶ୍ ସରଗରମ୍ ରହିବା ନେଇ ଆଶା କରାଯାଉଛି।

ଏହି ଅଧିବେଶନ ଫେବୃଆରି ୫ତାରିଖରୁ ଆରମ୍ଭ ହୋଇ ଫେବୃଆରି ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ତାରିଖରେ ଅଧିବେଶନର ଉଦଘାଟନୀ ଦିବସରେ ରାଜ୍ୟପାଳ ରଘୁବର ଦାସ ଉଦବୋଧନ ଦେବେ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିତର୍କ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୮ ତାରିଖରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୪-୨୦୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଅନ୍ତରୀଣ(କାମଚଳା) ବଜେଟ୍ ଉପସ୍ଥାପନ କରିବେ। ଏହା ମୋସନ ଆକାରରେ ଗୃହରେ ଆଗତ ହୋଇ ଆଲୋଚନା ହେବ। ତା ପରଦିନ ଅର୍ଥାତ୍ ୯ ତାରିଖରେ ଗୃହରେ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହେବ।

### ସମ୍ମାନିତ ହେବେ...

ଯୁଗୋପଯୋଗୀ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଚଳନ, ଶିଶୁ ଲେଖାକୁ ପ୍ରୋତ୍ସାହିତ କରିବା, ଅନ୍ୟଭାଷାର ଉପାଦେୟ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଛି। ପାରସ୍ପରିକ ସହଯୋଗରେ ଓଡ଼ିଆ ଭାଷା ଆହୁରି ସମୃଦ୍ଧ ହୋଇପାରିବ ବୋଲି ଭାଷାବିତ୍‌ମାନେ ଉଲ୍ଲେଖ କରିବା ସହ ଏଭଳି ସମ୍ମିଳନୀ ଆୟୋଜନ ପାଇଁ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଜନତା ମଇଦାନ ଠାରେ ଆସନ୍ତା ଫେବୃଆରୀ ୩ ତାରିଖରୁ ତିନି ଦିନ ଧରି ଏହି ସମ୍ମିଳନୀ ଆୟୋଜିତ ହେବ। ଏଥିରେ ତିନିଦିନ ଧରି ଓଡ଼ିଆ ଭାଷାର ଉନ୍ନତି ପାଇଁ ନେଇ ବିଭିନ୍ନ ପର୍ଯ୍ୟାୟ ଭିତ୍ତିକ ଆଲୋଚନା ହେବ।

### ଫେବୃଆରୀରେ କାର୍ଯ୍ୟକ୍ଷମ...

ପହଞ୍ଚି ଏହାର ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟ ବୁଲି ଦେଖିବା ସହ ବକେୟା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ବେଳେ '୫-ଟି' ଅଧ୍ୟକ୍ଷ ଯାତ୍ରୀଙ୍କ ପାଇଁ କରାଯାଇଥିବା ବିଭିନ୍ନ ବ୍ୟବସ୍ଥାର ନିରୀକ୍ଷଣ କରିଛନ୍ତି। ପ୍ରତୀକ୍ଷା ସ୍ଥଳ, ପରିମଳ ବ୍ୟବସ୍ଥା, ବସ୍ ବେ', ରେଷ୍ଟରୁମ୍ ଆଦିକୁ ବୁଲି ଦେଖିଛନ୍ତି। ଏଠାରେ କରାଯାଇଥିବା ଅପରେସନ କଣ୍ଟ୍ରୋଲ ସେଣ୍ଟର (ଓସିସି)ର ସେ ପ୍ରଶଂସା କରିବା ସହ ଏହାର ସୁରକ୍ଷା ପାଇଁ ହାଇଟେକ୍ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଯାତ୍ରୀମାନଙ୍କ ସୂଚନା ପାଇଁ ଓଡ଼ିଆରେ ଲିଖିତ ଉପଯୁକ୍ତ ସାଇନ୍ ବୋର୍ଡ ଓ ମାନଚିତ୍ର ବ୍ୟବସ୍ଥା କରିବା ପାଇଁ ୫-ଟି ଅଧ୍ୟକ୍ଷ ବିଡିଏ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଇଏସବିଟି ଓଡ଼ିଶାବାସୀଙ୍କ ପାଇଁ ନୁହେଁ, ବରଂ ପଡୋଶୀ ରାଜ୍ୟର ଲୋକଙ୍କ ପାଇଁ ବି ଏକ ଗୁରୁତ୍ୱପୂର୍ଣ୍ଣ ଟ୍ରାଞ୍ଜିଟ୍ ହବ୍ ହେବ। ଏଠାରେ ଯାତ୍ରୀମାନଙ୍କୁ ବିମାନ ବନ୍ଦର ଭଳି ସେବା ଯୋଗାଇ ଦିଆଯିବ ଏବଂ ପ୍ରିପେଡ ଅଟୋ ଓ ଟ୍ୟାକ୍ସି ବ୍ୟବସ୍ଥା ରହିବ। ୧୫.୫ ଏକରରୁ ଅଧିକ ଜମିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ବରମୁଣ୍ଡା ଆଇଏସବିଟି ନିର୍ମାଣ କରାଯାଉଛି। ଯାତ୍ରୀମାନଙ୍କ ପାଇଁ ଏଥିରେ ଅତ୍ୟାଧୁନିକ ସେବା ବ୍ୟବସ୍ଥା କରାଯାଇଛି। ଅଫିସ ସ୍ପେସ୍, ପାର୍କିଂ ବ୍ୟବସ୍ଥା, ଫୁଡ୍ କୋର୍ଟ, ରେଷ୍ଟୁରାଣ୍ଟ ଓ ବ୍ୟବସାୟିକ ସ୍ଥାନ ପାଇଁ ଏଠାରେ ପର୍ଯ୍ୟାପ୍ତ ସ୍ଥାନ ରହିଛି। ଏକ ଆଧୁନିକ ପରିବହନ ହବ୍ ଭାବେ ଆଇଏସବିଟି ଦ୍ୱାରା ଓଡ଼ିଶାର ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିବା ବେଳେ ସମସ୍ତ ସୁବିଧା ସୁଯୋଗ ସହ ଆଇଏସ୍‌ବିଟି ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ଅନୁଭୂତି ଦେବ। କାର୍ଯ୍ୟକ୍ଷମ ହେବାକୁ ଥିବା ଏହି ଟର୍ମିନାଲରେ ଅତ୍ୟାଧୁନିକ ଆହାର କେନ୍ଦ୍ର, ବହୁତଳ କାର୍ ପାର୍କିଂ, ପିକ୍ ଅପ୍ /ଡ୍ରପ୍ ଅଫ୍ ବ୍ୟବସ୍ଥା, ସୋଲାର ପ୍ୟାନେଲ ସିଷ୍ଟମ ଓ ସିୱଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ପୁଲିସ ସେବା କେନ୍ଦ୍ର ସହ ଟର୍ମିଲନାଲ ପରିଚାଳନା ପାଇଁ ପ୍ରଶାସନିକ ବିଲ୍ଡିଂ, ଯାତ୍ରୀଙ୍କ ପାଇଁ ଶୌଚାଳୟ, ଭିନ୍ନକ୍ଷମ ଓ ବୟସ୍କ ଯାତ୍ରୀଙ୍କ ପାଇଁ ର୍‌ୟାମ୍ପ ବ୍ୟବସ୍ଥା ଏବଂ ମହିଳା ଯାତ୍ରୀଙ୍କ ପାଇଁ ବେବି ଫିଡିଂ ରୁମ ରହିଛି। ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ବିଡିଏ ଭିସି, ବିଏମସି କମିଶନର, ଭୁବନେଶ୍ୱର ଡିସିପିଙ୍କ ସମେତ ବିଡିଏ ଏବଂ ଅନ୍ୟ ଏଜେନ୍ସୀର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରୂପସା 'ସକାଳ' ପ୍ରତିନିଧି ମନୋରଞ୍ଜନ ପ୍ରଧାନଙ୍କ ଅକାଳ ବିୟୋଗ

**ବାଲେଶ୍ୱର, ୩୦।୧(ସମିସ):** ଦୈନିକ ଖବରକାଗଜ 'ସକାଳ'ର ରୂପସା ପ୍ରତିନିଧି ମନୋରଞ୍ଜନ ପ୍ରଧାନ(ମଣ୍ଟୁ)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ଅକାଳ ବିୟୋଗ ହୋଇଯାଇଛି। କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ଆଜି ସନ୍ଧ୍ୟାରେ ତାଙ୍କର ଅବସ୍ଥା ଅତ୍ୟନ୍ତ ଖରାପ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ଜଣେ ଦକ୍ଷ ସାମ୍ବାଦିକ ସହ ପ୍ରେସ୍ କ୍ଲବ ବସ୍ତାର କୋଷାଧ୍ୟକ୍ଷ ଦାୟିତ୍ୱରେ ରହିଥିଲେ। ସେ ବିଭିନ୍ନ ସଙ୍ଗଠନ ସହିତ ମଧ୍ୟ ଯୋଡି ହୋଇ ରହିଥିଲେ। ତାଙ୍କ ବିୟୋଗରେ 'ସକାଳ' ଓ ନନ୍ଦିଘୋଷ ପରିବାରର ଅଧ୍ୟକ୍ଷ ମାନସ ରଞ୍ଜନ ମଙ୍ଗରାଜ, ସିଇଓ ସୁବ୍ରତ ଦାସ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଯୁବ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ମହାନ୍ତି, ବରିଷ୍ଠ ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ ଓ ଶକ୍ତିପଦ ରାୟଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପ୍ରକାଶ ଥାଉକି ତାଙ୍କ ପତ୍ନୀ ମାଳତୀ ପ୍ରଧାନ ରୂପସା ସାମିଲ ହସନପୁର ପଞ୍ଚାୟତର ସରପଞ୍ଚ ଅଟନ୍ତି।



# ଗ୍ୟାସ୍ କଟର୍‌ରେ ଏଟିଏମ୍ କାଟି ୮ ଲକ୍ଷ ଲୁଟ୍

**ଯୋଡ଼ା, ୩୦ ।୧ (ସମିସ):** ଯୋଡ଼ା ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ଯୋଡ଼ା ସହରର ବନେଇକଲା ବ୍ୟାଙ୍କ୍ ଅଫ ଇଣ୍ଡିଆର ଏଟିଏମ୍‌ରୁ ସୋମବାର ବିଳମ୍ବିତ ରାତିରେ ୮ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର୍‌ରେ ଏଟିଏମ୍‌କୁ କାଟି ସବୁତକ ଟଙ୍କା ଲୁଟି ନେଇଛନ୍ତି। ଏଟିଏମ୍ ଏଜେନ୍ସି ନେଇଥିବା ସଂସ୍ଥା ପକ୍ଷରୁ ଏନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଧିକ ତଦନ୍ତ ପାଇଁ କେନ୍ଦୁଝରରୁ ଏକ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ଏଟିଏମ୍ କାଉଣ୍ଟର୍‌ର ଅପରପାର୍ଶ୍ୱରେ ଥିବା ଫିଟନେସ୍ ସେଣ୍ଟର୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୁଲିସ ଅଭିଯୁକ୍ତମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି। ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଥିବା ଦୃଶ୍ୟରେ, ୩ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ରାତି ପ୍ରାୟ ୨.୫୦ରେ ଏଟିଏମ୍ ଭିତରେ ପଶି ଗ୍ୟାସ୍ କଟର ସାହାଯ୍ୟରେ ଏଟିଏମ୍ ମେସିନକୁ କାଟି ଏହି ଲୁଟ୍ କରିଛନ୍ତି। ସୂଚନାଯୋଗ୍ୟ, ଯୋଡ଼ା ଏକ ସମ୍ବେଦନଶୀଳ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଘନଘନ ଭାରପ୍ରାପ୍ତ ଅଧିକାରୀଙ୍କ ପରିବର୍ତ୍ତନ ଯୋଡ଼ା ସହରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି କରିବାରେ ସହାୟକ ହୋଇଛି। ଦୀର୍ଘ ଦିନ ଧରି ଯୋଡ଼ା ସହରରେ ରାତ୍ରି ପାଟ୍ରୋଲିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଅସାମାଜିକ ବ୍ୟକ୍ତିମାନେ ଏହାର ସୁଯୋଗ ନେଉଥିବା ଅଭିଯୋଗ ହେଉଛି।

## ● ହାଇକୋର୍ଟରେ ବେଆଇନ ଚିଙ୍ଗୁଡି ଘେରି ମାମଲା

# ଚିଲିକା ନୀତି ପାଇଁ ପ୍ରକ୍ରିୟା ଜାରି ରହିଥିବା ନେଇ ସତ୍ୟପାଠ

**କଟକ, ୩୦ ।୧(ସମିସ):** ଆର୍ଦ୍ରଭୂମି ସୁରକ୍ଷା ତଥା ଚିଲିକାରେ ବେଆଇନ ଚିଙ୍ଗୁଡି ଘେରି ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାନି ସତ୍ୟପାଠ ଦାଖଲ କରାଯାଇଛି।ଚିଲିକା ସମ୍ପର୍କିତ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଚିଠା ନୀତିକୁ ଚୂଡାନ୍ତ ପ୍ରକ୍ରିୟା ଜାରି ରହିଥିବା ନେଇ ସତ୍ୟପାଠରେ ଉଲ୍ଲେଖ ରହିଛି। ୬ମାସ ସମୟ ଲାଗିବ ବୋଲି ରାଜ୍ୟ ସରକାର ପୂର୍ବରୁ ଏକ ସତ୍ୟପାଠ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସାନି ସ୍ଥିତି ସମ୍ପର୍କରେ ହାଇକୋର୍ଟଙ୍କୁ ସରକାର ଅବଗତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଦୁଇ ସପ୍ତାହ ପରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି ଅଦାଲତ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟପାଠ ଦାଖଲ କରିଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପ୍ରସ୍ତୁତ କରିଥିବା ଚିଠା ନୀତିକୁ ଚୂଡାନ୍ତ ପାଇଁ ପ୍ରକ୍ରିୟା ଜାରି ରହିଛି।ଏଥିପାଇଁ ଗଠିତ କମିଟି ବୈଠକ ନିକଟରେ ଅନୁଷ୍ଠିତ ହେଉଛି। ପାରମ୍ପରିକ ମତ୍ସ୍ୟଜୀବୀ ଓ ଅଣପାରମ୍ପରିକ ମତ୍ସ୍ୟଜୀବୀ ଓ ଚିଲିକା ଉପକୂଳବାସୀଙ୍କ ସ୍ୱାର୍ଥ ଓ ଜୀବନଜୀବିକା ସହ ଚିଲିକାର ଜୈବ ବିବିଧତା ଆଦି ପ୍ରସଂଗ ଜଡିତ ଥିବାରୁ ମତାମତ ସଂଗହ କରାଯିବା ସହ ଏହାକୁ ବିଚାରକୁ ନିଆଯାଇ ନୂତନ ନୀତି ପ୍ରସ୍ତୁତ କରାଯାଉଛି।

# ଜଳିଗଲା ଟ୍ରାନ୍ସଫର୍ମର୍



**ସାଲେପୁର, ୩୦।୧(ସମିସ):** ଆଜି ମଧ୍ୟାହ୍ନରେ ହଠାତ୍ ସାଲେପୁର-କୁଆଁପାଳ ରାସ୍ତା ପାର୍ଶ୍ୱ ହାଟ ନିକଟରେ ଥିବା ୫ ଶହ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏହି ଟ୍ରାନ୍ସଫର୍ମରରେ ନିଆଁ ଲାଗିଥିଲେ ମଧ୍ୟ କୌଣସି ବଡ଼ ଧରଣର ଅଘଟଣ ଘଟି ନ ଥିଲା। ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଟ୍ରାନ୍ସଫର୍ମରଟି ଜଳିବା ଫଳରେ ପ୍ରାୟ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବ୍ୟାଘାତ ଘଟିଥିଲା। ଫଳରେ ସ୍ଥାନୀୟ ଜନସାଧାରଣ ବିଭିନ୍ନ ପ୍ରକାର ହନ୍ତସନ୍ତ ହୋଇଥିଲେ। ଟିପିସିଓଡିଏଲ୍‌ର ଖାମଖିଆଲୀ ନୀତି ଯୋଗୁ ବାରମ୍ବାର ସାଲେପୁର ଅଞ୍ଚଳରେ ଏଭଳି ଅଘଟଣ ଘଟି ଚାଲିଥିଲେ ମଧ୍ୟ ଏହାକୁ ସୁଧାରିବାକୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଡାଏନା ଡ୍ୟାନ୍ସ ସ୍କୁଲର ବାର୍ଷିକୋତ୍ସବ

**ଚୌଦ୍ୱାର, ୩୦।୧(ସମିସ):** ଓଡ଼ିଶୀ, ଶାସ୍ତ୍ରୀୟ ତଥା ଆଧୁନିକ ନୃତ୍ୟ ଶିକ୍ଷାନୁଷ୍ଠାନ ଡାଏନା ଡ୍ୟାନ୍ସ ସ୍କୁଲର ସପ୍ତମ ବାର୍ଷିକୋତ୍ସବ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଛକସ୍ଥିତ ପୌର ଟାଉନ୍ ହଲରେ ଆୟୋଜିତ ଏହି ସାଂସ୍କୃତିକ ଉତ୍ସବକୁ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଜ୍ୟୋତିର୍ବିତ୍ ଡ. ନିରଞ୍ଜନ ମହାପାତ୍ର, ଗୀତାଞ୍ଜଳି କର, କଣ୍ଠଶିଳ୍ପୀ ସଞ୍ଜୟ ଦାସ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଲଳିତକଳା ଏକାଡ଼େମୀର ପୂର୍ବତନ ସମ୍ପାଦକ ରବି ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଅଧିକାରୀ ମିହିର କୁମାର ସାହୁ, ଆଇଟିଟିର ଅଧ୍ୟକ୍ଷ ଡ. କାହ୍ନୁ ଚରଣ ଦାସ, ବୋର୍ଡ ଅଫ ରେଭିନ୍ୟୁର ସହକାରୀ ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଶୁଭମ୍ ସରିତା କର ସ୍ୱାଗତ ଭାଷଣ ଏବଂ ବିବରଣୀ ପାଠ କରିଥିଲେ। ଗାୟତ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀଙ୍କ ରାମ ପୁସ୍ତକ ଉନ୍ମୋଚନ



**ନିଶ୍ଚିନ୍ତକୋଇଲି, ୩୦।୧(ସମିସ):** ସ୍ୱାଭିମାନ ମାହାଙ୍ଗା ପକ୍ଷରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଗୋପପୁର ଠାରେ ଥିବା ଗାନ୍ଧି ପଡ଼ିଆରେ ଅନୁଷ୍ଠିତ ହୋଇଛି। ସାମ୍ବାଦିକ ପ୍ରମୋଦ ପରିଡ଼ାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଗାନ୍ଧି ସ୍ମାରକ ନିଧିର ରାଜ୍ୟ ସମ୍ପାଦକ ତଥା ସ୍ୱାଭିମାନ ମାହାଙ୍ଗାର ଅଧ୍ୟକ୍ଷ ଜୟନ୍ତ ଦାସ, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାଶ, ସଂଖ୍ୟାଲଘୁ ନେତା ଅବଦୁଲ ହମିଦ୍, ଯୁବନେତା ଜ୍ଞାନେନ୍ଦ୍ର ରାଉତ, ବିଜୟ ଦାସ ଓ ରାମଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାତ୍ମାଗାନ୍ଧୀଙ୍କ ଇଂରାଜୀ ଭାଷାରେ ମୂଳଲେଖା ଗାନ୍ଧିଙ୍କ ରାମ ପୁସ୍ତକଟିକୁ ଜୟନ୍ତ ଦାସଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ କରାଯାଇଥିବା ବହିଟିକୁ ସମାଜ ଉଦ୍ଦେଶ୍ୟରେ ଉନ୍ମୋଚିତ କରାଯାଇଥିଲା।

# ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ବୈଠକ

ବାରଙ୍ଗ, ୩୦।୧(ସମିସ): ରବିବାର ବାରଙ୍ଗ ବ୍ଲକ ନିକଟ ଫୁଲପୋଖରୀ ଗ୍ରାମର ପ୍ରଭୁ ଗଡେଶ୍ୱର ମହାଦେବଙ୍କ ପୀଠରେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ଏକ ଜରୁରୀ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ କଟକ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରୁ ଶତାଧିକ ଛତୁଚାଷୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ଅଧ୍ୟକ୍ଷ ପ୍ରଫେସର ଡ. ଅଦ୍ୱୈତ୍ୟ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଜଗତସିଂହପୁର ସଭାପତି ଶାରଦା ପ୍ରସାଦ ରାୟ, କଟକ ଜିଲ୍ଲା ସଭାପତି ଗୋବିନ୍ଦ ଚନ୍ଦ୍ର ରାଉତ, ନୂତନ ଭାବେ ମନୋନୀତ ଜିଲ୍ଲା ସମ୍ପାଦକ ପ୍ରଭାତ ମହାପାତ୍ର, କୋଷାଧ୍ୟକ୍ଷ ରମେଶ ମହାନ୍ତି, ବାରଙ୍ଗ ମଣ୍ଡଳ ସଭାପତି ବିଭୂତି ସାହୁ, ସମ୍ପାଦକ ନିରଞ୍ଜନ ସାହୁ, କୋଷାଧ୍ୟକ୍ଷ ସୁଚିସ୍ମିତା ଷଡ଼ଙ୍ଗୀ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



**ବାରଙ୍ଗ, ୩୦।୧(ସମିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ ଦେଉଳୀ ଗ୍ରାମରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଏହି ଯଜ୍ଞ ୩ ଦିନ ଧରି ଚାଲିବ। ଏହି ପରିପ୍ରେକ୍ଷୀରେ ଗ୍ରାମସ୍ଥିତ ମାତା ଭଗବତୀ ଦେବୀ ଶର୍ମାଙ୍କ ଶୁଭ ବିଜେସ୍ଥଳୀରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ଦିନ ନିକଟସ୍ଥ ପ୍ରାଚୀ ନଦୀରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ କଳସ ଜଳ ଶୋଭାଯାତ୍ରାରେ ପାଣି ଅଣାଯାଇ ମଧୁବନ, ମଧୁପୁର ଗ୍ରାମ ପରିକ୍ରମା ପୂର୍ବକ କୁମ୍ଭ ସ୍ଥାପନ କରାଯାଇଥିଲା। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମଙ୍ଗଳବାର ଆରତୀ, ଧ୍ୟାନ, ସାଧନା ଦେବୀ ପୂଜନ ଓ ବୁଧବାର ପୂର୍ଣ୍ଣାହୁତି କରାଯିବ।

# ୫୦ ଲକ୍ଷର ପାଣି ଫିଲଟର ଅଚଳ

## ମରାମତି ଓ ପାନୀୟ ଜଳ ଯୋଗାଣ ପାଇଁ ଦାବିପତ୍ର

**କଣ୍ଟାପଡ଼ା, ୩୦।୧(ସମିସ)**



କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ବାଇରୋଇ, ଶିଶୁଆ ଓ ଇଚ୍ଛାପୁର ଗାଁକୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାମାନେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ମଙ୍ଗଳବାର ଦିନ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖବର ଅନୁଯାୟୀ ଏହି ବ୍ଲକ ଅନ୍ତର୍ଗତ ଇଚ୍ଛାପୁରଠାରେ ଏକ ଓଭରହେଡ ପାଣିଟାଙ୍କି ନିର୍ମାଣ କରାଯାଇ ପାଇପ ଓ ଟ୍ୟାପ ଯୋଗେ ଇଚ୍ଛାପୁର, ଶିଶୁଆ, ବାଇରୋଇ ଗ୍ରାମକୁ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ମାତ୍ର ଏହାର ସଠିକ ପରିଚାଳନା ନ ହେବାରୁ ସମୟ କ୍ରମେ ଏଥିରେ ଲାଗିଥିବା ପ୍ରାୟ ୫୦ଲକ୍ଷ ଟଙ୍କାର ଫିଲ୍ଟରଟି ଦୀର୍ଘ ବର୍ଷ ହେବ ଅଚଳ ହୋଇପଡ଼ିଛି। ଯାହାର ମରାମତି ନାଁ ଧରୁ ନାହାନ୍ତି ବିଭାଗୀୟ ଅଧିକାରୀ କି ପଞ୍ଚାୟତ। ବିନା ଫିଲଟରରେ ଯେଉଁ କମ ସମୟ ପାଣି ଆସୁଛି ତାହା କଳାଗୁଣ୍ଡ ଓ ଆଇରନ ଯୁକ୍ତ, ଯାହାକି ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ପ୍ରକଳ୍ପ ସ୍ଥାନରେ ଦୁଇଟି ବୋରିଂ କରାଯାଇଥିଲେ ମଧ୍ୟ ଠିକ୍ ପରିମାଣରେ ପାଣି ଛଡା ଯାଉନାହିଁ। ଅନେକ ଗୁଡିଏ ସାହି ବା ଶେଷମୁଣ୍ଡରେ ଥିବା ଘର ଗୁଡିକୁ ଆଦୌ ପାଣି ପହଞ୍ଚୁନାହିଁ। ଏହି ସମସ୍ୟା ଲାଗି ରହିଥିବାବେଳେ ସ୍ଥାନୀୟ ପଞ୍ଚାୟତ ଲୋକ ପ୍ରତିନିଧିଙ୍କୁ ଗ୍ରାମବାସୀମାନେ ସମସ୍ୟା ସମ୍ପର୍କରେ ପଚାରିଲେ ମଧ୍ୟ ସେମାନେ ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ପମ୍ପ ହାଉସ ପରିଚାଳନାରେ ଥିବା ବ୍ୟକ୍ତି ଜଣକ ଉକ୍ତ ପମ୍ପ ହାଉସ ଓ ଏହାର କୋଠରୀକୁ ନିଜ ବ୍ୟକ୍ତିଗତ ମାଲିକାନା ପରି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଘଟଣାରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ଏକ ଦାବିପତ୍ର ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ସମିତିସଭ୍ୟ ପବିତ୍ରମୋହନ ସ୍ୱାଇଁ, ଟୁକୁନା ସାହୁ, ବିଭୂତି ସିଂହ, ଅଶୋକ ସାମନ୍ତରାୟ, ପ୍ରକାଶ ନନ୍ଦ, ପିଣ୍ଟୁ ଭୋଇ ପ୍ରମୁଖ ଦାବିପତ୍ର ପ୍ରଦାନ କରିବା ସହିତ ସମସ୍ୟାର ସମାଧାନ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ଯନ୍ତ୍ରୀ ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରୁ ପଞ୍ଚାୟତ ଏ ସବୁ ସମାଧାନ ଦିଗରେ ତତ୍ପରତା ଦେଖାଇବା କଥା। ବିଡିଓଙ୍କ ସହ ଆଲୋଚନା କରି ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# କୋଠପଦାରେ ଖୋଲିବ ନୂତନ ରାଜସ୍ୱ କାର୍ଯ୍ୟାଳୟ

**ମାହାଙ୍ଗା, ୩୦।୧(ସମିସ):** ମାହାଙ୍ଗା ତହସିଲ ଦ୍ୱିପାଞ୍ଚଳରେ ଦୁଇଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିବାବେଳେ ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେବା ନିମନ୍ତେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉଦ୍ୟମକ୍ରମେ ନୂତନ ଭାବେ କୋଠପଦା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବା ପାଇଁ ପ୍ରଶାସନିକସ୍ତରରେ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଚିଠି ନଂ ୨୩୬୮/୨୪ ରେ କଟକ ଜିଲ୍ଲାପାଳ, କଟକ କେନ୍ଦ୍ରାଞ୍ଚଳ ଆରଡିସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ପୂର୍ବରୁ କୋଳିଅଠା ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ୭ଟି ପଞ୍ଚାୟତ ୩୪ଟି ଗ୍ରାମ ରହିଥିବାବେଳେ ଏଥି ମଧ୍ୟରୁ କୁହୁଣ୍ଡା, କୁଣ୍ଡି, ମୂଳବସନ୍ତ ଓ ସାହାପୁର ପଞ୍ଚାୟତର ୨୨ଟି ଗ୍ରାମକୁ ନେଇ କୋଠପଦା ରାଜସ୍ୱ କାର୍ଯ୍ୟାଳୟ ଗଠିତ ହୋଇଛି। ଅବଶିଷ୍ଟ ୧୨ଟି ଗ୍ରାମ କୋଳିଅଠା ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ନୂତନ କରି ଏହି ରାଜସ୍ୱ କାର୍ଯ୍ୟାଳୟ କରାଯାଉଥିବାରୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦ୍ୱୀପାଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ଅଧିବେଶନ ଓ ସଫେଇ




ନିଶ୍ଚିନ୍ତକୋଇଲି, ୩୦।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ତରତ ଠାରେ ଥିବା ମା' ହରଚଣ୍ଡୀ ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ଶରତଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ପ୍ରଥମେ ମା' ବ୍ରାହ୍ମଣୀ ଗ୍ରାମ ଦେବତୀଙ୍କ ମନ୍ଦିର ପରିସର ଏବଂ ଅଷ୍ଟପ୍ରହରୀ ମଣ୍ଡପ ଚତୁଃପାର୍ଶ୍ୱ ପ୍ରଥମେ ସଫେଇ କରାଯାଇଥିଲା। ପରେ ଶ୍ରୀ ଦାଶଙ୍କ ସଭାପତିତ୍ୱରେ ଏକ ବୈଠକରେ ମୁଖ୍ୟଅତିଥି ଭାବେ ପୂଜ୍ୟ ଗୁରୁ ପ୍ରତାପ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ସରପଞ୍ଚ ପ୍ରଦିପ୍ତ ପରିଡ଼ା, ସମ୍ପାଦକ ଧନେଶ୍ୱର ସେଠୀ, ଉପସଭାପତି ଅଜୟ ମଲ୍ଲ, ସହ ସମ୍ପାଦକ ରଘୁନାଥ ଶତପଥୀ, ସୁରେନ୍ଦ୍ରନାଥ ସାହୁ, ଶିକ୍ଷାବିତ୍ ବଟକୃଷ୍ଣ ସ୍ୱାଇଁ, ଉତ୍ସବ ଚରଣ ମହାପାତ୍ର, ନିରଞ୍ଜନ ପଣ୍ଡା, ଗୋକୁଳାନନ୍ଦ ପଣ୍ଡା, ଶରତଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କବି ବଟକୃଷ୍ଣ ସ୍ୱାଇଁ ସ୍ୱରଚିତ ଏକ କବିତା ପାଠ କରିଥିଲାବେଳେ ରଘୁନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଉପକରଣ ପ୍ରଦାନ



**ନିଶ୍ଚିନ୍ତକୋଇଲି, ୩୦।୧(ସମିସ):** ନରେନ୍ଦ୍ରପୁର ପଞ୍ଚାୟତ କାକୁଡ଼ିଆପଡ଼ାର ଅଗ୍ରଣୀ ସେବା ସଂସ୍ଥା ବୈତୁଲମାଲ ସୁକନଇ ୱେଲଫାୟାର ଫାଉଣ୍ଡେସନ ପକ୍ଷରୁ ଅବଦୁଲ ଗଫାର ମଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଡେକ୍ସ, ବେଞ୍ଚ ପ୍ରଦାନ କରାଯାଇଛି। ଏହି ସ୍କୁଲର ଷଷ୍ଠ ଓ ସପ୍ତମ ଶ୍ରେଣୀରେ ୭୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ସରକାରଙ୍କ ପକ୍ଷରୁ ସହାୟତା ଦିଆଯାଇ ନ ଥିବାରୁ ସେମାନେ ଚଟାଣରେ ବସି ପାଠ ପଢୁଥିଲେ। ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଏଭଳି ଅସୁବିଧାକୁ ଲକ୍ଷ୍ୟ କରି ଗଣତନ୍ତ୍ର ଦିବସ ଅବସରରେ ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଳୟକୁ ନୂତନ ଡ଼େକ୍ସ ଓ ବେଞ୍ଚ ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ନିର୍ଦ୍ଦେଶକ ସେକ୍ ହୁମାୟୁନ୍ ଅଲ୍ଲି, ମିର୍ଜା ଇସ୍ତାକ ବେଗ, ମିର୍ଜା ଅବୁତାର ବେଗ୍ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ କରି ଦେଶ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ସେକ୍ ଗୁଲାମ୍ ମୃତାର୍ଜ, ସମ୍ପାଦକ ସେକ ଲାଫିଜଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ହୋଇଥିଲେ।

# ଏଲଏନସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; କେସିସି ସୁଂଗୁଡ଼ା ଚାମ୍ପିଅନ୍




**ମାହାଙ୍ଗା, ୩୦।୧(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଖେଳ ପଡ଼ିଆରେ ଲକ୍ଷ୍ମୀନାରାୟଣ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଟକ, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ୧୬ଟି କ୍ରିକେଟ ଟିମ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କେସିସି କ୍ରିକେଟ ଟିମ ସୁଂଗୁଡା ଏବଂ ବାଙ୍କୁ ଟାଇଗର ଅରେଇକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ବାଙ୍କୁ ଟାଇଗରକୁ ହରାଇ, କେସିସି ସୁଂଗୁଡା ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଆରୁଣୀ ଗ୍ରୁପ ମ୍ୟାନେଜିଙ୍ଗ ଡାଇରେକ୍ଟର ଅମିତ ସାହୁ, ସିନେ ଅଭିନେତ୍ରୀ ନିକିତା ମିଶ୍ର, ୟୁଟ୍ୟୁବର ସନ୍ତୁ, ସୁନନ୍ଦା ଭେନଚର କମ୍ପାନୀ ନିର୍ଦ୍ଦେଶକ ଅରବିନ୍ଦ ମହାନ୍ତି ଓ ଅଭିଳାଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିକାଶ, ବାପି, ବଣ୍ଟି, ପୁପୁଲୁ, ଟିକି ପ୍ରମୁଖ ଅନୁଷ୍ଠାନର ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଭାରସାମ୍ୟ ହରାଇ ଗଛରେ ପିଟି ହେଲା ଗାଡ଼ି

**ଡିଗିରିଆ, ୩୦।୧(ସମିସ):** ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥର ବିନ୍ଧାଣିମା ବାଇପାସ ମଙ୍ଗଳା ମନ୍ଦିର ନିକଟରେ ଆଜି ଏକ ସ୍କର୍ପିଓ ଗାଡି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଚୁରମାର ହୋଇଯାଇଥିବା ବେଳେ ଏହାର ଚାଳକ ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ମୁତାବକ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ସ୍କର୍ପିଓ ଗାଡି ଦ୍ରୁତଗତିରେ ଡିଗିରିଆ ପଟୁ ବଡମ୍ବା ଦିଗରେ ଯାତ୍ରା କରୁଥିବା ବେଳେ ଡ୍ରାଇଭର ଗାଡି ଉପରୁ ନିୟନ୍ତ୍ରଣ ହରାଇଥିଲା। ଫଳରେ ଗାଡିଟି ରାସ୍ତାକଡରେ ଥିବା ଏକ ଗଛରେ ଖୁବ୍ ଜୋରରେ ମାଡ ହୋଇଥିଲା। ଦୁର୍ଘଟଣା ଯୋଗୁଁ ଗାଡିଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଗାଡିର ଚାଳକ ସଦାଶିବ ମହାନ୍ତି ସାମାନ୍ୟ ଆହତ ହୋଇଥିଲେ।

# ବିଜେଡିର ମିଶ୍ରଣ ପର୍ବ



**ଟାଙ୍ଗୀ, ୩୦।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତର ବିଭିନ୍ନ ଦଳର ଛାମୁଆଁ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ପ୍ରତି ଆସ୍ଥା ପ୍ରକଟ କରି ୨୨ଜଣ କର୍ମୀ ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକ ସମସ୍ତଙ୍କୁ ଦଳର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ମିଶ୍ରଣ ପର୍ବରେ ପଞ୍ଚାୟତ ବିଜେଡି ସଭାପତି ପ୍ରସନ୍ନ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ପଞ୍ଚାନନ ଶତପଥୀ, ପ୍ରାକ୍ତନ ସମିତିସଭ୍ୟ କରୁଣାକର ବେହେରା, ଅଭୟ ତ୍ରିପାଠୀ ଓ ଯୁବ ସଭାପତି ଭୂବନମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପାଲାକାରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

**ବାଙ୍କୀ, ୩୦।୧(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ଡଁସର ଗ୍ରାମର ବିଶିଷ୍ଟ ପାଲାକାର ସୁଦର୍ଶନ ବେହେରାଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗାୟକ ଲକ୍ଷ୍ମୀଧର ପଣ୍ଡା ଶର୍ମା ସଭାପତିତ୍ୱ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗାୟକ ସୁଦର୍ଶନ ଜେନା, ନାରାୟଣ ମହାରଣା, ପଣ୍ଡିତ ପଦ୍ମନାଭ ମିଶ୍ର ଶର୍ମା, ବସନ୍ତ ମହାରଣା, ବେଣୁଧର ପଣ୍ଡା, ଶ୍ରୀବନ୍ତ ପ୍ରସାଦ ପାଣି, ଦେବରାଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ତାଙ୍କର ଗୁଣଗାନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାକୁ ସୁଦର୍ଶନସାହୁପରିଚାଳନାକରିବାସହିତଧନ୍ୟବାଦଅର୍ପଣକରିଥିଲେ।

# ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

**ନିଶ୍ଚିନ୍ତକୋଇଲି, ୩୦।୧(ସମିସ):** ଫଗୋଳ ପଞ୍ଚାୟତ ସ୍ଥିତ ପାଇକରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଜନରାଜ୍ୟ ଦିବସରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରଭାକର ମିଶ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ବୃନ୍ଦାବନ ପାତ୍ର, ସମ୍ମାନୀତ ଅତିଥି ଭାବେ ସିଆରସିସି ପିତାମ୍ବର ବେହେରା, ଶିକ୍ଷକ ମଞ୍ଜୁର ଖାଁ, ଶିକ୍ଷୟିତ୍ରୀ କରବି ବେହେରା ଓ ତୃପ୍ତିଲତା ସାହୁ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଉଚ୍ଛେଦ ହେଲା ଟୋଲଗେଟ; ମରାମତି ହେଲାନି ରାସ୍ତା

**କଟକ, ୩୦।୧(ସମିସ)**



ରାଜ୍ୟ ସରକାର ଗତ ବର୍ଷ ସେପ୍ଟେମ୍ବର ମାସ ୧୬ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟରେ ଥିବା ରାଜ୍ୟ ସରକାରଙ୍କ ସବୁ ଟୋଲଗେଟ ଉଚ୍ଛେଦ ଘୋଷଣା କଲେ। ଏହି କ୍ରମରେ କନ୍ଦରପୁର- ପାରାଦୀପ ୧୨ନମ୍ବର ରାଜ୍ୟ ରାଜପଥର କନ୍ଦରପୁର ନିକଟ ପାରାବିଲ ଠାରେ

**● ଗାଡ଼ି ଚଳାଚଳ ବାଧାପ୍ରାପ୍ତ; ଦୁର୍ଘଟଣା ଆଶଙ୍କା**

ଥିବା ଟୋଲଗେଟ ମଧ୍ୟ ବନ୍ଦ ହୋଇଗଲା। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ଟୋଲଗେଟକୁ ଓଡ଼ିଶା ସେତୁ ନିର୍ମାଣ ନିଗମ ପରିଚାଳନା କରୁଥିଲା। ଉଚ୍ଛେଦ ଘୋଷଣାର ୨ ମାସ ପରେ ଓବିସିସି ପକ୍ଷରୁ ପୂର୍ତ୍ତ ବିଭାଗକୁ ଟୋଲଗେଟ ହସ୍ତାନ୍ତର କରାଯିବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୧୦ଦିନ ହେବ ଏହି ଗେଟକୁ ଭଙ୍ଗା ଯାଇ ଉଚ୍ଛେଦ କରାଯାଇଛି। ଏଠାରେ ଲାଗିଥିବା ସମସ୍ତ ସୌରଚାଳିତ ଉଜ୍ଜ୍ୱଳ ଆଲୋକ କାଢି ନିଆଯିବା ସହ ଟୋଲ ଆଦାୟ ଗୃହକୁ ଉଚ୍ଛେଦ କରାଯାଇ ରାଜପଥ କଡ଼ରେ ରଖିଦିଆଯାଇଛି। ତତ୍ ସହିତ ରାସ୍ତାକୁ ଦୁଇଭାଗ କରୁଥିବା ଡିଭାଇଡର ଭଙ୍ଗା ଯାଇଥିବାବେଳେ ସେଠାରୁ ବାହାରିଥିବା ବର୍ଜ୍ୟ କିନ୍ତୁ ରାସ୍ତା କଡ଼ରେ ପକେଇ ଦିଆଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ, ମୁଖ୍ୟରାସ୍ତାରେ ବର୍ତ୍ତମାନ ବଡ଼ ଧରଣର ଲମ୍ବା ଗାତ ସୃଷ୍ଟି ହେବା ଫଳରେ ତାହା ଗାଡ଼ି ଚଳଚଳ ପାଇଁ ବିପଦ ହୋଇପଡ଼ିଛି। ଏହାବାଦ ରାସ୍ତାରୁ ହମ୍ପସ ଉଠା ଯାଇ ନ ଥିବାରୁ ଅନ୍ଧାରରେ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ରାଜପଥକୁ ସଠିକ ମରାମତି କରିବା ଓ ରାସ୍ତାରୁ ହମ୍ପସ ଉଠାଇବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ପତଞ୍ଜଳି ପରିବାର ପକ୍ଷରୁ ରକ୍ତଦାନ ଶିବିର




**ସାଲେପୁର, ୩୦।୧(ସମିସ):** ଆଜି ସାଲେପୁର ଯୋଗ ପତଞ୍ଜଳି ପରିବାର ପକ୍ଷରୁ ସ୍ଥାନୀୟ ମଧୁ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପତଞ୍ଜଳି ରାଜ୍ୟ ସୋସିଆଲ୍ ମିଡିଆ ପ୍ରଭାରୀ କ୍ଷିତିଶ ଚନ୍ଦ୍ର ପଟ୍ଟନାୟକ, ପତଞ୍ଜଳି ରାଜ୍ୟ ଯୁବ ପ୍ରଭାରୀ ଅମୃତାଂଶୁ ପ୍ରଧାନ, ପତଞ୍ଜଳି ରାଜ୍ୟ କିଶାନ୍ ସେବା ସମିତି ପ୍ରଭାରୀ ଏସ୍‌ପିଡିଆର ମହାପାତ୍ର, ସାଲେପୁର ବରୋଦା ବ୍ୟାଙ୍କ୍ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିବାବେଳେ ଏହି ରକ୍ତଦାନ ଶିବିରରେ ୫୮ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସାଲେପୁର ତହସିଲ ପ୍ରଭାରୀ ପ୍ରତାପ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ସଂଗ୍ରାମ କେଶରୀ କର, କୈଳାସ ଚନ୍ଦ୍ର ବେହେରା, ଲୋଲୁପ ବିଶ୍ୱାଳ, ଉମାକାନ୍ତ ଦାଶ, କାମଦେବ କର, ଜ୍ୟୋତିରଞ୍ଜନ ନାୟକ, ଅରୁଣ ନାୟକ, ନିଶିକାନ୍ତ ଦାଶ, ଶ୍ରୀକାନ୍ତ ଭୂୟାଁ, ପ୍ରଗତି ବାରହା, ପ୍ରଭାତ ଭୂୟାଁ, ଶିଶିର ପଣ୍ଡା, ମନୋଜ ରାଉଳ, ଦେବେନ୍ଦ୍ର କର, ମାନସ ରଞ୍ଜନ ସାହୁ, ନବକିଶୋର କର, ଦିବାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିବାବଳେ ଏସ୍‌ସିବି ମେଡ଼ିକାଲ କଲେଜର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।



ରାଜ୍ୟସ୍ତରୀୟ ସହିଦ ଦିବସ ପାଳନ ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପରିସରସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି

# ୧୦ପୁଲିସ ଇନ୍ସପେକ୍ଟରଙ୍କ ବଦଳି

**କଟକ, ୩୦ ।୧(ସମିସ):** ୧୦ଜଣ ପୁଲିସ ଇନ୍ସପେକ୍ଟରଙ୍କୁ ଆଜି ନୂତନ ସ୍ଥାନକୁ ବଦଳି କରାଯାଇଛି। ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ଅନୁମୋଦନକ୍ରମେ ଏହି ବଦଳି ବିଜ୍ଞପ୍ତି ଜାରି କରାଯାଇଛି। ଏହି କ୍ରମରେ ପୁଲିସ କମିଶନରେଟରେ କାର୍ଯ୍ୟରତ ପଦ୍ମନାଭ ପ୍ରଧାନଙ୍କୁ ସ୍ପେଶାଲ ବ୍ରାଞ୍ଚ ଭୁବନେଶ୍ୱର, ରଶ୍ମିରଞ୍ଜନ ମହାପାତ୍ରଙ୍କୁ ନୟାଗଡ଼, ସନ୍ତୋଷ କୁମାର ଜେନାଙ୍କୁ ଅନୁଗୁଳ ଓ ଗୋପାଳକୃଷ୍ଣ ଜେନାଙ୍କୁ ଜଗତସିଂହପୁର ଜିଲ୍ଲାକୁ ବଦଳି କରାଯାଇଛି। ସେହିପରି ଜଗତସିଂହପୁରରେ କାର୍ଯ୍ୟରତ ସଲିଲ କୁମାର ପ୍ରଧାନଙ୍କୁ ଢେଙ୍କାନାଳ, ଢେଙ୍କାନାଳରେ କାର୍ଯ୍ୟରତ ଶରତ କୁମାର ମହାଲିକଙ୍କୁ ବ୍ରହ୍ମପୁର, ରାଜେନ୍ଦ୍ର କୁମାର ମହାପାତ୍ରଙ୍କୁ ପୁରୀ, ପ୍ରଦୀପ ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ଓ କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ବିଜୟିନୀ ମଲ୍ଲଙ୍କୁ ପୁଲିସ କମିଶନରେଟକୁ ବଦଳି କରାଯାଇଛି। ସେହିପରି ପୂର୍ବରୁ ପୁଲିସ କମିଶନରେଟରେ କାର୍ଯ୍ୟରତ ଇନ୍ସପେକ୍ଟର ଶୁଭଶ୍ରୀ ପଣ୍ଡାଙ୍କୁ ଗଞ୍ଜାମ ଜିଲ୍ଲାକୁ ବଦଳି କରାଯାଇଥିଲେ ହେଁ ଏଥିରେ ପରିବର୍ତ୍ତନ କରାଯାଇ ତାଙ୍କୁ ଭୁବନେଶ୍ୱର ଇଓଡବ୍ଲୁକୁ ବଦଳି କରାଯାଇଛି।

■ ହାଇକୋର୍ଟରେ ପୁଲିସ ଏସ୍ଆଇ ଚୟନ ମାମଲା

# ମାମଲାର ଫଳାଫଳ ଉପରେ ନିର୍ଭର କରିବ ନିଯୁକ୍ତି

**କଟକ,୩୦ ।୧(ସମିସ):** ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ପରେ ପ୍ରସ୍ତୁତ ଚୂଡ଼ାନ୍ତ ଚୟନ ତାଲିକାରେ ଅନିୟମିତତା ଅଭିଯୋଗ କରି ଦାୟର ମାମଲାରେ ଆଜି ହାଇକୋର୍ଟ ଶୁଣାଣି କରିଛନ୍ତି। ଏହି ପଦରେ ଯଦି କୌଣସି ନିଯୁକ୍ତି ଦିଆଯିବ, ତାହେଲେ ତାହା ମାମଲାର ଚୂଡ଼ାନ୍ତ ରାୟ ବା ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ସୁବାସ ସେନାପତି ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ରାଜ୍ୟ ସରକାର ଓ ପୁଲିସ ନିଯୁକ୍ତି ବୋର୍ଡକୁ ଅଦାଲତ ଗତ ଶୁଣାଣି ସମୟରେ ନୋଟିସ୍ ଜାରି କରିଥିଲେ ସୁଦ୍ଧା ପ୍ରତିପକ୍ଷଙ୍କ ପକ୍ଷରୁ ଆଜି ମଧ୍ୟ ଜବାବ ରଖାଯାଇନାହିଁ। ଅନ୍ୟପଟେ ଜବାବ ଦାଖଲ ପାଇଁ ପ୍ରତିପକ୍ଷ ଅଧିକ ସମୟ ଲୋଡ଼ିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱରଞ୍ଜନ ପରମଗୁରୁ ମାମଲା ପରିଚାଳନା କରୁଛନ୍ତି।

**ପାଣି ପଞ୍ଚାୟତ ପକ୍ଷ ୨୦୨୪ ଉଦ୍‌ଯାପିତ**

# ଚାଷୀ ଓଡ଼ିଶାର ଶକ୍ତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦ ।୧(ସମିସ):** ପାଣି ପଞ୍ଚାୟତ ଆମ ଚାଷୀ ଭାଇଭଉଣୀମାନଙ୍କୁ ପାଣି ଉପରେ ଅଧିକାର ଦେଇଛି। ଏହାର ସୁବିନିଯୋଗ ପାଇଁ ଦାୟିତ୍ୱ ମଧ୍ୟ ଦେଇଛି। ପାଣି ପଞ୍ଚାୟତ ଦ୍ୱାରା ସେମାନେ ପାଣିର ସଠିକ୍ ଉପଯୋଗ କରିବା ସହିତ ଏକାଠି ହୋଇ କାମ କରିବାର ଇଚ୍ଛାଶକ୍ତି ଓ ଦକ୍ଷତା ମଧ୍ୟ ବଢ଼ିଛି। ପାଣି ପଞ୍ଚାୟତର ସୁବିନିଯୋଗରେ ଆଜି ରାଜ୍ୟର ଚାଷୀମାନେ ଭଲ ଫସଲ କରିପାରୁଛନ୍ତି ଓଡ଼ିଶାରେ ପ୍ରାୟ

**ଜଳ ସଂରକ୍ଷଣ ଓ ପୁନଃବ୍ୟବହାର ପାଇଁ କୃଷକଙ୍କୁ ପରାମର୍ଶ**

**ରାଜ୍ୟରେ ଗଠନ ହେଲାଣି ୪୦ ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତ**

**କମାଣ୍ଡ ଏରିଆ ବିକାଶ ପାଇଁ ହେଉଛି ୬୦୦ କୋଟି ଟଙ୍କା ଖର୍ଚ୍ଚ**

**ଶ୍ରେଷ୍ଠ ପାଣି ପଞ୍ଚାୟତ, ଶ୍ରେଷ୍ଠ କୃଷକ, ଛାତ୍ରଛାତ୍ରୀଙ୍କୁ ପୁରସ୍କାର**

୪୦ ହଜାର ପାଣି ପଞ୍ଚାୟତ ଗଠନ ହେଲାଣି। ଏବେ ଏହା ଆଉ ଏକ କାର୍ଯ୍ୟକ୍ରମ ନୁହେଁ, ଆନ୍ଦୋଳନରେ ପରିଣତ ହୋଇପାରିଛି। ଏଥିରେ ମେଗା ଲିଫ୍ଟକୁ ସାମିଲ କରାଯାଇଛି ଓ ମା'ମାନେ ଯେପରି ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଯୋଗ ଦେଇପାରିବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ପାଣି ପଞ୍ଚାୟତରେ ମା'ମାନେ ବହୁତ ଭଲ କାମ କରୁଛନ୍ତି ବୋଲି ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନ ସମାରୋହରେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଚାଷୀଭାଇମାନେ ହେଉଛନ୍ତି ଆମର ଶକ୍ତି। ସେମାନଙ୍କ ଶକ୍ତି ବଢ଼ିଲେ ଓଡ଼ିଶାର ଶକ୍ତି ବଢ଼ିବ। ଚାଷୀ ମାନଙ୍କ ଉନ୍ନତି ତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଚାଷୀଙ୍କ ଜମିକୁ ପର୍ଯ୍ୟାପ୍ତ ପାଣି ଦେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିଛି। ଜଳ ହେଉଛି ଅମୂଲ୍ୟ ସମ୍ପଦ। ଆପଣ ମାନେ ଜଳର ସଂରକ୍ଷଣ ଓ ପୁର୍ନବ୍ୟବହାର ପାଇଁ ଚେଷ୍ଟା କରନ୍ତୁ। ଫସଲର ବିବିଧକରଣ କରିବା ସହ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଚାଷ କରନ୍ତୁ। ଏହା ଦ୍ୱାରା ଅଧିକ ଅମଳ କରି ଆପଣମାନେ କୃଷି କ୍ଷେତ୍ରରେ ନିଜେ ସଫଳତା ପାଇବା ସହିତ ରାଜ୍ୟକୁ ଏ କ୍ଷେତ୍ରରେ ଅଗ୍ରଣୀ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଚାଷୀଭାଇମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ୫-ଟି ଉପକ୍ରମରେ ରାଜ୍ୟରେ ଜଳସେଚନ ପ୍ରକଳ୍ପ ଗୁଡିକରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି ଏବଂ ଠିକ୍ ସମୟରେ କାମ ଶେଷ କରାଯାଉଛି। କମାଣ୍ଡ ଏରିଆର ବିକାଶ ପାଇଁ ରାଜ୍ୟ ସରକାର ୬୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପାଣି ପଞ୍ଚାୟତର ପ୍ରୋଟୋଟାଇପ୍‌ର ଶୁଭାରମ୍ଭ କରିବା ସହିତ ସେଚ ସହଭାଗିତା ୨.୦ ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରେଷ୍ଠ କୃଷକ, ଶ୍ରେଷ୍ଠ ପାଣି ପଞ୍ଚାୟତ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଶ୍ରେଷ୍ଠ ପ୍ରକଳ୍ପ ଓ ଶ୍ରେଷ୍ଠ ପ୍ରଶାସକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଛନ୍ତି।

କାର୍ଯ୍ୟକ୍ରମରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଆନ୍ତରିକତା ଯୋଗୁ ଆଜି ସବୁ କ୍ଷେତ୍ରରେ ରୂପାନ୍ତର ଆସିଛି। କୃଷି ଓ ଜଳସେଚନ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିଛି। ପାଣି ପଞ୍ଚାୟତ ଜରିଆରେ ଚାଷୀମାନେ ଜଳର ସଦୁପଯୋଗ କରି ଭଲ ଫସଲ କରିପାରୁଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଜଗତସିଂହପୁର ମା' ବାଟମଙ୍ଗଳା ପାଣି ପଞ୍ଚାୟତର ସଭାପତି ମମତା ଦାସ ଏବଂ ଗଞ୍ଜାମ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପାଣି ପଞ୍ଚାୟତର ସମ୍ପାଦକ ମଦନ ମୋହନ ବିଶ୍ୱାଳ ପାଣି ପଞ୍ଚାୟତ ଯୋଗୁ ଆମେ ପାଣିର ଉଚିତ ବ୍ୟବହାର କରିପାରୁଛୁ। ଏପରିକି ସ୍ୱଳ୍ପ ବୃଷ୍ଟି ସମୟରେ ଭଲ ଫସଲ କରିପାରୁଛୁ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜ୍ୟର ୫୦ଟି ଶ୍ରେଷ୍ଠ ପାଣି ପଞ୍ଚାୟତକୁ ୫୦ ହଜାର ଟଙ୍କା ଲେଖାଏଁ, ୩୦ଟି ଜିଲ୍ଲାର ୩୦ ଜଣ ଶ୍ରେଷ୍ଠ କୃଷକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ୧୦ ହଜାର, ୭୫୦୦ ଏବଂ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ଜଗତସିଂହପୁରର ମା' ବାଟମଙ୍ଗଳା ପାଣି ପଞ୍ଚାୟତ, ଶ୍ରେଷ୍ଠ ଚାଷୀ ଭାବେ ମାଲକାନଗିରିର ପୂର୍ଣ୍ଣିମା ହାଲଦାର, ଶ୍ରେଷ୍ଠ ଛାତ୍ରୀ ଭାବେ କେନ୍ଦ୍ରାପଡ଼ାର ମନସ୍ୱୀ ଦାସ, ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୋଟେରୁ ଜଳସେଚନ ପ୍ରକଳ୍ପ ଓ ଶ୍ରେଷ୍ଠ ଅଧିକାରୀ ଭାବେ ଚିକିଟି ମାଇନର ଜଳସେଚନ ପ୍ରକଳ୍ପର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁନୀତା ଜେନା ପ୍ରମୁଖଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ପରିକ୍ରମା ପ୍ରକଳ୍ପ ବୁଲିଲେ ଆଉ ୧୦ ହଜାର ଶ୍ରଦ୍ଧାଳୁ

**ପୁରୀ, ୩୦ ।୧ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ଲାଗି ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ତାଲିକା ଅନୁଯାୟୀ, ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରୁଛନ୍ତି। ସୋମବାର, ପ୍ରଥମ ଦିନରେ ୫ଟି ଜିଲ୍ଲା (ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, କଟକ ଓ କେନ୍ଦ୍ରାପଡ଼ା) ରୁ ପ୍ରାୟ ୧୦ ହଜାର ଭକ୍ତ ପ୍ରତ୍ୟକ୍ଷ ଭାବେ ପରିକ୍ରମା ପ୍ରକଳ୍ପର ଅନୁଭୂତି

**ଆଜି ୫ ଜିଲ୍ଲାରୁ ଆସିବେ ୧୧, ୧୮୦ ଭକ୍ତ**




ସାଉଣ୍ଟିଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଦିନରେ ୬ଟି ଜିଲ୍ଲାରୁ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ପୁରୀ ଆସିଥିଲେ। ବୁଧବାର ୫ଟି ଜିଲ୍ଲାରୁ ୧୧, ୧୮୦ ଭକ୍ତ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ବୋଲି ଜଣାପଡ଼ିଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ୬ଟି ଜିଲ୍ଲା (ବାଲେଶ୍ୱର, କଟକ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର ଏବଂ ଦେବଗଡ଼)ରୁ ଯାତ୍ରୀଙ୍କୁ ଧରି ମଙ୍ଗଳବାର ବିଭିନ୍ନ ସମୟରେ ସମଙ୍ଗ ପାର୍କିଂରେ ପହଞ୍ଚିଥିଲା ବସ୍। ସେଠାରୁ ଫିଡ଼ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର୍ (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ବିଶ୍ରାମ ନେଇ ପୁନଶ୍ଚ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ। ଏଥିପାଇଁ ସମଙ୍ଗ ପାର୍କିଂସ୍ଥଳରେ ଭକ୍ତଙ୍କ ପାଇଁ ଆବଶ୍ୟକ ସମସ୍ତ ସୁବିଧା କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ୫ ଜିଲ୍ଲାରୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ୧୧, ୧୮୦ ଶ୍ରଦ୍ଧାଳୁ।

# ଆରମ୍ଭ ହେବ ମୃତ୍ତିକା ସ୍ୱାସ୍ଥ୍ୟ ମିଶନ୍

**ଭୁବନେଶ୍ୱର, ୩୦ ।୧(ସମିସ):** ରାଜ୍ୟରେ କୃଷିରେ ବଡ଼ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ମୃତ୍ତିକା ସ୍ୱାସ୍ଥ୍ୟ ମିଶନ୍ ଆରମ୍ଭ କରିବାକୁ ଯାଉଛନ୍ତି। ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି ଚାଷ ସମ୍ପର୍କିତ ସମସ୍ୟାର ସମାଧାନ, ବୈଷୟିକ ପରାମର୍ଶ ତଥା ଭଲ ଅମଳ ହେବା ପର୍ଯ୍ୟନ୍ତ କୃଷି ବିଭାଗ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବ। ମୃତ୍ତିକା ସ୍ୱାସ୍ଥ୍ୟ ମିଶନ୍ ସମ୍ପର୍କରେ ଆଜି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ କୃଷି ଓ ମୃତ୍ତିକା ବିଶେଷଜ୍ଞମାନେ ନିଜ ନିଜ ମତ ରଖିଥିଲେ। ଆଗକୁ ଏହା ଉପରେ ଅଧିକ ଆଲୋଚନା କରାଯିବା ପରେ ମିଶନର ଚୂଡ଼ାନ୍ତ ନକ୍ସା ପ୍ରସ୍ତୁତ ହେବ। ପୂର୍ବରୁ ମୃତ୍ତିକାର ଯତ୍ନ ପାଇଁ କୃଷି ବିଭାଗ ପଦକ୍ଷେପ ନେଇଛି। ତେବେ ମୃତ୍ତିକା ମିଶନ୍ ରାଜ୍ୟର ପ୍ରତି କୋଣ ଅନୁକୋଣରେ ପହଞ୍ଚିବ। ଚାଷୀମାନେ ନିଜ ଜମିରୁ ମୃତ୍ତିକା ନମୁନା ସଂଗ୍ରହ କରି ପଞ୍ଚାୟତରେ ପହଞ୍ଚାଇବେ। ସେଠାରେ ଭ୍ରାମ୍ୟମାଣ ପରୀକ୍ଷା ଭ୍ୟାନ୍‌ରେ କିମ୍ବା ଜିଲ୍ଲା ମୃତ୍ତିକା ପରୀକ୍ଷଣ କେନ୍ଦ୍ରକୁ ନମୁନା ଅଣାଯାଇ ପରୀକ୍ଷା କରାଯିବା ପରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ରିପୋର୍ଟ କାର୍ଡ ପ୍ରଦାନ କରାଯିବ। ରିପୋର୍ଟରେ ମାଟିର କିଛି ସମସ୍ୟା ଥିଲେ ତାହାର ସମାଧାନ ପାଇଁ କୃଷି ବିଭାଗ ପଦକ୍ଷେପ ନେବ। ସେହିପରି ମିଶନ୍ ଅଧୀନରେ ଜୈବିକ ଚାଷକୁ ଗୁରୁତ୍ୱ ଦିଆଯିବ। ମୃତ୍ତିକାର ସ୍ୱାସ୍ଥ୍ୟ ରିପୋର୍ଟ ଅନୁସାରେ କେଉଁ ପ୍ରକାର ସାର ବ୍ୟବହାର କରାଯିବ, କେତେ ପରିମାଣରେ ସାର ଦିଆଯିବ, ସେ ନେଇ

**● ଜୈବିକ ଚାଷକୁ ମିଳିବ ପ୍ରୋତ୍ସାହନ**

ଚାଷୀଙ୍କୁ ପରାମର୍ଶ ଦିଆଯିବ। ଏହି ମିଶନ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ମୃତ୍ତିକା ମିଶନ୍ କାର୍ଯ୍ୟାନ୍ୱୟନରେ ଓୟୁଏଟି, କଟକସ୍ଥିତ ଏନ୍ଆରଆରଆଇ, ହାଇଦ୍ରାବାଦସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଭୋପାଳ ସ୍ଥିତ ଆଇଏସ୍ଏସ୍ କୃଷି ବିଭାଗକୁ ବୈଷୟିକ ସହାୟତା ପ୍ରଦାନ କରିବେ। ତେବେ ଆଗକୁ ମିଶନ୍ ସମ୍ପର୍କରେ ଅଧିକ ଆଲୋଚନା କରାଯିବା ପରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି।

# ବିଧାନସଭା ସଚିବଙ୍କ କାର୍ଯ୍ୟକାଳ ଆଉ ଏକ ବର୍ଷ ବୃଦ୍ଧି

**ଭୁବନେଶ୍ୱର,୩୦ ।୧(ସମିସ):** ଅବସରପ୍ରାପ୍ତ ଆଇଏଏସ୍ ତଥା ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଆଉ ଏକ ବର୍ଷ ବୃଦ୍ଧି କରିଛନ୍ତି। ଆସନ୍ତା ଫେବୃଆରୀ ୨ ତାରିଖରୁ ଶ୍ରୀ ଶତପଥୀ ଆଉ ଏକ ବର୍ଷ ପାଇଁ ଓଡ଼ିଶା ବିଧାନସଭାର ସଚିବ ଭାବେ କାର୍ଯ୍ୟ କରିବେ। ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ତିନୋଟି ନୂତନ ବର୍ଗ ସାମିଲ

**ଭୁବନେଶ୍ୱର,୩୦ ।୧(ସମିସ):** ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ସହାୟତା ପ୍ରଦାନ କରୁଛନ୍ତି। ବାସହୀନ ପରିବାରର ଶିଶୁ, ଏଚଆଇଭି ଏଡସ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ଶିଶୁ, ସମ୍ବେଦନଶୀଳ ଆଦିବାସୀ ପରିବାର, ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତିଙ୍କ ପିଲା, ଛାଡପତ୍ର ପାଇଥିବା ମହିଳା, ବିଧବା କିମ୍ବା ଭିକ୍ଷାବୃତ୍ତି କରୁଥିବା ଅବିବାହିତା ମହିଳାଙ୍କ ପିଲାମାନଙ୍କୁ ଏଥିରେ ସାମିଲ କରି ଉଚ୍ଚ ଶିକ୍ଷା ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଏହିକ୍ରମରେ ଆଉ ତିନୋଟି ନୂତନ ବର୍ଗଙ୍କୁ ସାମିଲ କରାଯାଇଛି। ଅନାଥ, ବାଲ୍ୟ ବିବାହ ସମୟରେ ଉଦ୍ଧାର ହେଉଥିବା ବାଳିକା ଏବଂ କିନ୍ନର ଶିଶୁଙ୍କୁ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ସାମିଲ କରି ପ୍ରୋତ୍ସାହନ ଯୋଗାଇବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷରୁ ଏହି ସୁବିଧା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି।

● ଆନ୍ତଃମନ୍ତ୍ରୀ ସ୍ତରୀୟ ବୈଠକ

# ୯ଟି ସଂଗଠନ ସହ ଆଲୋଚନା

**ଭୁବନେଶ୍ୱର, ୩୦ ।୧(ସମିସ):** ମଙ୍ଗଳବାର ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୯ଟି ସଂଗଠନ ସହିତ ସେମାନଙ୍କ ଦାବିକୁ ନେଇ ଆଲୋଚନା କରାଯାଇଛି। ସଂଗଠନର ସଦସ୍ୟମାନେ ସେମାନଙ୍କର ଦାବି ସମ୍ପର୍କରେ କମିଟିକୁ ଅବଗତ କରାଇଥିବା ବେଳେ ସେମାନଙ୍କ ଦାବି ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କମିଟି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅନୁସୂଚିତ ଜନଜାତି ଓ ଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଓଡ଼ିଶା ସରକାରୀ ଆଉଟସୋର୍ସି କର୍ମଚାରୀ ସଂଗଠନ, ଓଡ଼ିଶା ଅଣଗେଜେଟ୍ ଅଫିସର୍ ସମନ୍ୱୟ କମିଟି, ଓଡ଼ିଶା ସେକ୍ରେଟେରୋଏଟ୍ ଅଡିଟର୍ ସେବା ସଂଗଠନ, ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘ, ଓଡ଼ିଶା ସବ୍-ଅର୍ଡିନେଟ୍ ଫାଇନାନ୍ସ ସର୍ଭିସ ଆସୋସିଏସନ୍ ଏବଂ ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଂଗଠନ ଭଳି ୯ଟି ସଂଗଠନର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇଥିଲା।

**ଦିବ୍ୟାଙ୍ଗଙ୍କ ଭତ୍ତା ବୃଦ୍ଧି ପ୍ରସଙ୍ଗ**

# ସରକାର ପୁନର୍ବିଚାର କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୩୦ ।୧(ସମିସ):** ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ମୋଟ୍ କ୍ୟାଡର୍ ପଦବୀର ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାନଯିବା, ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ହାଇକୋର୍ଟ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଦିବ୍ୟାଙ୍ଗମାନଙ୍କୁ ଦିଆଯାଉଥିବା ମାସିକ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ସରକାର ପୁନର୍ବିଚାର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଦୃଷ୍ଟିହୀନ ସଂଘ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗମାନଙ୍କ ଭତ୍ତା ବୃଦ୍ଧି ସମ୍ପର୍କିତ ପ୍ରାର୍ଥନାକୁ ଅର୍ଥ ବିଭାଗ ଗ୍ରହଣ କରିନଥିବା ନେଇ ରାଜ୍ୟ ସରକାର ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଦିବ୍ୟାଙ୍ଗ ମାନଙ୍କୁ ଓଡ଼ିଶାରେ ଯଥେଷ୍ଟ କମ ମାସିକ ଭତ୍ତା ପ୍ରଦାନ କରାଯାଉଛି। ଏଣୁ ଏହାକୁ ବୃଦ୍ଧି କରାଯାଉ ବୋଲି ଆବେଦନକାରୀ ପ୍ରତିଜବାବରେ ଯୁକ୍ତି ଦର୍ଶାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆବେଦନକାରୀଙ୍କ ଦୁଇଟି ଦାବି ପୂରଣ ହୋଇଥିବା ବେଳେ ବାକି ଦାବି ପୂରଣ ହୋଇନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହି ମାମଲାରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସତ୍ୟପାଠ ଦଖଲ କରାଯାଇଥିଲା। ଦିବ୍ୟାଙ୍ଗଙ୍କୁ ସରକାରୀ ପଦପଦବୀରେ ସିଧାସଳଖ ନିଯୁକ୍ତି କ୍ଷେତ୍ରରେ ୨୦୧୬ର ଦିବ୍ୟାଙ୍ଗଙ୍କ ଅଧିକାର ଆଇନ ଅନୁସାରେ ୪ ପ୍ରତିଶତ ସଂରକ୍ଷଣ ସୁବିଧା ଦିଆଯାଉଛି। ଏଥି ନିମନ୍ତେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଗତ ୨୦୨୧ଫେବୃଆରୀ୨୫ରୁ ପ୍ରସ୍ତାବ ଗୃହୀତ ସହ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପଟରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ବିଚାରାଧୀନ ରହିଥିବା ନେଇ ସତ୍ୟପାଠରେ ଉଲ୍ଲେଖ ରହିଥିଲା। ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାୟୀ ସ୍ୱତନ୍ତ୍ର କମିସନର ଗତ ୨୦୨୩ ଅକ୍ଟୋବର ୪ରୁ ନିଯୁକ୍ତ ହୋଇଛନ୍ତି ଓ ୨୦୨୩ ସେପ୍ଟେମ୍ବର ୨୯ରୁ ଉପଦେଷ୍ଟା ପରିଷଦ ଗଠନ ହୋଇସାରିଥିବା ମଧ୍ୟ କୁହାଯାଇଥିଲା।

ପ୍ରକାଶ ଥାଉକି ୨୦୧୬ର ଦିବ୍ୟାଙ୍ଗଙ୍କ ଅଧିକାର ଆଇନ(ଆରପିଡବ୍ଲୁଡି ଆକ୍ଟ) ଅନୁସାରେ ଦିବ୍ୟାଙ୍ଗଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉ ବୋଲି ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

# ବାନା ବିକ୍ରିକୁ ନେଇ ସେବାୟତ ମାରପିଟ୍

**ପୁରୀ,୩୦ ।୧(ସମିସ):** ବାନା ବିକ୍ରିକୁ କେନ୍ଦ୍ର କରି ଶ୍ରୀମନ୍ଦିରରେ ସେବାୟତଙ୍କ ମଧ୍ୟରେ ହୋଇଛି ମାରପିଟ୍। ନାଟମଣ୍ଡପ ନିକଟରେ ମୁଥ ମରାମରି ଯୋଗୁଁ ଉଭୟ ପକ୍ଷର ଦୁଇଜଣ ସେବାୟତ ଆହତ ହୋଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ସିଂହଦ୍ୱାର ଥାନାରେ ଦୁଇଟି ମାମଲା ରୁଜୁ କରାଯାଇ ପ୍ରତିପକ୍ଷଙ୍କୁ ନୋଟିସ୍ ଦିଆଯାଇ ଛଡାଯାଇଛି। ସେବାୟତଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ପ୍ରଭାବ ଠାକୁରଙ୍କ ନୀତିକାନ୍ତିରେ ଉପରେ ପଡ଼ିଛି। ବିଳମ୍ବରେ ନୀଳଚକ୍ରରେ ବାନା ପରିବର୍ତ୍ତନ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ନୀଳଚକ୍ରରେ ବନ୍ଧା ଯାଉଥିବା ଧ୍ୱଜା ବା ବାନା ନେବା ପାଇଁ ଶ୍ରଦ୍ଧାଳୁଙ୍କର ବିଶେଷ ରୁଚି ରହିଥାଏ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ଏହି ବାନା ବିକ୍ରି ହେଉଥିବା ବେଳେ ଚୁନରା ସେବାୟତମାନେ ମଧ୍ୟ ବାଟ ଅଗଣାରେ ବାନା ଭକ୍ତଙ୍କୁ ବିକ୍ରି କରିଥାନ୍ତି। ମଙ୍ଗଳବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ନାଟମଣ୍ଡପରେ ସେବାୟତ ସୋମନାଥ ମେକାପ ଜଣେ ଶ୍ରଦ୍ଧାଳୁଙ୍କୁ ଓଲାଗି ବାନା ବିକ୍ରି କରୁଥିବା ଅଭିଯୋଗ କରିଥିଲେ ଚୁନରା ସେବାୟତ। ଚୁନରା ସେବାୟତ ଶାରଦା ଯାଇ ତାଙ୍କୁ ପଚାରିବା ସହ ବାନା ବିକ୍ରି କରିପାରିବ ନାହିଁ ବୋଲି କହିଥିଲେ। ଓଲାଗି ବାନା ବିକ୍ରି ପ୍ରାପ୍ୟ ହେଉଛି ଚୁନରା ସେବାୟତଙ୍କର। ତେଣୁ ଏହାକୁ ନେଇ ଦୁଇଜଣଙ୍କ

**ବିଳମ୍ବରେ ହେଲା ବାନା ପରିବର୍ତ୍ତନ**

ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରବର୍ତ୍ତୀ ସମୟରେ ହାତାହାତି ହୋଇଥିଲେ ଦୁହେଁ। ପରସ୍ପର ମୁଥ ମରାମରି ହୋଇଥିଲେ। ଏଥିରେ ଉଭୟେ କ୍ଷତାକ୍ତ ହୋଇଥିଲେ। ଏହାପରେ ଉଭୟ ନିଯୋଗ ସେବାୟତ ପହଞ୍ଚି ଯିବାରୁ ଏହା ବଡ଼ ରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀ ସିଂହଦ୍ୱାର ଥାନାକୁ ଆସି ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଚୁନରା ସେବୟତଙ୍କ କହିବା କଥା ହେଲା, ସେମାନେ ପ୍ରତିଦିନ ଶ୍ରୀମନ୍ଦିର ଚୂଡ଼ାକୁ ଚଢ଼ି ନୀଳଚକ୍ରରେ ବାନା ପରିବର୍ତ୍ତନ କରିଥାନ୍ତି। ଓଲାଗି ବାନା ପ୍ରାପ୍ୟ ହେଉଛି କେବଳ ତାଙ୍କର। ସେମାନେ ଏହାକୁ ଭକ୍ତଙ୍କୁ ବିକ୍ରି କରିଥାନ୍ତି। କିନ୍ତୁ ଅନ୍ୟମାନେ କାହିଁକି ବିକ୍ରି କରୁଛନ୍ତି ବୋଲି କହିଥିଲେ। ଅନ୍ୟପକ୍ଷରେ ମେକାପ ସେବାୟତଙ୍କ ପକ୍ଷରୁ ବାନା ବିକ୍ରି ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇନାହିଁ।

ଏ ସମ୍ପର୍କରେ ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶଙ୍କୁ ପଚାରିବାରେ ବାନା ବିକ୍ରିକୁ କେନ୍ଦ୍ର କରି ମେକାପ ସେବାୟତ ସୋମନାଥ ମେକାପ ଓ ଚୁନରା ସେବାୟତ ସାରଦା ପ୍ରସାଦ ମହାନ୍ତି ମାଡ଼ ମରାମରି ହୋଇଥିଲେ। ଉଭୟ ପକ୍ଷ ଥାନାରେ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି। ଉଭୟଙ୍କୁ ନୋଟିସ୍ ଦେଇ ଛଡାଯାଇଛି। ଅପରପକ୍ଷେ ଏହି ଘଟଣା ପରେ ଚୁନରା ସେବାୟତ ବାନା ପରିବର୍ତ୍ତନ କରି ନ ଥିଲେ। ବୁଝାଶୁଝା କରାଯିବା ପରେ ସନ୍ଧ୍ୟାରେ ବାନା ପରିବର୍ତ୍ତନ ହୋଇଥିଲା ବୋଲି କହିଛନ୍ତି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି।

**ଓଇଆରସିରେ ଶୁଣାଣି ଆରମ୍ଭ**

# ପ୍ରଥମ ଦିନରେ ଓଏଚପିସି ଏବଂ ଓପିଜିସିର ଆବେଦନ ଶୁଣାଣି

**ଭୁବନେଶ୍ୱର,୩୦ ।୧(ସମିସ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ସମ୍ପର୍କିତ ଜନଶୁଣାଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍ ପାଇଁ ବିଦ୍ୟୁତ ଉତ୍ପାଦକ ଓ ବିତରକ କମ୍ପାନୀମାନେ ଆବେଦନ କରିଥିବା ବେଳେ ଆସନ୍ତା ମାର୍ଚ୍ଚ ମାସ ୨୩ ତାରିଖରେ ଆୟୋଗ ନିର୍ଦ୍ଦେଶନାମା ଜାରି କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି। ଆଜି ପ୍ରଥମ ଦିନରେ ଓଏଚ୍‌ପିସି ଏବଂ ଓପିଜିସିର ଆବେଦନ ଉପରେ ଶୁଣାଣି ହୋଇଛି। ଶୁଣାଣି ବେଳେ ଓଏଚ୍‌ପିସିର ଆବେଦନ ବିରୋଧରେ ୩ଜଣ ନିଜର ଆପତ୍ତି କମିଶନଙ୍କ ନିକଟରେ ଦାଖଲ କରିଥିବା ବେଳେ ଓପିଜିସିର ଆବେଦନ ବିରୋଧରେ ୪ ଜଣ ଆପତ୍ତି ଦାଖଲ କରିଛନ୍ତି। ଉଭୟ ଭିଡିଓ କନଫରେନ୍ସିଂ ଏବଂ ହାଇବ୍ରିଡ୍ ମୋଡ୍‌ରେ ଏହି ଶୁଣାଣି ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ୩୧ ତାରିଖରେ ଗ୍ରୀଡ୍‌କୋର ଆବେଦନ ଉପରେ କମିଶନ ଶୁଣାଣି କରିବେ ବୋଲି ଜଣାପଡ଼ିଛି।

ଓଏଚପିସି ପକ୍ଷରୁ ଓଇଆରସିଙ୍କ ନିକଟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍(ଶୁଳ୍କସୂଚୀ) ସମ୍ପର୍କରେ ଆବେଦନ କରାଯାଇଥିଲା। ଆବେଦନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଓଏଚପିସି ନିଜର ମାଛକୁଣ୍ଡ ଉତ୍ପାଦନ କେନ୍ଦ୍ର ବ୍ୟତୀତ ଅନ୍ୟ ସମସ୍ତ ଉତ୍ପାଦନ କେନ୍ଦ୍ରରୁ ମୋଟ ୫୬୦୨.୬୦ ମିଲିୟନ ୟୁନିଟ ବିଦ୍ୟୁତ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ଓଏଚପିସିକୁ ଚଳିତ ବର୍ଷ ୫୫୯.୫୭୧ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକତା ଥିବା ବେଳେ ୟୁନିଟ ପିଛା ୯୯.୮୮ ପଇସା ପଡ଼ିବ ବୋଲି ଅଟକଳ କରାଯାଇଛି। ସେହିପରି ଓଏଚପିସିସ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହ ଏକ ସଂଶୋଧିତ ରାଜିନାମା ସ୍ୱାକ୍ଷର କରିଥିବା ବେଳେ ରାଜିନାମା ଅନୁଯାୟୀ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଓଡ଼ିଶାକୁ ୫୦ ପ୍ରତିଶତ ବିଜୁଳି ମିଳିବ। ସମାନ ଭାବେ ଓପିଜିସି ପକ୍ଷରୁ ହୋଇଥିବା ଆବେଦନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୩୧୦.୨୫ କୋଟି ଟଙ୍କାର ବାର୍ଷିକ ଫିକ୍ସଡ୍ ଚାର୍ଜ(ସ୍ଥାୟୀ ଦେୟ) ଆବଶ୍ୟକତା ଥିବା ନେଇ ଦର୍ଶାଇଛି। ସେହିପରି ଗ୍ରୀଡକୋକୁ ୟୁନିଟ ପିଛା ୧୭୦.୮୦ ପଇସାରେ ବିଦ୍ୟୁତ୍ ବିକ୍ରି କରିବାକୁ ମଧ୍ୟ ଆବେଦନରେ ଦର୍ଶାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ ● ପାଉଣ୍ଡ ୧୦୫.୮୬
- ୟୁରୋ ୯୦.୮୯ ● ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୮୦୦ (ନୂଆଦିଲ୍ଲୀ)
- ରୁପା : ୭୬,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୧୩୯.୦୦
- ନିଫ୍ଟି ୨୧,୫୨୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ବଜେଟ୍ ୨୦୨୪ ଖାଦ୍ୟ, ଚାକିରି ଏବଂ ବାସଗୃହ ଉପରେ ଫୋକସ୍

ନୂଆଦିଲ୍ଲୀ,୩୦।୧(ଏଜେନ୍ସି):

ଅନ୍ତରୀଣ ବଜେଟ ଆଗତକୁ ଆଉ ଦୁଇ ଦିନ ବାକି। ନିର୍ବାଚନର ବର୍ଷ ହୋଇଥିବାରୁ ବଜେଟରେ ସାଧାରଣ ଲୋକଙ୍କୁ ଖୁସି କରିବା ଉପରେ କେନ୍ଦ୍ର ସରକାରଙ୍କ ଧ୍ୟାନ ରହିବ। ଏଭଳି ପରିସ୍ଥିତିରେ ଚଳିତଥର ବେଜଟରେ ଖାଦ୍ୟ, ବାସଗୃହ, ଚାକିରୀ ଏବଂ କୃଷକ ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ। ଜନସାଧାରଣ ମଧ୍ୟ ଆଶା କରୁଛନ୍ତି ଯେ ଅନ୍ତରୀଣ ବଜେଟରେ ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ ମୁଦ୍ରାସ୍ଫୀତିରେ ବୃଦ୍ଧି ନ ହେବା ପାଇଁ ସରକାର ପଦକ୍ଷେପ ହୋଇପାରେ। ବଜେଟରେ ଏହି ପ୍ରସଙ୍ଗରେ ସରକାରଙ୍କ ଆଡୁ ବଡ ଘୋଷଣା କରାଯିବାର ସମ୍ଭାବନା ରହିଛି। ଦେଶରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ ନିଯୁକ୍ତି ପାଇଁ ଯୋଗ୍ୟ ହେଉଥିବାରୁ ଏଭଳି ପରିସ୍ଥିତିରେ ସରକାରଙ୍କୁ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ କିଛି ବଡ ଯୋଜନା ଘୋଷଣା କରିବାକୁ ପଡିପାରେ। ସେମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ବଜେଟରେ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ।

ଅର୍ଥନୀତିଜ୍ଞଙ୍କ କହିବାନୁଯାୟୀ, ଫେବୃଆରୀ ପହିଲାରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା ହେବାର ଆଶା କରାଯାଉଛି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି କିମ୍ବା ପିଏମ-କିସାନ ଅଧୀନରେ ହସ୍ତାନ୍ତର କରାଯାଇଥିବା ଅର୍ଥ ରାଶିର ପରିମାଣ ବର୍ତ୍ତମାନର ବାର୍ଷିକ ୬୦୦୦ ଟଙ୍କାରୁ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି କରି ବାର୍ଷିକ ୯୦୦୦ ଟଙ୍କାକୁ କରାଯାଇପାରେ। ଅପରପକ୍ଷେ କରୋନା ମହାମାରୀ ପରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ବିଶେଷକରି ଡାଲି ଏବଂ ଖାଇବା ତେଲ ଦର ବୃଦ୍ଧି ପାଇଛି। ଏଲପିଜି ସିଲିଣ୍ଡରର ମୂଲ୍ୟ ଦୀର୍ଘଦିନ ହେବ ୧୦୦୦ ଟଙ୍କା ଉପରେ ରହିବା ପରେ ଏବେ ହଜାରେ ଟଙ୍କା ପାଖାପାଖି ରହିଛି। ଯଦିବା ଅଢ଼େଇ ମାସ ପୂର୍ବରୁ ସରକାର ଏଲପିଜି ସିଲିଣ୍ଡର ଦର ହ୍ରାସ କରିଥିଲେ, କିନ୍ତୁ ଏହି ହ୍ରାସ ଯଥେଷ୍ଟ ନୁହେଁ। ଏହାକୁ ଆହୁରି ହ୍ରାସ କରିବାର ଆବଶ୍ୟକତା ରହିଛି। ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ବନ୍ଦ କରିବାକୁ ସରକାର ଚେଷ୍ଟା କରିବା ଉଚିତ୍।



ଏହା ସାଧାରଣ ଲୋକଙ୍କୁ ବିଶେଷ କରି ସ୍ୱଳ୍ପ ଆୟ ବର୍ଗର ଲୋକଙ୍କୁ ଆଶ୍ୱସ୍ତି ଦେବ। ସାଧାରଣ ଲୋକଙ୍କର ଅଧିକାଂଶ ଆୟ ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ ହୋଇଥାଏ। ତେଣୁ, ଏହି ଜିନିଷଗୁଡ଼ିକର ମୂଲ୍ୟ ବୃଦ୍ଧି ନ ହେବା ପାଇଁ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ବଜେଟରେ ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ପଦକ୍ଷେପ ନେଇପାରନ୍ତି ବୋଲି ଆଶା କରାଯାଉଛି।

ଅପରପକ୍ଷେ ଦେଶରେ ବଢ଼ି ଚାଲିଥିବା ବେକାରି ହାରରୁ କମ୍ କରିବା ଲାଗି ସରକାରଙ୍କୁ ବଜେଟରେ ରୋଜଗାରର ସୁଯୋଗ ବୃଦ୍ଧି କରିବା ପାଇଁ ବଡ ପଦକ୍ଷେପ ନେବାକୁ ପଡ଼ିବ। କେନ୍ଦ୍ର ବଜେଟ୍ ଏଥିପାଇଁ ଏକ ବଡ଼ ସୁଯୋଗ ହୋଇପାରେ। ବିଶେଷଜ୍ଞମାନଙ୍କ ମତରେ ସରକାର ବିନିର୍ମାଣ ବା ମାନୁଫାକ୍‌ଚରିଂ ଉପରେ ଧ୍ୟାନ ବଢ଼ାଇବା ଉଚିତ। ଦଘରୋଇ କ୍ଷେତ୍ରରେ ରୋଜଗାରର ସୁଯୋଗ ବୃଦ୍ଧିରେ ଏହା ସାହାଯ୍ୟ କରିବ। ରୋଜଗାରର ସୁଯୋଗ ବଢ଼ାଇବାକୁ, ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନାର ପରିସର ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏହି ଯୋଜନା ଅଧୀନରେ ଅର୍ଥନୀତିର ସେହି କ୍ଷେତ୍ରଗୁଡିକୁ ଆଣିବାର ଆବଶ୍ୟକତା ଅଛି ଯାହା ଅଧିକ ଶ୍ରମ ବ୍ୟବହାର କରେ।

## ଫାସ୍‌ଟ୍ୟାଗ୍ କେୱାଇସି ଅପଡେଟ୍‌ର ଶେଷ ସମୟସୀମା ଆଜି

**ନୂଆଦିଲ୍ଲୀ,୩୦।୧(ଏଜେନ୍ସି):** ଏକ୍ସପ୍ରେସୱେ-ଜାତୀୟ ରାଜପଥରେ ଯାତ୍ରା କରୁଥିବା ଲୋକଙ୍କୁ ୩୧ ଜାନୁଆରୀ ରାତି ୧୨ଟା ସୁଦ୍ଧା ସେମାନଙ୍କ ଫାସ୍‌ଟ୍ୟାଗ୍ର କେୱାଇସିକୁ ଅପଡେଟ୍ କରିବାକୁ ପଡିବ। ଫାସ୍‌ଟ୍ୟାଗ୍ ଅପଡେଟ୍ କରିବାର ଅନ୍‌ଲାଇନ୍‌ରେ ଆପ୍ ମାଧ୍ୟମରେ କରିହେବ। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସ୍ପଷ୍ଟ କରିଛି ଯେ, ବର୍ତ୍ତମାନ ଗୋଟିଏ ଗାଡିରେ କେବଳ ଗୋଟିଏ ଫାସ୍‌ଟ୍ୟାଗ୍ ବ୍ୟବହାର କରାଯିବ, ଯାହାକୁ ଅପଡେଟ୍ କରିବାକୁ ପଡିବ। କେୱାଇସି ଅପଡେଟ୍ କରି ନ ଥିବା ଲୋକଙ୍କ ଫାସ୍‌ଟ୍ୟାଗ୍ ଫେବୃଆରୀ ପହିଲାରୁ କଳା ତାଲିକାଭୁକ୍ତ ହେବ। ଅବଶ୍ୟ ଏହା ପରେ ଲୋକମାନେ ଅପଡେଟ୍ କରିପାରିବେ, କିନ୍ତୁ ଫେବୃଆରୀ ପହିଲାରୁ ଟୋଲ୍ ପ୍ଲାଜା ଦେଇ ଗାଡ଼ି ସେବେ ଯାଇପାରିବ, ଯେବେ ଫାସ୍‌ଟ୍ୟାଗ୍ କେୱାଇସି ଅପଡେଟ ହେବ। ଏନ୍‌ଏଚ୍‌ଏଆଇର ଏହି ନିଷ୍ପତ୍ତି ପରେ, ଅନେକ ଲୋକ ଦ୍ୱନ୍ଦ୍ୱରେ ପଡିଛନ୍ତି କାରଣ କିଛି ଲୋକ ମୋବାଇଲ୍ ନମ୍ବରରେ ଫାସ୍‌ଟ୍ୟାଗ୍ ଜାରି କରିଛନ୍ତି। ବିଶେଷକରି ଏକ ନୂଆ ଯାନ କିଣିବାବେଳେ ତାହାର କୌଣସି ନମ୍ବର ନ ଥାଏ। ଏପରି ପରିସ୍ଥିତିରେ, ଫାସ୍‌ଟ୍ୟାଗ୍ ସେବା ପ୍ରଦାନକାରୀ କମ୍ପାନୀଗୁଡିକ ମୋବାଇଲ୍ ନମ୍ବରରେ ଯାନର ବର୍ଗ ଅନୁଯାୟୀ ଫାସ୍‌ଟ୍ୟାଗ୍ ପ୍ରଦାନ କରିଥାନ୍ତି। ଏହାର ଅର୍ଥ ହେଉଛି, ଯଦି ଜଣେ ଗ୍ରାହକ କାର୍ ନେଉଛନ୍ତି, ତେବେ ସେ ଏକ ଚାରିଚକିଆ ଯାନ ପାଇଛନ୍ତି ଏବଂ ଯଦି କେହି ୧୦ ଟାୟାର୍ ଟ୍ରକ୍ ନେଉଛନ୍ତି, ତେବେ ତାଙ୍କୁ ବାଣିଜ୍ୟିକ ବର୍ଗରେ ଫାସ୍‌ଟ୍ୟାଗ୍ ପ୍ରଦାନ କରାଯାଇଛି। ଏନଏଚଏଆଇର ଅଧିକାରୀମାନେ କହିଛନ୍ତି ଯେ ନିୟମ ଅନୁଯାୟୀ, ଫାସ୍‌ଟ୍ୟାଗ୍ ନେଉଥିବା ବ୍ୟକ୍ତିଙ୍କ କେୱାଇସି କୁ ଅପଡେଟ କରାଯିବା ଉଚିତ୍। ଏପରି ପରିସ୍ଥିତିରେ କାରଟି ସେହି ବ୍ୟକ୍ତିଙ୍କ ନାମରେ ରହିବା ଉଚିତ୍।




## ଆକ୍ସିସ ବ୍ୟାଙ୍କ ଗ୍ରାମୀଣ ସମ୍ପ୍ରଦାୟର ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର, ୩୦।୧(ସମିସ):** ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ଭାରତ ବ୍ୟାଙ୍କିଙ୍ଗ ବ୍ୟବସାୟ ମାଧ୍ୟମରେ ଓଡ଼ିଶାର ଗ୍ରାମୀଣ ଓ ଅର୍ଦ୍ଧ-ସହରାଞ୍ଚଳ (ରୁସୁ) ଅଞ୍ଚଳରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ସମଗ୍ର ଓଡ଼ିଶାରେ ବ୍ୟାଙ୍କର ୨୧୦ଟି ଶାଖା ରହିଛି ଯାହାର ପ୍ରାୟ ୭୦% ଶାଖା ରୁସୁ ଅଞ୍ଚଳରେ ଅବସ୍ଥିତ। ଏହାବ୍ୟତୀତ ରାଜ୍ୟର ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କିଙ୍ଗ ସେବା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କ ୩୦୦୦ରୁ ଅଧିକ ଜନ ସେବା କେନ୍ଦ୍ର (ସିଏସସି)–ଗ୍ରାମ୍ୟ ସ୍ତରୀୟ ଉଦ୍ୟୋଗୀ (ଭିଏଲଇ)ଙ୍କୁ ନିୟୋଜିତ କରିଛି। ଓଡ଼ିଶାରେ ବ୍ୟାଙ୍କର ସିଏସସି ବିତରଣ ଚଳିତ ବର୍ଷ ୩ ଗୁଣରୁ ଅଧିକ ହାରରେ ବୃଦ୍ଧି ପାଉଛି ଯାହା ଏହାର ସାମଗ୍ରିକ ସିଏସସି ବ୍ୟବସାୟର ସର୍ବଭାରତୀୟ ଅଭିବୃଦ୍ଧି ତୁଳନାରେ ଅଧିକ। ଗତ ୯ ମାସ ମଧ୍ୟରେ ଏହାର ସୁନା ଋଣ (ଗୋଲ୍ଡ ଲୋନ୍ ବୁକ୍) ମଧ୍ୟ ୩୫%ରୁ ଅଧିକ ବୃଦ୍ଧି ଘଟିଛି। ଭାରତ ବ୍ୟାଙ୍କିଂ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସାରା ରାଜ୍ୟରେ ଉଭୟ ଖୁଚୁରା ଓ ସଂସ୍ଥାଗତ ଉତ୍ପାଦରେ ଅଭିବୃଦ୍ଧି ହାର ସୁଦୃଢ଼ ରହିଥିବା ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍ଜିକ୍ୟୁଟିଭ୍ ତଥା ଭାରତ ବ୍ୟାଙ୍କିଙ୍ଗ୍ ମୁଖ୍ୟ ମୁନିସ ଶାରଦା କହିଛନ୍ତି। ଆକ୍ସିସ୍ ବ୍ୟାଙ୍କ ବିଭିନ୍ନ ଉତ୍ପାଦ ଓ ସେବା ମାଧ୍ୟମରେ ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

## ଏମ୍‌କେ ଆଗ୍ରୋଟେକ୍ ଓ ଏମ୍-୧୧ ଇଣ୍ଡଷ୍ଟ୍ରିଜ୍ ଆରମ୍ଭ କଲା ଅଏଲ୍ ପାମ୍ ପ୍ଲାଣ୍ଟେସନ

### ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ପରେ ୨ ଜିଲ୍ଲାରେ କାର୍ଯ୍ୟାରମ୍ଭ

**ଭୁବନେଶ୍ୱର,୩୦।୧(ସମିସ):** କର୍ଣ୍ଣାଟକ-ସ୍ଥିତ ଏମ୍କେ ଆଗ୍ରୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଏମ୍-୧୧ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଓଡ଼ିଶାରେ ଏହାର ଅଏଲ୍ ପାମ୍ ପ୍ଲାଣ୍ଟେସନ ଆରମ୍ଭ କରାଯାଇଛି। ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ପରେ ନୂଆପଡା ଓ ବଲାଙ୍ଗୀର ଜିଲ୍ଲାରେ ୨୦୨୯-୩୦ ସୁଦ୍ଧା ପ୍ରାରମ୍ଭିକ ପର୍ଯ୍ୟାୟରେ ଘଂଟା ପିଛା ୧୦ ମେଟ୍ରିକ ଟନ୍ (ଟିପିଏଚ୍)ର ଏଫ୍‌ଏଫ୍‌ବି ପ୍ରୋସେସିଂ କ୍ଷମତା ସହିତ ରାଜ୍ୟରେ ଏକ ପାମ୍ ଅଏଲ୍ ମିଲ୍ ଆରମ୍ଭ କରିବା ପାଇଁ ଯୋଜନା ରହିଛି। ଏମ୍-୧୧ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ର ଟିମ୍ ସକ୍ରିୟ ଭାବେ ଏହି ୨ ଜିଲ୍ଲାରେ ଅଏଲ୍ ପାମ୍ ପ୍ଲାଣ୍ଟେସନ ପାଇଁ ଇଚ୍ଛୁକ କୃଷକମାନଙ୍କୁ ଚିହ୍ନଟ କରିବା ଜାରି ରଖିଛି।

ଓଡିଶାରେ ଅଏଲ୍ ପାମ୍ ପ୍ଲାଂଟେଶନ କ୍ଷେତ୍ରରେ ପ୍ରବେଶ କରିବା ପାଇଁ କମ୍ପାନୀର ନିଷ୍ପତ୍ତି ସମ୍ପର୍କରେ ବ୍ୟାଖ୍ୟା କରି ଏମ୍କେ ଆଗ୍ରୋଟେକ୍ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ମନ୍ନନ ଖାନ୍ କହିଛନ୍ତି, ପଶ୍ଚିମ ଆଫ୍ରିକାରୁ ଆସିଥିବା ଅଏଲ୍ ପାମ୍ ଭାରତରେ ଏକ ନୂତନ ଫସଲ। ପ୍ରତିବର୍ଷ ପ୍ରାୟ ୯ ମିଲିୟନ ଟନ୍ କିମ୍ବା ତାହାଠାରୁ ଅଧିକ ପରିମାଣର ପାମ୍ ଅଏଲ୍ ଆମଦାନୀ କରାଯାଉଛି। ବିଗତ ଦଶନ୍ଧିଗୁଡିକରେ ଭାରତ ସରକାର ଖାଇବା ତେଲର ଘରୋଇ ଉତ୍ପାଦନକୁ ବୃଦ୍ଧି କରିବା ଏବଂ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରକୁ ହ୍ରାସ କରିବା ପାଇଁ ଦେଶର ବିଭିନ୍ନ ରାଜ୍ୟରେ ପାମ୍ ଅଏଲ୍ ଚାଷ ଅଧିନରେ ଏହି କ୍ଷେତ୍ରକୁ ବିସ୍ତାର କରାଯାଉଛି।

## ଓଡ଼ିଶାରେ ପହଁଞ୍ଚିଲା ଗୋଦାବରୀ ଇଲେକ୍ଟ୍ରିକ ମୋଟର ରୋଡ ସୋ'

**ଭୁବନେଶ୍ୱର, ୩୦।୧(ସମିସ):** ଇଲେକ୍ଟ୍ରିକ ଦୁଇ ଓ ତିନିଚିକିଆ ଯାନର ନିର୍ମାତା ଗୋଦାବରୀ ଇଲେକ୍ଟ୍ରିକ ମୋଟର୍ସ ଏହାର ସର୍ବଭାରତୀୟ ରୋଡ ଶୋ' କରିବାକୁ ଘୋଷଣା କରିଛି, ଯାହା ଓଡ଼ିଶାର ଡିଲରମାନଙ୍କ ଦ୍ୱାରା ଆୟୋଜିତ ହେବ। ଏହି ରୋଡ ଶୋ' ଶୁଭ୍ରଶ୍ରୀ ଏଣ୍ଟର ପ୍ରାଇଜେସ ଭୁବନେଶ୍ୱର ଓ ବାଲୁଗାଁର ଉତ୍କର୍ଷ ମୋଟର୍ସ ଦ୍ୱାରା ଆୟୋଜିତ ହେବ। ଶୁଭ୍ରଶ୍ରୀ ଏଣ୍ଟର ପ୍ରାଇଜେସର ରବି ଟକିଜ୍ ଛକଠାରେ ୩୧ ଜାନୁଆରୀରୁ ୨ ଫେବୃଆରୀ ପର୍ଯ୍ୟନ୍ତ ଓ ଉତ୍କର୍ଷ ମୋଟର୍ସ ବାଲୁଗାଁ ବାଣପୁର ରୋଡ, ଅଲାଇଡିହ ଛକରେ ୩ ଫେବୃଆରୀରୁ ୪ ଫେବୃଆରୀ ଯାଏ ଶୋ' ଆୟୋଜିତ ହେବ। ଗୋଦାବରୀ ଇଲେକ୍ଟ୍ରିକ ମୋଟର୍ସର ଏହି ରୋଡ ଶୋ'ର ବୈଶିଷ୍ଟ୍ୟ ହେଉଛି ଅତ୍ୟାଧୁନିକ ଉତ୍ପାଦକୁ ଗ୍ରାହକଙ୍କୁ ପରିଚିତ କରାଇବା। ଏହାର ଏବଲୁ ରୋଜି, ଏବଲୁ ରେଇନୋ, ଏବଲୁ ଫିଓ ଓ ଏବଲୁ ସ୍ପିନ ଏବଂ ଏବଲୁ ଥ୍ରିଲ ଗୁଡ଼ିକ ଅତ୍ୟାଧୁନିକ ବୈଷୟିକଯୁକ୍ତ ପରିବେଶ ଉପଯୋଗୀ ଯାନ। ଗୋଦାବରୀ ଇଲେକ୍ଟ୍ରିକ ମୋଟର୍ସର ସିଇଓ ହାଇଦର ଖାନ ଏହି ରୋଡ ଶୋ' ସମ୍ପର୍କରେ କହିଛନ୍ତି ଯେ ସର୍ବଭାରତୀୟ ରୋଡ ଶୋ' ହେଉଛି ସୁଲଭ ତଥା ପରିବେଶ ଉପଯୋଗୀ ବୈଦ୍ୟୁତିକ ଗତିଶୀଳତାକୁ ଆଗକୁ ନେବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ।

### ଜୟଆଲୁକ୍କାସ୍‌ର ବଡ଼ ରିଆତି

## ସବୁ ଶୋ'ରୁମ୍‌ରେ ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୫୦% ରିଆତି!

**ଭୁବନେଶ୍ୱର,୩୦।୧(ସମିସ):** ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ସାରା ଭାରତର ଅଳଙ୍କାର ପ୍ରେମୀଙ୍କ ପାଇଁ ଏକ ଆକର୍ଷଣୀୟ ଅଫର୍ ଆଣିଛି। ଜୟଆଲୁକ୍କାସ୍‌ର ସବୁ ଗହଣା ଉପରେ ଫ୍ଲାଟ୍ ୫୦% ରିହାତି ଦେବାକୁ ଘୋଷଣା କରାଯାଇଛି। ଏହି ଅଫର କେବଳ ସୀମିତ ସମୟ ପାଇଁ ଉପଲବ୍ଧ। କ୍ରୟ ଅନୁଭୂତି ପ୍ରଦାନ କରିବା ଲାଗି ସଂକଳ୍ପବଦ୍ଧ। ଆମ ପୃଷ୍ଠପୋଷକମାନେ ନିଜର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ଲାଗି ଗହଣାର ଚମତ୍କାର ଓ ବ୍ୟାପକ ବିକଳ୍ପ ମଧ୍ୟରୁ ବାଛିବାର ସୁଯୋଗ ପାଇପାରିବେ। ଆମର ସବୁ ଶୋ'ରୁମରେ ସମସ୍ତ ଗହଣା ସଂଗ୍ରହର ଗଢ଼ା ମଜୁରୀ




ସୁନା, ହୀରା, ମୂଲ୍ୟବାନ ପଥର ଓ ରୁପା ଅଳଙ୍କାର ସମେତ ଗହଣାର ବ୍ୟାପକ ସମ୍ଭାର ଉପରେ ଏହି ସ୍ୱତନ୍ତ୍ର ରିହାତି ଦିଆଯିବା ଲକ୍ଷାଧିକ ଡିଜାଇନ ବିକଳ୍ପ ସହିତ ଜୟଆଲୁକ୍କାସ୍ ଉଭୟ ପାରମ୍ପରିକ ଓ ସମସାମୟିକ ଗ୍ରାହକଙ୍କ ଚାହିଦା ପୂରଣ କରିଥାଏ। ଅଫର୍ ସମ୍ପର୍କରେ ସୂଚନା ଦେଇ ଜୟଆଲୁକ୍କାସ୍ ଗ୍ରୁପ୍ର ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଏକ ଅତୁଳନୀୟ ଗହଣା ଉପରେ ୫୦% ରିଆତି ରହିଛି। ୨୫ ଜାନୁଆରୀଠାରୁ ୧୮ ଫେବୃଆରୀ ୨୦୨୪ ପର୍ଯ୍ୟନ୍ତ ବୈଧ ଏହି ସୀମିତ ସମୟର ଅଫର୍ ଭାରତର ସବୁ ଜୟଆଲୁକ୍କାସ୍ ଶୋ'ରୁମରେ ଲାଗୁ ଗ୍ରାହକ ଅତିରିକ୍ତ ଲାଭ ମଧ୍ୟ ପାଇପାରିବେ, ଯେଉଁଥିରେ ମାଗଣା ଆଜୀବନ ରକ୍ଷଣାବେକ୍ଷଣ, ଏକ-ବର୍ଷର ମାଗଣା ବୀମା ଏବଂ ପ୍ରତ୍ୟେକ କ୍ରୟ ସହିତ ବାଏବ୍ୟାକ୍ ଆଶ୍ୱାସନା ସାମିଲ ରହିଛି।

## ଇଫ୍‌କୋରେ ଫୁଲ ସ୍କେଲ୍ ଅନ୍-ସାଇଟ୍ ମକ୍ ଡ୍ରିଲ

**ପାରାଦୀପ, ୩୦।୧ (ସମିସ):** ରସାୟନିକ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଇଫ୍‌କୋ ପାରାଦୀପ ୟୁନିଟ୍ ପକ୍ଷରୁ ଫୁଲ ସ୍କେଲ ଅନ୍-ସାଇଟ୍ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ତୈଳ ଆମୋନିଆ ପରିବହନ ହେଉଥିବା ପାଇପ୍ ଲାଇନ୍ରେ ଆମୋନିଆ ନିର୍ଗତ ହେବା ପରେ ଏହାକୁ କିପରି ଭାବେ ନିର୍ବାପିତ କରାଯାଇ ପାରିବ ସେ ନେଇ ମକ୍ ଡ୍ରିଲ୍ ହୋଇଥିଲା। କାରଖାନା ମଧ୍ୟରେ ଥିବା ତୈଳ ଆମୋନିଆ ପରିବହନ ହେଉଥିବା ପାଇପ୍ ଲାଇନ୍ରେ ଆମୋନିଆ ନିର୍ଗତ ହେବାର ନମୁନା ପ୍ରଦର୍ଶିତ କରାଯାଇଥିଲା। ଆମୋନିଆ ନିର୍ଗତ ହେଉଥିବା ଖବର ପାଇ ଯଥାଶୀଘ୍ର ମରାମତି ପାଇଁ କାରଖାନାର ମରାମତି ବିଭାଗ ମୁଖ୍ୟ ତଥା ବରିଷ୍ଠ ପ୍ରବନ୍ଧକ ଏସ୍.ମୁରଲୀକ୍ରିଷ୍ଣା, ପିଏପିର ଯୁଗ୍ମ ସାଧାରଣ ପ୍ରବନ୍ଧକ ଜି.କେ.ପାଲ୍ ତୁରନ୍ତ ଘଟଣାସ୍ଥଳରେ ସ୍ୱତନ୍ତ୍ର ଟିମ୍ ସହିତ ପହଂଚି ମରାମତି କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଏବଂ ସବୁ ଠିକ୍‌ଠାକ ଥିବା ଘୋଷଣା କରିଥିଲେ। ଏହି ଫୁଲ ସ୍କେଲ ଅନ୍-ସାଇଟ୍ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ନିର୍ଦ୍ଦେଶକ (ଏଫ ଆଣ୍ଡବି) ସି.କେ.ଦଳାଇ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କ ସମେତ ଇଫ୍‌କୋର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।




## ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଚୋରି ବିରୋଧରେ ବ୍ୟାପକ ଅଭିଯାନ

**ଭୁବନେଶ୍ୱର, ୩୦।୧(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏହାର ପ୍ରବର୍ତନ ଟିମ୍ ଜରିଆରେ ବିଦ୍ୟୁତ୍ ଚୋରି ବିରୋଧରେ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଛି। ବିଦ୍ୟୁତ ଚୋରିରେ ବୃଦ୍ଧି କାରଣରୁ ରାଜସ୍ୱ ହାନି ହେଉଥିବାବେଳେ ନେଟୱାର୍କ ଉନ୍ନତିକରଣରେ ନିବେଶ କରିବାରେ ୟୁଟିଲିଟିର କ୍ଷମତାକୁ ମଧ୍ୟ ପ୍ରଭାବିତ କରୁଛି। ସେବାରେ ଉନ୍ନତି ପାଇଁ ଟିପିସିଓଡିଏଲ୍‌ର ପ୍ରୟାସ ସତ୍ତ୍ୱେ ବଢୁଥିବା ବିଦ୍ୟୁତ ଚୋରି ମାମଲା ଏହାର ପରିଚାଳନା ଉତ୍କର୍ଷତାରେ ବାଧା ସୃଷ୍ଟି କରୁଛି। ନିମାପଡ଼ା, ଜଟଣୀ ଏବଂ ପୁରୀରେ ବେଆଇନ ଭାବେ ବିଦ୍ୟୁତ୍ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା।

## ପରୀନିତାର ଦ୍ୱିତୀୟ ବାର୍ଷିକୀ

**ଭୁବନେଶ୍ୱର,୩୦।୧(ସମିସ):** ୱିମେନ୍ ଫ୍ୟାଶନ୍‌ର ଏକ୍ସକ୍ଲୁଶିଭ୍ ଶୋ' ରୁମ୍ ପରୀନିତା ଏହାର ଦ୍ୱିତୀୟ ବାର୍ଷିକୀ ପାଳନ କରୁଛି। ମହିଳାମାନଙ୍କର ଟ୍ରେଣ୍ଡିଂ ଫେସନ୍ ଚାହିଦା ପୂରଣ କରିବାରେ ପରୀନିତା ହେଉଛି ରାଜଧାନୀର ଏକ ମାତ୍ର ଶୋ ରୁମ୍। ପରୀନିତାରେ ବ୍ରାଇଡାଲ ଲେହେଙ୍ଗାଠାରୁ ଆରମ୍ଭ କରି ପାର୍ଟିୱେର କଲେକ୍‌ସନ୍ସ, ସମସ୍ତ ରାଜ୍ୟର ହସ୍ତତନ୍ତ ଶାଢ଼ି, ସୁଟ୍ ସେଟ୍ସ ଏବଂ ମ୍ୟାଚିଂ ଜୁଏଲେରୀ ଏଠାରେ ଉପଲବ୍ଧ। ଦ୍ୱିତିୟ ବାର୍ଷିକୀ ଅବସରରେ ପରୀନିତା ଗ୍ରାହକଙ୍କ ଲାଗି ୫୦ ପ୍ରତିଶତ ଯାଏ ରିଆତି ଅଫର ଆଣିଛି। ଜାନୁଆରୀ ୨୬ରୁ ୩୧ ଯାଏ ଶପିଂ କରନ୍ତୁ ଆଉ ପାଆନ୍ତୁ ୫୦ ପ୍ରତିଶତ ପର୍ଯ୍ୟନତ ରିଆତି। ଏହି ଅଫର ପରୀନିତା ମାଷ୍ଟର କ୍ୟାଣ୍ଟିନ୍, ପରୀନିତା ଡିଏନ୍ ରିଗାଲିଆ ମଲ୍ ଏବଂ ପରୀନିତା ଜୁଏଲ୍ସ ଡିଏନ୍ ରିଗାଲିଆ ମଲ୍‌ରେ ଉପଲବ୍ଧ ଥିବା ପରୀନିତାର ସ୍ୱତ୍ୱାଧିକାରୀ ସସ୍ମିତା ସାହୁ କହିଛନ୍ତି। ଏ ସମ୍ପର୍କରେ ପରୀନିତାର ପ୍ରତିଷ୍ଠାତ୍ରୀ ସସ୍ମିତା ସାହୁଙ୍କ କହିବାନୁଯାୟୀ ଏ ନେଇ ପରିକଳ୍ପନା ସେ ବହୁ ବର୍ଷ ଆଗରୁ କରିଥିଲେ। ଯେହେତୁ ଜଣେ ମହିଳା ଭାବେ ତାଙ୍କର ଫେସନ୍ ପ୍ରତି ବହୁତ ଦୁର୍ବଳତା ଥିଲା, ଯାହା ତାଙ୍କୁ ପରୀନିତାର ପ୍ରତିଷ୍ଠା ପାଇଁ ପ୍ରେରଣା ଦେଇଥିଲା।




## ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କନକ୍ଲେଭ ୨୦୨୪




**ଭୁବନେଶ୍ୱର, ୩୦।୧(ସମିସ):** ଓଡ଼ିଶା ଲଘୁ ଉଦ୍ୟୋଗ ବିକାଶ ଫୋରମ୍ ପକ୍ଷରୁ ସ୍ଥାନୀୟ ରେଳ ସଦନ ସଭା ଗୃହରେ ଏକ ବିଶାଳ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହାକୁ ଲଘୁ ଉଦ୍ୟୋଗ ବିକାଶର ଜାତୀୟ ଅଧ୍ୟକ୍ଷ ରଜନୀଶ ଗୋଏଙ୍କା ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ଆମ୍ ନିର୍ଭର ଭାରତ"ର ଏକ ସଫଳ ରୁପାୟନ ହେଉଛି ଭାରତ ବର୍ଷର ସୃଷ୍ଟି ହେଉଥିବା ଲକ୍ଷାଧିକ ଲଘୁ ଉଦ୍ୟୋଗ ବୋଲି କହିଥିଲେ। ଏହି ସମ୍ମିଳନୀରେ ବକ୍ତା ଭାବରେ ଓଡ଼ିଶା ପ୍ରୋଜେକ୍ଟ ଓ ମାର୍କେଟିଂ ଡେଭଲପମେଣ୍ଟ ସେଣ୍ଟର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ମିଟସ୍ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଏନଏସ୍‌ଆଇସିର ଡ଼ିଜିଏମ ଅନୁପମ ଗାୟନ, ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବୋର୍ଡ ଡିଜିଏମ ପ୍ରଦ୍ୟୁମ୍ନ ଚୌଧରୀ, କ୍ଷୁଦ୍ର, ଅଣୁକ୍ଷୁଦ୍ର ଓ ମଧ୍ୟମ ଉପନିର୍ଦ୍ଦେଶକ ଡି.ସି ମିଶ୍ର ଯୋଗଦେଇ ଲଘୁ ଉଦ୍ୟୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥଲେ। ଏଥିରେ ଲଘୁ ଉଦ୍ୟୋଗ ବିକାଶ ଓଡ଼ିଶା ଚାପ୍ଟରର ଆବାହକ ରବି ମାଝୀ, ଆବାହକ ପ୍ରଦୀପ ଚକ୍ର, ସବିତା ପାଣ୍ଡା, ରାଜ୍ୟ ସଂପାଦକ ସୁରେନ୍ଦ୍ର ମଲ୍ଲିକ , ଜାତୀୟ ସଚିବ ଅଜୟ ମାଥୁର, ହେମନ୍ତ ରସ୍ତୋଗୀ ପ୍ରମୁଖ ଯୋଗଦେଇ ଓଡ଼ିଶା ଲଘୁ ଉଦ୍ୟୋଗ ସଫଳତା ସମ୍ପର୍କରେ ମତ ରଖିଥିଲେ।

## ଟ୍ରାଇ ରିପୋର୍ଟ ବନ୍ଦ ହେବ ୨ଜି, ୩ଜି ନେଟୱର୍କ!

ନୂଆଦିଲ୍ଲୀ,୩୦।୧(ଏଜେନ୍ସି):

୪ଜି ଏବଂ ୫ଜି ସେବାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତରେ ୨ଜି ଏବଂ ୩ଜି ବନ୍ଦ ହେବ। ଏହି ପ୍ରସଙ୍ଗ ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଭାରତରେ ୫ଜି ନେଟୱର୍କ ସଂଯୋଗର ପରିସର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଦେଶରେ ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ୍ ଦୁଇ ଟେଲିକମ୍ କମ୍ପାନୀ ହାଇ ସ୍ପିଡ୍ ନେଟୱାର୍କ ଯୋଗାଇବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଭୋଡାଫୋନ୍-ଆଇଡିଆ ମଧ୍ୟ ୫ଜି ସେବା ଆରମ୍ଭ କରିବାକୁ ଯାଉଛି। ଏହି ସମୟରେ ରିପୋର୍ଟମାନ ପ୍ରକଶ ପାଉଛି ଯେ ରିଲାଏନ୍ସ ଜିଓ ଭାରତ ସରକାରଙ୍କୁ ୨ଜି ଏବଂ ୩ଜି ନେଟୱାର୍କ ବନ୍ଦ କରିବାକୁ ଅନୁରୋଧ କରିଛି। ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହି ଦାବି କରାଯାଇଛି।

ରିପୋର୍ଟ ଅନୁଯାୟୀ, ୫ଜି ଇକୋସିଷ୍ଟମ୍ ମାଧ୍ୟମରେ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍' ଶୀର୍ଷକ ଏକ ରିପୋର୍ଟରେ ରିଲାଏନ୍ସ ଏହା କହିଛି। ଦେଶରେ ୨ଜି ଏବଂ ୩ଜି ନେଟୱାର୍କ ଅପସାରଣ ପାଇଁ ପଦକ୍ଷେପ ଦେଶରେ ଉଚ୍ଚ କ୍ଷମତାସମ୍ପନ୍ନ ନେଟୱାର୍କ ସଂଯୋଗକୁ ପ୍ରୋତ୍ସାହିତ କରିବାର ଏକ ମାଧ୍ୟମ ଭାବରେ ଦେଖାଯାଉଛି।




ଦେଶର ଟେଲିକମ୍ କ୍ଷେତ୍ରକୁ ଅତ୍ୟାଧୁନିକ ନେଟୱାର୍କ ସହ ଯୋଡିବାକୁ ଭାରତରେ ୨ଜି ଏବଂ ୩ଜି ନେଟୱାର୍କ ବନ୍ଦ କରିବାକୁ ରିଲାଏନ୍ସ ଜିଓ ସରକାରଙ୍କୁ ଅନୁରୋଧ କରିଥିବା ରିପୋର୍ଟରେ କୁହାଯାଇଛି। ଏଥି ସହିତ, ୨ଜି ଏବଂ ୩ଜି ନେଟୱାର୍କ ବନ୍ଦ ପ୍ରସ୍ତାବର କାରଣ ଅନାବଶ୍ୟକ ଖର୍ଚ୍ଚ ହ୍ରାସ କରାଯାଉଥିବା ଦର୍ଶାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ରିଲାଏନ୍ସ ଜିଓ ଏବଂ ଏୟାରଟେଲ ଦ୍ରୁତ ଗତିରେ ୫ଜି ସେବାର ବିସ୍ତାର ବଢ଼ାଉଛନ୍ତି। ସେମାନେ ଅସୀମିତ ୫ଜି ଇଣ୍ଟରନେଟ୍ ସେବା ଯୋଗାଉଛନ୍ତି। ତେବେ ଜିଓ ଏବଂ ଏୟାରଟେଲ ବ୍ୟତୀତ ଭୋଡାଫୋନ୍-ଆଇଡିଆ ମଧ୍ୟ ଦେଶରେ ୫ଜି ସେବା ଯୋଗାଇବାକୁ ପ୍ରସ୍ତୁତ ହେଉଛି। ଭାରତରେ ଭିଆଇରର ୫ଜି ସଂଯୋଗ ପର୍ଯ୍ୟାୟକ୍ରମେ ଉନ୍ମୁକ୍ତ ହେବ। ସରକାରୀ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ସମ୍ପ୍ରତି ସମଗ୍ର ଦେଶରେ ୪ଜି ସେବାର ପରିସର ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରୁଛି। ଭାରତରେ ଅନେକ କୋଟି ଉପଭୋକ୍ତା ୨ଜି ଏବଂ ୩ଜି ସେବା ବ୍ୟବହାର କରୁଛନ୍ତି। ଖବର ଅନୁଯାୟୀ, ୨ଜି/୩ଜି ଫୋନ୍ ବ୍ୟବହାର କରୁଥିବା ଲୋକଙ୍କୁ ୫ଜି ଫୋନକୁ ସ୍ଥାନାନ୍ତର କରିବା ପାଇଁ ଭୋଡାଫୋନ୍ ସରକାରଙ୍କଠାରୁ ସବସିଡି ମାଗିଛି। ବର୍ତ୍ତମାନ ସରକାର ୨ଜି କିମ୍ବା ୩ଜି ସେବା ବନ୍ଦ କରିବାକୁ କୌଣସି ନିଷ୍ପତ୍ତି ନେଇନାହାଁନ୍ତି।

■ ଆଜି ମହାପ୍ରଭୁଙ୍କ ବନକଲାଗି

# ୩ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ, ୩୦।୧(ସମିସ):** ମାଘ କୃଷ୍ଣ ପଞ୍ଚମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

■ କାର୍ଯ୍ୟରେ ଯୋଗଦେଲେ ସମର୍ଥ ବର୍ମା

# ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଦାୟିତ୍ୱ ନେଲେ



**ପୁରୀ, ୩୦।୧(ସମିସ):** ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସମର୍ଥ ବର୍ମା। ଏଥିସହ ସେ ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ୍ୟ ରହିବେ। ତେବେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ମନ୍ଦିର ପ୍ରଶାସନର ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏଥିସହ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଭିତରେ ଓ ବାହାରେ ହୋଇଥିବା ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହା ପୂର୍ବରୁ ପୁରୀ ଜିଲ୍ଲାପାଳ ଥିଲେ ସମର୍ଥ ବର୍ମା। ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଏବେ ଭକ୍ତଙ୍କ ପାଇଁ ପରିକ୍ରମା ପ୍ରକଳ୍ପ, ଶ୍ରୀ ମାର୍ଗ ଓ ସମଙ୍ଗ ପାର୍କିଂ ଖୋଲାଯାଇଛି। ଶ୍ରଦ୍ଧାଳୁମାନେ ସୁବିଧାରେ ଆସି ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ପୂର୍ବରୁ ଚାଲିଥିବା ସମସ୍ତ ପ୍ରଶାସନିକ ସଂସ୍କାର ବ୍ୟବସ୍ଥାକୁ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକାରୀ କରାଯିବ। ମନ୍ଦିର ଭିତରେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ, ପାନ ଗୁଟୁଖା କି ପଲିଥିନ ବ୍ୟବହାର ଉପରେ କଟକଣା, ଆନନ୍ଦ ବଜାରରେ ମହାପ୍ରସାଦ ଦର ତାଲିକା ସମେତ ଭକ୍ତଙ୍କୁ ଉଚିତ୍ ବ୍ୟବହାର ତଥା ସେବାୟତଙ୍କ ଆଚରଣ ଉଚ୍ଚାରଣ ଏସବୁକୁ ବ୍ୟବସ୍ଥିତ କରିବା ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା। ସୂଚନାଥାଉ କି, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଥିବା ରଞ୍ଜନ କୁମାର ଦାସଙ୍କର କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ବଦଳି ହୋଇଛି। ସୋମବାର ତାଙ୍କ ଶେଷ କାର୍ଯ୍ୟ ଦିବସ ଥିଲା। ମଙ୍ଗଳବାର ସମର୍ଥ ବର୍ମା ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ନେଇଛନ୍ତି।

■ କଂଗ୍ରେସର ଗଣମାଧ୍ୟମ ଟିମ୍ ଗଠିତ

# ପଞ୍ଚାନନ, ଗଣେଶ୍ୱର ବରିଷ୍ଠ ମୁଖପାତ୍ର

**ଭୁବନେଶ୍ୱର, ୩୦।୧(ସମିସ):** ପ୍ରଦେଶ କଂଗ୍ରେସ କମିଟି ମିଡିଆ ସେଲ୍‌ର ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଡ. ବିଶ୍ୱରଞ୍ଜନ ମହାନ୍ତି ନିଜର ନୂଆ ଟିମ୍ ଘୋଷଣା କରିଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଗଣେଶ୍ୱର ବେହେରା, ବିଧାୟକ ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ ଓ ଡାକ୍ତର ଲଲାଟେନ୍ଦୁ ମହାପାତ୍ରଙ୍କୁ ଦଳର ବରିଷ୍ଠ ମୁଖପାତ୍ର ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ହମିଦ୍ ହୁସେନ୍, ମନୋରଞ୍ଜନ ଦାସ, ସୁଦର୍ଶନ ଦାସ, ଇଂ ସସ୍ମିତା ବେହେରା, ବିଧାୟକ ଅଧିରାଜ ପାଣିଗ୍ରାହୀ, ପ୍ରଶାନ୍ତ ଶତପଥି, ନିଶିକାନ୍ତ ମିଶ୍ର, ପଦ୍ମାକର ଗୁରୁ, ରଜନୀ ମହାନ୍ତି, ରଶ୍ମି ମହାପାତ୍ର, ଅପର୍ଣ୍ଣା ଧିରସିଂ, କୃଷ୍ଣଚନ୍ଦ୍ର ପତି, ଅଭିଷେକ ମହାନନ୍ଦ, ସ୍ମୃତିରଞ୍ଜନ ଲେଙ୍କା, ଅମୀୟ ପାଣ୍ଡବ, ରାଜୀବ ପଟ୍ଟନାୟକ, ଦେବାଶିଷ ଭୂୟାଁ ଓ ରବୀନ୍ଦ୍ର ଆଚାର୍ଯ୍ୟଙ୍କୁ ମୁଖପାତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ୟାନେଲିଷ୍ଟ ଭାବେ ପଞ୍ଚାନନ ଦାସ, ଜିନେଶ ଦାସ, ପୀତବାସ ପଣ୍ଡା, ଅମିତ ମହାନ୍ତି, ଆଲବର୍ଟ କିଣ୍ଡୋ, ନଳିନୀକାନ୍ତ ନାୟକ, ମନସା ତ୍ରିପାଠୀ, ଜୟଶ୍ରୀ ପାତ୍ର, ଝୁନା ପଟ୍ଟନାୟକ, ଶୁଭେନ୍ଦୁ ଶେଖର ମଲ୍ଲିକ, ସଂଗ୍ରାମ କିଶୋର ମାଝୀ ଓ କୈଳାଶ ମୁଖିଙ୍କୁ ନିଯୁକ୍ତ କରାଯାଇଛି। ପିସିସି ମିଡିଆ ସେଲ୍‌ର ସମ୍ପାଦକ ଦାୟିତ୍ୱ ପ୍ରଶାନ୍ତ ଶତପଥୀଙ୍କୁ ମିଳିଥିବାବେଳେ ବରିଷ୍ଠ ସଂଯୋଜକ ଭାବେ ଦୀପକ କୁମାର ମହାପାତ୍ର ଓ ସଂଯୋଜକ ଭାବେ ବୀରେନ କୁମାର ଦଳାଇ ଓ ହରିଶଙ୍କର ଜେନାଙ୍କୁ ନିଯୁକ୍ତି ମିଳିଛି।

■ ନିର୍ବାଚନ ଲଢ଼ିବେ ନାହିଁ ନରସିଂହ

# ସାନପୁଅ ସମରେନ୍ଦ୍ର ହେବେ ରାଜନୈତିକ ଉତ୍ତରାଧିକାରୀ

ଭୁବନେଶ୍ୱର, ୩୦।୧(ସମିସ): କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆସନ୍ତା ନିର୍ବାଚନ ଲଢ଼ିବେ ନାହିଁ। ତାଙ୍କ ସ୍ଥାନରେ ସାନ ପୁଅ ସମରେନ୍ଦ୍ର ମିଶ୍ର ଆଗାମୀ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି ନରସିଂହ। ପୂର୍ବରୁ ସମରେନ୍ଦ୍ର ଲୋକସଭା ନିର୍ବାଚନ ଲଢିଥିଲେ; ଏବେ ସେ ବିଧାନସଭା ପାଇଁ ଲଢିବେ। ବଲାଙ୍ଗିର ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ପୂର୍ବରୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଆସନ୍ତା ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିଛନ୍ତି। ମାତ୍ର ଦଳ ପକ୍ଷରୁ ଏ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। ଅନ୍ୟପକ୍ଷରେ ରାଜ୍ୟ ପ୍ରଭାରୀ ଅଜୟକୁମାର ଆଗାମୀ ନିର୍ବାଚନରେ ସମସ୍ତ ୯ ବିଧାୟକ ପୁନର୍ବାର ନିର୍ବାଚନ ଲଢ଼ନ୍ତୁ ବୋଲି ପରାମର୍ଶ ଦେଇଛନ୍ତି।

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକଙ୍କୁ ୨ବର୍ଷ ଜେଲ୍

**କଟକ, ୩୦।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗଞ୍ଜାମ ଜିଲ୍ଲାର ପୂର୍ବତନ ତଥା ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ଅଶୋକ କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ ଗତ ୨୦୧୭ରେ ଗଞ୍ଜାମ ଜିଲ୍ଲାର ଅବକାରୀ ଅଧୀକ୍ଷକ ଥିବା ଶ୍ରୀ ଜେନାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଚଢ଼ଉ କରି ତାଙ୍କର ବିପୁଳ ସମ୍ପତ୍ତି ଠାବ କରିଥିଲା। ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲା। କଟକ ଭିଜିଲାନ୍ସ ସେଲର ପ୍ରାକ୍ତନ ଇନସ୍ପେକ୍ଟର ରାଧାମୋହନ ପାତ୍ର ଏହି ମାମଲାର ତଦନ୍ତ କରିଥିଲେ। ସ୍ୱତନ୍ତ୍ର ପିପି ବୀରେନ୍ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନସନ୍ ବନ୍ଦ ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

## ୩ ବର୍ଷରେ ଓଡ଼ିଶାରୁ ୧୦୬ କୋଟି ସାଇବର ଠକେଇ

# ଅଦୃଶ୍ୟ ଠକଙ୍କୁ ଧରିବାକୁ ପୁଲିସ ଜାଲ

**ଭୁବନେଶ୍ୱର,୩୦।୧(ସମିସ):** ଏଣିକି ସାଇବର ଠକେଇରେ ଅଙ୍କୁଶ ଲଗାଇବ ପୁଲିସ। ଦୀର୍ଘବର୍ଷ ଧରି ସାଇବର ଅପରାଧୀ ଜାଲରେ ଫଶି ଲୋକମାନେ କୋଟି କୋଟି ଟଙ୍କା ହରାଇ ସାରିଛନ୍ତି। ଏହାକୁ ରୋକିବା ଓ ସାଇବର ଠକଙ୍କୁ ଧରିବା ପାଇଁ ଓଡ଼ିଶା ସମେତ ୬ ରାଜ୍ୟ ହାତ ମିଳାଇଛନ୍ତି। ଓଡ଼ିଶା ସମେତ ରାଜସ୍ଥାନ, ଝାଡଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପୁଲିସର ବଛାବିଛା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହେବ ଏବଂ ଏହି ଅଭିଜ୍ଞ ଅଧିକାରୀମାନେ ସାଇବର ଠକମାନଙ୍କ ଉପରେ ନଜର ରଖିବେ।

ମିଳିଥିବା ସୂଚନା ଅନୁସାରେ ସାଇବର ଠକେଇର ତଦନ୍ତ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା କିମ୍ବା ଅଭିଜ୍ଞତା ରହିଥିବା ପୁଲିସ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ଅନ୍ୟ ରାଜ୍ୟର ପୁଲିସକୁ କିଭଳି ସହଯୋଗ ଦେଇପାରିବେ, ସେ ବିଷୟରେ ତାଲିମ୍ ମିଳିଛି। ଏହି ଟିମ୍ କାର୍ଯ୍ୟକ୍ଷମ ହେବା ପରେ ଗୋଟିଏ ରାଜ୍ୟରୁ ସାଇବର ଅପରାଧ ଘଟାଇ ଅନ୍ୟ ରାଜ୍ୟରେ ଲୁଚି ପୁଣି ଅପରାଧ ଘଟାଇବା ଏଣିକି ସମ୍ଭବ ହେବ ନାହିଁ। ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରକ୍ଷା କରି ସାଇବର ଅପରାଧ ରୋକାଯିବ।

ସାଇବର ଅପରାଧୀମାନେ ନିଜ ଠିକଣା ସର୍ବଦାକୁ ଗୋପନ ରଖିଥାଆନ୍ତି। ଗୋଟିଏ ରାଜ୍ୟରେ ଥାଇ ଅନ୍ୟ ରାଜ୍ୟରେ ଅପରାଧର ଜାଲ ବୁଣି ଲୋକଙ୍କୁ ଭକୁଆ କରି କୋଟି କୋଟି ଟଙ୍କା ଲୁଟିଥାଆନ୍ତି। ସାଇବର ଅପରାଧୀ ରହୁଥିବା ରାଜ୍ୟକୁ ଅନ୍ୟ ରାଜ୍ୟର ପୁଲିସ ଧରିବାକୁ ଗଲେ ସେମାନଙ୍କୁ ଉପଯୁକ୍ତ ସହାୟତା ମିଳିପାରୁ ନାହିଁ। ଏପରିକି କିଛି ସ୍ଥାନୀୟ ପୁଲିସ ସାଇବର ଠକଙ୍କୁ ଖସାଇବାରେ ସହାୟତା ମଧ୍ୟ କରୁଛନ୍ତି। ତେଣୁ ଏହାକୁ ରୋକାଯିବା ସହ ବିଭିନ୍ନ ରାଜ୍ୟର ପୁଲିସ ମଧ୍ୟରେ ଆନ୍ତଃ ସମନ୍ୱୟ ରଖାଯିବ।

ଓଡ଼ିଶାରେ ସାଇବର ଠକେଇର ଅଭିଯୁକ୍ତମାନେ ମୁଖ୍ୟତଃ ଝାଡଖଣ୍ଡ, ରାଜସ୍ଥାନ, ଗୁଜୁରାଟ, ହରିୟାଣା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରେ ରହୁଛନ୍ତି। ଏହି ରାଜ୍ୟରୁ ଓଡ଼ିଶାକୁ ଅଧିକ ଠକେଇ କଲ୍ ଆସୁଛି। ଗତ ଦୁଇବର୍ଷ ତଥ୍ୟ ଅନୁଧ୍ୟାନ କଲେ ରାଜସ୍ଥାନର ଭରତପୁର ଓ ଜୟପୁର,



**ସାଇବର ଅପରାଧ**

| ମସିହା | ମାମଲା |
|---|---|
| ୨୦୧୮ | ୮୬୭ |
| ୨୦୧୯ | ୧୪୭୫ |
| ୨୦୨୦ | ୧୯୩୧ |
| ୨୦୨୧ | ୨୦୩୭ |
| ୨୦୨୨ | ୧୯୮୩ |
| ୨୦୨୩ | ୧୨୮୭ |

**ହାତ ମିଳାଇଲେ ୬ ରାଜ୍ୟ ପୁଲିସ; ଗଠନ ହେବ ସ୍ୱତନ୍ତ୍ର ଟିମ୍**

ହରିୟାଣାର ମେୱାଟ, ନୁହ, ଝାଡଖଣ୍ଡର ଜମତରା, ତିନି ପାହାଡ, ପଶ୍ଚିମବଙ୍ଗର କୋଲକାତା ଓ ମାଲଦା, ବିହାରର ପାଟଣା, ଭାଗଲପୁର, ହାଜିରାବାଗ, ଗୟା, ଜଗଦଲପୁର, ଉତ୍ତରପ୍ରଦେଶର ଲକ୍ଷ୍ନୌ, ଆଗ୍ରା, ବୁଲନ୍ଦସହର, ରାମଗଡ଼, ଅଲୱାର, ଫିରୋଜପୁର, ସୋହାନ, ଦିଲ୍ଲୀର ନୋଏଡା, ଗାଜିଆବାଦ, ଗୁରୁଗାଓଁ ଓ ଫରିଦାବାଦ, ଗୁଜୁରାଟର ଅହମ୍ମଦବାଦ, ସୁରଟ ଆଦି ଅଞ୍ଚଳର ସାଇବରଠକ ଓଡ଼ିଶାରେ ସକ୍ରିୟ ଅଛନ୍ତି। ସେଠାରେ ମୋବାଇଲ ବୁଥ୍ ସେଣ୍ଟର ଖୋଲି ପୂରା ଠକ ନେଟ୍‌ୱାର୍କ ଚଳାଇଛନ୍ତି। ଟ୍ରାଇ-ଜଙ୍କସନ ବା ତିନିଟି ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ଠକେଇର ଚେର ଲମ୍ବିଛି। ଗଲା ୩ ବର୍ଷରେ ରାଜ୍ୟରୁ ୧୦୬ କୋଟି ଟଙ୍କା ଠକେଇ ସଂକ୍ରାନ୍ତରେ ୧୯୫୦୮ଟି ଅଭିଯୋଗ ହୋଇଛି। ଅଦୃଶ୍ୟ ଠକଙ୍କଠାରୁ ୧କୋଟି ୮୦ ଲକ୍ଷ ୩୫ହଜାର ୩୨୧ଟଙ୍କା ଫେରସ୍ତ ହୋଇଥିବା ବେଳେ ୫କୋଟି ୬୪ ଲକ୍ଷ ୨୭ହଜାର ୯୧୭ଟଙ୍କା ବ୍ଲକ ହୋଇଛି। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋଟ ଠକେଇର ସିଂହଭାଗ କେବଳ ଭୁବନେଶ୍ୱରରୁ ହିଁ ହୋଇଛି। ଅଧିକ ଶିକ୍ଷିତ ରହୁଥିବା ଭୁବନେଶ୍ୱରରୁ ସାଇବର ଠକ ୫୦ କୋଟି ଟଙ୍କା ଲୁଟିଛନ୍ତି। ୨୦୨୩ରେ ଭୁବନେଶ୍ୱରରୁ ୩୦ କୋଟି, ୨୦୨୨ରେ ୧୩ କୋଟି ଟଙ୍କା ଓ ୨୦୨୧ରେ ୮କୋଟି ୬ଲକ୍ଷ ୮୧ହଜାର ୭୮୩ ଟଙ୍କା ଠକେଇ ହୋଇଛି ହୋଇଥିବା ସୂଚନା ମିଳିଛି।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- ODIA

**ବିଭାଗ-କ**

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ବା ସତ୍ୟବାଦୀ ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ । ସାକ୍ଷୀଗୋପାଳ ମନ୍ଦିରଠାରୁ ଅଳ୍ପ ଦୂରରେ ଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମ ଓଡିଶାର ଅନ୍ୟ ବହୁ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ପିତା ମହାଦେବ ବ୍ରହ୍ମାଙ୍କର ସେ ଅଞ୍ଚଳରେ ବେଶ୍ ଖାତିର । ୧୮୭୯ ମସିହାରେ ତାଙ୍କର ଯେଉଁ ପ୍ରଥମ ପୁତ୍ର ଜାତ ହେଲା ତାଙ୍କର ନାମ ଦିଆଗଲା ହରି । ହରିହରିଙ୍କର ମୂଳଦୁଆ ଶୋଧ ହୋଇଥିଲା ତାଙ୍କ ଛାତ୍ର ଜୀବନରେ । ସେତିକିବେଳୁ ମଜବୁତ୍ ମୂଳଦୁଆ ନ ପଡିଥିଲେ ତା ' ଉପରେ ଦୀର୍ଘ ସତୁରି ବର୍ଷର ସେବା ସୌଧ ମୁଣ୍ଡ ଟେକି ଠିଆ ହୋଇପାରି ନଥା 'ନ୍ତା । ତାଙ୍କ ବଡପଣିଆର ପ୍ରକୃତ ରୂପ ଦେଖିବାର ସୁଯୋଗ ଯୁବ ସମାଜକୁ ମିଳି ନାହିଁ । ସେ ଭଲ ଇଂରାଜୀ ବ୍ୟାକରଣ ଖଣ୍ଡେ ଲେଖିଥିଲେ ଯାହା ଷାଠିଏ ଥର ପୁନର୍ମୁଦ୍ରଣ ହୋଇସାରିଲାଣି । ସେ ୧୯୨୧ର ଅସହଯୋଗ ଆନ୍ଦୋଳନଠାରୁ ଆରମ୍ଭ କରି ୧୯୪୫ ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ କାଳ ସ୍ୱାଧୀନତା ସଂଗ୍ରାମ ଭିତରେ ଓତଃପ୍ରୋତ ଭାବରେ ଜଡିତ ଥିଲେ । ଓଡିଶାରେ ବିଂଶ ଶତାବ୍ଦୀର ଆରମ୍ଭରେ ସେ ଥିଲେ ଜଣେ ଅଦମ୍ୟ ସାହସୀ ସଂସ୍କାରକ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁଙ୍କ ପରି ସେ ମଧ୍ୟ ବହୁ ନିର୍ଯାତନା ଭୋଗିଛନ୍ତି ।

କ) ଅସହଯୋଗ ଆନ୍ଦୋଳନ କେବେ ହୋଇଥିଲା ?
ଖ) ହରିହର କେଉଁ ମସିହାରୁ କେଉଁ ମସିହା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଜଡିତ ଥିଲେ?
ଗ) ହରିହରଙ୍କର କେଉଁ ବହି ଷାଠିଏ ଥର ପୁନର୍ମୁଦ୍ରଣ ହୋଇସାରିଛି ?
ଘ) କେଉଁ ସମୟରେ ହରିହରଙ୍କର ମୂଳଦୁଆ ଶୋଧ ହୋଇଥିଲା?
ଙ) କାହା ଭଳି ହରିହର ବହୁ ନିର୍ଯାତନା ସହିଛନ୍ତି ବୋଲି କୁହାଯାଇଛି?

**ବିଭାଗ-ଖ**

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)
କ) ଛାତ୍ର ଓ ଅଧ୍ୟବସାୟ ଖ) ସମ୍ବାଦପତ୍ର ଗ)ପରିବେଶ ପ୍ରଦୂଷଣ

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)
କ) "ସାକ୍ଷରତା ଅଭିଯାନ" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
ଖ) "ବନ୍ୟଜନ୍ତୁଙ୍କ ସୁରକ୍ଷା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
(ବି.ଦ୍ର.: ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

**ବିଭାଗ-ଗ**

୪. ଭାଗବତବାଣୀ କିମ୍ବା ରାମକେରୀ ଛନ୍ଦ ବିଷୟରେ ଉଦାହରଣ ସହିତ ଲେଖ । (୪)

୫. **ଅଶୁଦ୍ଧି ସଂଶୋଧନ କରି ଲେଖ । (୨ଟିର)** (୨)
ନୀରୋଗୀ , ଶଶୀଭୂଷଣ , କାଳିନ୍ଦି

୬. **ରୂଢିଗୁଡିକ ବ୍ୟବହାର କରି ବାକ୍ୟ ଗଠନ କର । (୨ଟିର)** (୨)
ତେଲିଆ ମୁଣ୍ଡରେ ତେଲ ,ବାଆକୁ ବତା , ଉପରଠାଉରିଆ

୭. **ନିର୍ଦ୍ଦେଶ ଅନୁସାରେ ବାକ୍ୟ ବଦଳାଇ ଲେଖ । (୨ଟିର)** (୨)
୧)ଯେତେବେଳେ ବିପଦ ଆସେ , ସେତେବେଳେ ଠକ ବନ୍ଧୁମାନେ ପାଖରୁ ଚାଲିଯାଆନ୍ତି । (ସରଳ ବାକ୍ୟ )
୨) ମୀରା ମିଛ କହିବାରୁ ଦଣ୍ଡ ପାଇଲା । (ଜଟିଳ ବାକ୍ୟ)
୩) ଭାଇ ହାଟକୁ ଯାଇ ଘର ପାଇଁ ପରିବା ଆଣିଲେ । (ଯୌଗିକ ବାକ୍ସ)

**ବିଭାଗ-ଘ**

୮. **ଗଦ୍ୟରୁ ଯେକୌଣସି ଗୋଟିଏ ସରଳାର୍ଥ ଲେଖ ।** (୫×୧=୫)
କ) ଭାରତୀୟ ଦର୍ଶନରେ , ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।
ଖ) ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା' ହୁଏ ନାହିଁ ।

୯. **ଗଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ବିଜ୍ଞାନର ଅନ୍ଧକାର ସ୍ଥାନଟି ଅପସାରିତ ହେଲେ କ'ଣ ହେବ ବୋଲି ଲେଖକ କହିଛନ୍ତି ?
ଖ) ଭାରତୀୟ ସଭ୍ୟତାର ଆଦର୍ଶ କହିଲେ କଣ ବୁଝ?
ଗ) ଲେଖକ ଜନ୍ମଭୂମି ପଲ୍ଲୀକୁ ନିଜର ମାଆ ବୋଲି ଭାବିବାର କାରଣ କଣ?
ଘ) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?

୧୦. **ଗଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) କାନ୍ତକବିଙ୍କ ପୈତୃକ ଗ୍ରାମର ନାମ କ'ଣ ?
୧)ସୁନାଖେଳା ୨)ତାଳପଦା ୩)ଫୁଲନଖରା ୪)ବାଣପୁର
ଖ) କିଏ ଜଣେ ଆଜୀବନ ଅକର୍ମା ଓ ଅବିବାହିତ ଲୋକ ଥିଲେ?
୧) ସାର ମାଉସୀ ୨)ଗୋବିନ୍ଦା ଭାଇ ୩)ଶ୍ରୀକୃଷ୍ଣ ୪) ଦୀନବନ୍ଧୁ ବାବୁ
ଗ) ଲେଖକ ଗୋଲକ ବିହାରୀ ଧଳଙ୍କର କେଉଁ ପୁସ୍ତକରୁ "ମାତୃଭାଷା ଓ ଲୋକଶିକ୍ଷା" ଆସିଅଛି ?
୧) ଗବନ ୨)ଲଣ୍ଡନ ଚିଠି ୩)ଓଡିଆ କେବେ ୪)ଗୋଦାନ
ଘ) କେଉଁଥିରୁ ଜୀବନ୍ତ ଶରୀର ସମ୍ପର୍କରେ ଧାରଣା ମିଳିଥାଏ ?
୧) ପାଣିପବନରୁ ୨) ଚିଭିରୁ ୩)ମଣିଷଠାରୁ ୪)ଜୀବବିଜ୍ଞାନରୁ
ଙ) ମଣିଷର ପ୍ରଥମ ପ୍ରୟୋଜନ କଣ ?
୧)ମାତୃଭାଷା ୨) କୃଷି ୩)ଶାସକ ୪)ଗାନ୍ଧିଜୀ
ଚ) ଶିଷ୍ୟମାନେ କେଉଁଠି ନିଜର କ୍ଷେତ୍ର ପ୍ରସ୍ତୁତ କରିଲେ ?
୧)ବରାହନଗରରେ ୨) ହିମାଳୟରେ ୩)ବନାରସରେ ୪)କାଶିରେ
ଛ) କେଉଁ କୃତିଟି ସଚ୍ଚିଦାନନ୍ଦ ରାଉତରାୟଙ୍କର ?
୧)କାଳାନ୍ତର ୨) ଶିବଭାଇ ୩)ମଶାଣିର ଫୁଲ ୪)ବଜ୍ରବାହୁ
ଜ) ୧୮୨୨ ମସିହାରୁ ଖ୍ରୀଷ୍ଟିୟାନ୍ ମିଶନାରୀମାନେ ଓଡ଼ିଶାରେ କଣ ପ୍ରତିଷ୍ଠା କରିଥିଲେ?
୧)ଚର୍ଚ୍ଚ ୨) ପ୍ରେସ ୩)ମିଶନ ସ୍କୁଲ ୪)ଦାତବ୍ୟ ଚିକିତ୍ସାଳୟ
ଝ) "ଜନ୍ମଭୂମି" ପ୍ରବନ୍ଧଟି ଲେଖକଙ୍କର କେଉଁ ପୁସ୍ତକରୁ ଆସିଅଛି ?
୧) ପ୍ରବନ୍ଧ ମାନସ ୨) ମୋ ସମ୍ରାଟ ଓଡିଶା ୩) ଗାନ୍ଧି କଥାମୃତ ୪) ଅକାଟ୍ୟ ଯୁକ୍ତି
ଞ) "ସଭ୍ୟତା ଓ ବିଜ୍ଞାନ" କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
୧) ଡଗର ୨) ଉତ୍କଳ ଦୀପିକା ୩) ହିତୈଷିଣୀ ୪) ଉତ୍କଳ ସାହିତ୍ୟ

୧୧. **ପଦ୍ୟରୁ ଯେକୌଣସି ଗୋଟିଏ ସରଳାର୍ଥ ଲେଖ ।** (୫×୧=୫)
କ) ଭାଙ୍ଗିପକୁ ଆଜି ଅର୍ଗଳରାଜି
ଘେନ ବିଜୟର ମାଳା ।
ଖ) ଜନମ ଜାକୁ ଯେ ଦେହେ ତୋ' ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।

୧୨. **ପଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ମର୍ତ୍ତ୍ୟ ଭୁବନକୁ ଉଷା ଆସିବାର ଉଦ୍ଦେଶ୍ୟ କ'ଣ ?
ଖ) ସୀତା ଉଷାଙ୍କ ପଦ ବନ୍ଦନା କରି କଣ କହିଲେ ?
ଗ) ଶ୍ରୀରାମଙ୍କ ସୈନ୍ୟ ସଂଖ୍ୟା କେତେ ବୋଲି ମନ୍ତ୍ରୀଦ୍ୱୟ କହିଲେ?
ଘ) ସିନ୍ଧୁକୁ ପୋତିବା ପାଇଁ ରାମଚନ୍ଦ୍ର କାହିଁକି ସ୍ଥିର କଲେ ?

୧୩. **ପଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) ଶ୍ରେଷ୍ଠ କବିମାନେ କାହାର କୀର୍ତ୍ତି ବନ୍ଦନା କରୁଛନ୍ତି ?
୧) ମନ୍ଦିରର ୨) ସମୁଦ୍ରର ୩) ଉତ୍କଳ ଜନନୀର ୪)ତାଳତମାଳ ବୃକ୍ଷରାଜିର
ଖ) ଦୁର୍ଯ୍ୟୋଧନ କେଉଁଠାରେ ଆତ୍ମଗୋପନ କରିଥିଲେ ?
୧) ବ୍ୟାସ ସରୋବରରେ ୨) ସମୁଦ୍ରରେ ୩) ବିନ୍ଦୁ ସାଗରରେ ୪) ଚିଲିକାରେ
ଗ) ଅଙ୍ଗଦ ନିକଟକୁ କିଏ ରାବଣର ବାର୍ତ୍ତା ନେଇ ଆସିଥିଲେ ?
୧) ବିଭୀଷଣ ୨) ବାଳୀ ୩) ବାନରଗଣ ୪) ଶୁକ ସାରଣ
ଘ) ଚିଲିକାର ପ୍ରାଚୀ ମୂଳରେ କେଉଁମାନେ ଉଲ୍ଲସିତ ହେବାର କବି ଦେଖିଛନ୍ତି?
୧) ମୀନଜୀବୀ ୨) ପ୍ରକୃତିପ୍ରେମୀ ୩) ପର୍ଯ୍ୟଟକ ୪) ନୌକାଚାଳକ
ଙ) କଳକଣ୍ଠ କଣ୍ଠରେ କିଏ କହିଲା ?
୧) କାଉ ୨) କୋଇଲି ୩)ଉଷା ୪) ସୀତା
ଚ) ନବଯୁଗର କେଉଁମାନଙ୍କୁ ଜାଗି ଉଠିବା ପାଇଁ କବିତାରେ କୁହାଯାଇଛି ?
୧) କୃଷକ ୨) ତରୁଣ ୩) ବୃଦ୍ଧ ୪)ଶୋଷିତ
ଛ) କବି କାହାକୁ ସର୍ବସହଣୀ ବୋଲି କହିଛନ୍ତି ?
୧) ଗଛଲତାଙ୍କୁ ୨) ସମୁଦ୍ରକୁ ୩) ମାଟି ମାଆକୁ ୪) ଫଳମୂଳକୁ
ଜ) କବି ବିଦ୍ୟୁତପ୍ରଭା ଦେବୀ କେଉଁ ପୁସ୍ତକ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ ହୋଇଥିଲେ ?
୧)ସଞ୍ଚୟନ ୨) କାକଳି ୩) ମରୀଚିକା ୪)ବିହାୟସୀ
ଝ) "ଜାଗ ବନ୍ଧନ ହରା" ର କବି କିଏ ?
୧) ରବି ପଟ୍ଟନାୟକ ୨) ଉପେନ୍ଦ୍ର ଭଞ୍ଜ ୩) ସାରଳା ଦାସ ୪) ଅନନ୍ତ ପଟ୍ଟନାୟକ
ଞ) "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" କବିତାର ପ୍ରତ୍ୟେକ ପଦ କେଉଁ ବର୍ଣ୍ଣରୁ ଆରମ୍ଭ ?
୧) ବ ୨) ପ ୩) ମ ୪) ଚ

୧୪. **ଗଳ୍ପ/ଏକାଙ୍କିକାରୁ ପ୍ରଶ୍ନଗୁଡିକର ଉତ୍ତର ଲେଖ । (୬ଟିର)** (୧×୬=୬)
କ) ଧରମା କି ମହାନ କାର୍ଯ୍ୟ ସମ୍ପାଦନ କରିଥିଲା ?
ଖ) ଗୋଦାମର କାଠ କଟା କୁରାଢିଟି କେତେ କିଲୋ ଲୁହାରେ ତିଆରି?
ଗ) କେତେ ଦିନରେ ଯୁଦ୍ଧ ଶେଷ ହେବ ବୋଲି ମନ୍ତ୍ରୀ ରାଜାଙ୍କୁ କହିଥିଲେ?
ଘ) ଅଶୋକ କେଉଁ ରାଜ୍ୟର ସମ୍ରାଟ ଥିଲେ ?
ଙ) ସୁବ୍ରତ ଲେଖୁଥିବା କଲମଟି ତାଙ୍କୁ କିଏ ଦେଇଥିଲେ?
ଚ) ମହାପାତ୍ର ବାବୁ କୁଆଡ଼େ ଯାଉଥିଲେ ?
ଛ) ବଡ ପୁଅ ବି. ଏ. ପଢୁ ପଢୁ କଣ ହେଇଗଲା ?
ଜ) ପୁରବୀ ସୁବ୍ରତଙ୍କୁ କି ଖବର ଦେବା ପାଇଁ ମହାପାତ୍ରଙ୍କୁ କହିଥିଲେ?

***** *All the Best...*

**ANSWER KEY**

୧୦.କ-୨ ଖ-୨ ଗ-୩ ଘ- ୪ ଙ-୧ ଚ-୧ ଛ- ୩ ଜ-୩ ଝ- ୧ ଞ- ୪
୧୩.କ-୩ ଖ-୧ ଗ-୪ ଘ-୧ ଙ-୩ ଚ-୨ ଛ-୩ ଜ-୧ ଝ-୪ ଞ- ୧

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

## ଭାରତୀୟ କ୍ରିକେଟରେ ଆଉ ଦୁଇଭାଇଙ୍କ ଉଦୟ

# ସର୍ଫରାଜ ଓ ମୁସିର ଖାନ୍

ଭାରତୀୟ କ୍ରିକେଟରେ ଏବେ ଆଉ ଦୁଇ ଭାଇଙ୍କ ଉଦୟ ହୋଇଛି। ଏମାନେ ହେଉଛନ୍ତି ଉତ୍ତରପ୍ରଦେଶର ଆଜମଗଡ଼ର ଖାନ ଭାତୃଦ୍ୱୟ ସର୍ଫରାଜ ଓ ମୁସିର। ଗୋଟିଏ ଦିନ ପୂର୍ବରୁ ସର୍ଫରାଜ ଇଂଲଣ୍ଡ ବିପକ୍ଷ ଭାରତୀୟ ଟେଷ୍ଟରେ ସ୍ଥାନ ପାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତାଙ୍କ ସାନ ଭାଇ ମୁସିର ଖାନ୍ ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଦୁଇଟି ଶତକ ହାସଲ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ଏହି ଦୁଇ ଭାଇଙ୍କୁ ଭାରତୀୟ ବ୍ୟାଟିଂର ଭବିଷ୍ୟତ ବୋଲି ବିବେଚନା କରାଯାଉଛି। ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା, ଇର୍ଫାନ ଓ ୟୁସୁଫ ପଠାନ, ମହିନ୍ଦର ଓ ସୁରିନ୍ଦର ଅମରନାଥଙ୍କ ଭଳି ସର୍ଫରାଜ ଓ ମୁସିର ମଧ୍ୟ ଭବିଷ୍ୟତରେ ଭାରତୀୟ କ୍ରିକେଟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ।

୧୮ ବର୍ଷୀୟ ମୁସିର ମଙ୍ଗଳବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସୁପର-୬ ମ୍ୟାଚ୍‌ରେ ୧୨୬ଟି ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୩ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହାପୂର୍ବରୁ ଗତ ୨୫ ତାରିଖରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଗ୍ରୁପ୍ ଏ' ମ୍ୟାଚ୍‌ରେ ୧୧୮ ରନର ଶତକୀୟ ପାଳି ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଦୁଇଟି ଶତକ ହାସଲ କରି ସେ ପାକିସ୍ତାନର ବାବର ଆଜମ ଓ ଶିଖର ଧାୱନଙ୍କ ସମକକ୍ଷ ହୋଇଛନ୍ତି।

ସେହିପରି ଘରୋଇ କ୍ରିକେଟରେ ବିପୁଳ ରନ ସଂଗ୍ରହ କରିବା ପରେ ୨୬ ବର୍ଷୀୟ ସର୍ଫରାଜ କ୍ରମାଗତ ଭାବେ ଭାରତୀୟ ଚୟନକର୍ତ୍ତାଙ୍କ ଅଣଦେଖାର ଶିକାର ହୋଇ ଆସୁଥିଲେ। ଏ ନେଇ ମଧ୍ୟ ସୁନିଲ ଗାଭାସ୍କରଙ୍କ ଭଳି ପୂର୍ବତନ କ୍ରିକେଟର ସର୍ଫରାଜଙ୍କ ସପକ୍ଷରେ ମତ ଦେଇଥିଲେ।


ପିତା ନୌସାଦ ଖାନ୍‌ଙ୍କ ସହ ସର୍ଫରାଜ ଓ ମୁସିର

ଶେଷରେ ତାଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି ଓ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇଛି। ଅବଶ୍ୟ ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଆହତ ହୋଇ ଦଳରୁ ବାଦ ପଡ଼ିବା ଫଳରେ ତାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ସର୍ଫରାଜ ମଧ୍ୟ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନଅଫିସିଆଲ ଟେଷ୍ଟ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ସର୍ଫରାଜ ଏପର୍ଯ୍ୟନ୍ତ ୪୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୬୯.୬୬ ରନ ହାରରେ ୩, ୬୯୨ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୩ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସାମିଲ ରହିଛି। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଅପରାଜିତ ୩୦୨ ରହିଛି। ସେହିପରି ସେ ୩୭ଟି ଲିଷ୍ଟ ଏ' ଓ ୯୬ଟି ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ସେହିପରି ମୁସିର ୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସର୍ଫରାଜ ଓ ମୁସିରଙ୍କ ପିତା ନୌସାଦ ଜଣେ କ୍ରିକେଟ ପ୍ରଶିକ୍ଷକ। ତେଣୁ ଦୁଇ ପୁଅଙ୍କୁ କ୍ରିକେଟର ଭାବେ ଗଢି ତୋଳିବାର ତାଙ୍କୁ ଉଲ୍ଲେଖନୀୟ ଭୂମିକା ରହିଛି। ମୁସିରଙ୍କ ଭଳି ସର୍ଫରାଜ ମଧ୍ୟ ୧୯ ବର୍ଷରୁ କମ୍ କ୍ରିକେଟରେ ଭଲ ପ୍ରଦର୍ଶନ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଭାରତୀୟ କ୍ରିକେଟରେ ତିଷ୍ଠି ରହିବାକୁ ହେଲେ ଦୁଇ ଭାଇଙ୍କୁ କଠିନ ପରିଶ୍ରମ କରିବା ସହ ଆହୁରି ବହୁତ ବାଟ ଯିବାକୁ ହେବ।

# ସାଫ୍ କପ୍‌ରେ ଭଲ କରିବ ଭାରତ: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩୦।୧ (ସମିସ): ବାଂଲାଦେଶର ଢ଼ାକାଠାରେ ଆୟୋଜିତ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ସାଫ୍ କପ୍ ମହିଳା ଫୁଟବଲରେ ଭାରତ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ପ୍ରଶିକ୍ଷକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ କହିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କ ନେତୃତ୍ୱରେ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଗୋଆରେ ଜାନୁଆରୀ ୬ରୁ ୨୮ ପର୍ଯ୍ୟନ୍ତ ଚାଲିଥିଲା ଓ ଦଳ ଆଜି ଢ଼ାକା ଅଭିମୁଖେ ଯାତ୍ରା କରିଛି। ଏହି ଶିବିରେ ଦଳ ଭଲ ପ୍ରସ୍ତୁତି କରିଛି ଓ ଏହା ସନ୍ତୋଷଜନକ ହୋଇଛି। ଏଣୁ ଦଳର ପ୍ରଦର୍ଶନ ନିଶ୍ଚିତ ଭଲ ରହିବ ବୋଲି ଶ୍ରଦ୍ଧାଞ୍ଜଳି ମତବ୍ୟକ୍ତ କରିଛନ୍ତି।

ଏହି ପ୍ରତିଯୋଗିତାରେ ଭୁଟାନ ସହ ମୁକାବିଲା କରି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ଫେବ୍ରୁଆରୀ ୨ରେ ଖେଳାଯିବ। ଏହା ପରେ ଫେବ୍ରୁଆରୀ ୪ରେ ବାଂଲାଦେଶ ଓ ୬ରେ ନେପାଳ ସହ ଖେଳିବ। ଏହି ପ୍ରତିଯୋଗିତାରେ ସମସ୍ତ ଦଳଗୁଡିକ ଶକ୍ତିଶାଳୀ ଓ ଭାରତ ଏମାନଙ୍କୁ ହରାଇବାର ଦକ୍ଷତା ରଖିଛି। ଗୋଆରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ସର୍ବଭାରତୀୟ ଫୁଟବଲ ମହାସଂଘ ସମସ୍ତ ପ୍ରକାର ସହାୟତା ଯୋଗାଇଛି। ଏଣୁ ଦଳ ଭଲ ପ୍ରସ୍ତୁତି କରିବାରେ ସମର୍ଥ ହୋଇଛି। ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଦୁଇ ଶୀର୍ଷସ୍ଥାନ ହାସଲ କରିଥିବା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ୮ରେ ଖେଳାଯିବ। ଓଡ଼ିଶାର ଶ୍ରଦ୍ଧାଞ୍ଜଳି ଏହା ପୂର୍ବରୁ ଭାରତୀୟ ୧୭ ବର୍ଷରୁ କମ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିଥିଲେ। ଏହି ସଫଳତାକୁ ଆଧାର କରି ତାଙ୍କୁ ଗୋଟିଏ ପାହାଚ ଚଢ଼ାଇ ୧୯ ବର୍ଷରୁ କମ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଦିଆଯାଇଛି।



## ଜାତୀୟ ଦୃଷ୍ଟିହୀନ କ୍ରିକେଟ

# ସେମିଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୩୦।୧ (ସମିସ): ଓଡ଼ିଶା ଦଳ ଜାତୀୟ ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ଏ' ମୁକାବିଲାରେ ଓଡ଼ିଶା ୧୭ ରନ୍‌ରେ ଦିଲ୍ଲୀକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ନାଗପୁରର ରେଳବାଇ କ୍ରିକେଟ ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୬ ୱିକେଟରେ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ପଙ୍କଜ ଭୂଏ ସର୍ବାଧିକ ୮୫, ନକୁଳ ବଡ଼ନାୟକ ୨୭ ଓ ହିକିମ ମୁର୍ମୁ ୨୦ ରନ୍ କରିଥିଲେ। ଜବାବରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦିଲ୍ଲୀ ପାଳିରେ ଓଡ଼ିଶାର ଲିଙ୍ଗରାଜ ରାଉତରାୟଙ୍କୁ ୨ଟି, ନକୁଳ ଓ ଦେବରାଜ ବେହେରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ପଙ୍କଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଗ୍ରୁପ୍‌ରେ ଓଡ଼ିଶା ଦଳ କ୍ରମାଗତ ଦୁଇଟି ମ୍ୟାଚ୍ ଜିତିବା ପରେ ନକ୍‌ଆଉଟରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ଗ୍ରୁପ୍‌ରେ ଆନ୍ଧ୍ରପ୍ରଦେଶ ମଧ୍ୟ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରେ କେଉଁ ଦଳ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରିବ ତାହା ସ୍ଥିର ହେବ।




## ● ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

# ହୃଦାନନ୍ଦ, ମହିଳା ଖୋ ଖୋ ଦଳକୁ ରୌପ୍ୟ



ଭୁବନେଶ୍ୱର, ୩୦।୧ (ସମିସ): ତାମିଲନାଡୁରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୬ଷ୍ଠ ସଂସ୍କରଣରେ ଓଡ଼ିଶା ମହିଳା ଖୋ ଖୋ ରୌପ୍ୟ ପଦକ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ଅଳ୍ପକେ ମହାରାଷ୍ଟ୍ର ନିକଟରୁ ପରାସ୍ତ ହୋଇ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଥିଲା। ସେହିଭଳି ଭାରୋତ୍ତୋଳନରେ ଓଡ଼ିଶାର ହୃଦାନନ୍ଦ ଦାଶ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଛନ୍ତି। ହୃଦାନନ୍ଦ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଭାରୋତ୍ତୋଳନ ହାଇପରଫର୍‌ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଏହି ପ୍ରତିଯୋଗିତାରେ ୧୯ ପଦକ ଜିତି ୧୫ତମ ସ୍ଥାନରେ ରହିଛି। ଯେଉଁଥିରେ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୫୩ ସ୍ୱର୍ଣ୍ଣ, ୪୬ ରୌପ୍ୟ ଓ ୫୦ କାଂସ୍ୟ ସହ ମୋଟ୍ ୧୪୯ ପଦକ ଜିତି ମହାରାଷ୍ଟ୍ର ତାଲିକାର

## ● ଇଣ୍ଡିଆନ୍ ଓମେନ୍ସ ଲିଗ୍

# ସ୍ପୋର୍ଟ୍ସ ଓଡ଼ିଶାର ୨ୟ ଡ୍ର'

ଭୁବନେଶ୍ୱର, ୩୦।୧ (ସମିସ): କୋଲକାତାରେ ମଙ୍ଗଳବାର ସ୍ପୋର୍ଟ୍ସ ଓଡ଼ିଶା ଓ ଘରୋଇ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚ୍ ଅମୀମାଂସିତ ରହିଛି। ଇଷ୍ଟ ବେଙ୍ଗଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଚଳିତ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶାର ଏହା ୭ମ ମ୍ୟାଚରୁ ୨ୟ ଡ୍ର'। ସ୍ପୋର୍ଟ୍ସ ଓଡ଼ିଶା ଏହାର ପ୍ରଥମ ୫ଟି ମ୍ୟାଚରେ ପରାଜୟବରଣ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ୭ ଦଳୀୟ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶା ୨ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଛି। ଅପରପକ୍ଷରେ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ମହିଳା ଫୁଟ୍‌ବଲ୍ ଦଳ ଓଡ଼ିଶା ଏଫ୍‌ସି ୬ ମ୍ୟାଚ ଖେଳି ୫ ବିଜୟ ଓ ଗୋଟିଏ ଡ୍ର' ସହ ୧୬ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ଫେବ୍ରୁଆରୀ ୪ରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।



## ● ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍ ମାରାଥନ୍

# ବହୁସଂଖ୍ୟାରେ ଭାଗ ନେବାକୁ ଭଜିଙ୍କ ଆହ୍ୱାନ

ଭୁବନେଶ୍ୱର,୩୦।୧ (ସମିସ): ଟାଟା ଷ୍ଟିଲ ଆନୁକୂଲ୍ୟରେ ଫେବ୍ରୁଆରୀ ୪ରେ ମେରାମଣ୍ଡଳୀଠାରେ ଆୟୋଜିତ ହେବ ହାଫ୍ ମାରାଥନ୍। ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟନେଇ ଏହି ମାରାଥନ ଆୟୋଜନ କରାଯାଉଛି। ଢ଼େଙ୍କାନାଳ ଜିଲ୍ଲା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟରେ ଥିବା ବନ୍ୟଜନ୍ତୁ ଓ ଅନ୍ୟମାନଙ୍କୁ ସୁରକ୍ଷା ଦେବା ସକାଶେ ସଚେତନ କରାଇବାକୁ ଏହି ମାରାଥନରେ ବହୁସଂଖ୍ୟାରେ ଯୋଗଦେଇ ଏହାକୁ ସଫଳ କରାଇବାକୁ ପୂର୍ବତନ ଭାରତୀୟ କ୍ରିକେଟର ତଥା ରାଜ୍ୟସଭା ସଦସ୍ୟ ହରଭଜନ ସିଂ ଆବେଦନ କରିଛନ୍ତି। ଏହି ମାରାଥନ ୩ଟି କାଟେଗୋରୀରେ ଆୟୋଜିତ ହେବ। ଏହା ମଧ୍ୟରୁ ୨୧ କିମି, ୧୦ କିମି ଓ ୫ କିମିରେ ମାରାଥନ ଅନୁଷ୍ଠିତ ହେବ। ଏହା ସଫଳ ହେଲେ ବନ୍ୟପ୍ରାଣୀ ସୁରକ୍ଷିତ ହେବେ ବୋଲି ଭଜି କହିଛନ୍ତି। ଏପରି ଏକ ସଚେତନତା କାମ ଲାଗି ଆଗେଇଆସିଥିବାରୁ ଆୟୋଜକ ଟାଟା ଷ୍ଟିଲ ଓ ଜିଲ୍ଲା ପ୍ରଶାସନକୁ ଭଜି ଧନ୍ୟବାଦ ଜଣାଇଛନ୍ତି।

# ୪ ୱିକେଟରେ ଜିତିଲା ରାଜସ୍ଥାନ

କଟକ, ୩୦।୧(ସମିସ): ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶାକୁ ୪ ୱିକେଟରେ ରାଜସ୍ଥାନ ପରାସ୍ତ କରିଛି। ମୁମ୍ବଇର ଶରଦ ପାୱାର କ୍ରିକେଟ ଏକାଡେମୀରେ ଅନୁଷ୍ଠିତ ଉକ୍ତ ମ୍ୟାଚରେ ରାଜସ୍ଥାନ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୫୦ ଓଭରରେ ଦଳ ୯ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଲିପ୍ସା ବିଶ୍ୱାଳ ଅପରାଜିତ ୫୭ ରନର ଉପଯୋଗୀ ପାଳି ଖେଳିଥିଲେ। ରାଜସ୍ଥାନ ପକ୍ଷରୁ ଏ.ଏସ୍.ପି ମାହେଶ୍ୱରୀ ସର୍ବାଧିକ ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ଦୀକ୍ଷା ସାଇନିଙ୍କ ୬୫ ରନ ବଳରେ ରାଜସ୍ଥାନ ୬ ୱିକେଟ ହରାଇ ୪୮ ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଶା ପକ୍ଷରୁ ତରଣା ପ୍ରଧାନ ଓ ସୂର୍ଯ୍ୟସ୍ନାତା ସ୍ୱାଇଁ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

## ବଚନ-ଭୀମସେନ ମେମୋରିଆଲ ଫୁଟ୍‌ବଲ

# ଝାରସୁଗୁଡ଼ାକୁ ହରାଇ ସେମିରେ ବଲାଙ୍ଗିର

ସମ୍ବଲପୁର, ୩୦।୧(ସମିସ): ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଜିଲ୍ଲା ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶା ଆନ୍ତଃ ଜିଲ୍ଲା ବିଜୟ ବାହାଦୁର ସିଂ (ବଚନ) ଓ ଭୀମସେନ ଛତର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗିର ସେମିରେ ପହଞ୍ଚିଛି। ମଙ୍ଗଳବାର ଖେଳରେ ଝାରସୁଗୁଡ଼ା ଜିଲ୍ଲା ଓ ବଲାଙ୍ଗିର ଜିଲ୍ଲା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲ ଦେବା ଫଳରେ ଫଳାଫଳ ଅମୀମାଂସିତ ରହିଥିଲା। ଝାରସୁଗୁଡ଼ାର କାହ୍ନା ଭୋଇ ଓ ପ୍ରତାପ କିସାନ ଏବଂ ବଲାଙ୍ଗିର ପକ୍ଷରୁ ବ୍ରଜ ନାୟକ ଓ ଭୁପତି ଡିଲ୍ଲା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଶେଷରେ ଟାଇବ୍ରେକର ସହଯୋଗ ନିଆଯାଇଥିଲା। ଏଥିରେ ବଲାଙ୍ଗିର ୪-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ଏହି ମ୍ୟାଚରେ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝାରସୁଗୁଡ଼ା ଜିଲ୍ଲାର ୧୦ ନମ୍ବର ଖେଳାଳି ପ୍ରତାପ କିସାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ରେଫରୀ ସୁବ୍ରତ ପୁରୋହିତ, ପଞ୍ଚାନନ ପାତ୍ର, ମଥୁରା ଓରାମ, ଅରୁଣ ଭୋଇ ଖେଳ ପରିଚାଳନା କରିଥିଲେ।




# କ୍ରୀଡ଼ାବିତ୍‌ଙ୍କ ପୁରସ୍କାର ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ

ଭୁବନେଶ୍ୱର,୩୦।୧ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତା ପାଇଥିବା କ୍ରୀଡ଼ାବିତ୍ (ସମସ୍ତ) ଓ ପ୍ରଶିକ୍ଷକଙ୍କୁ ଦିଆଯାଉଥିବା ପୁରସ୍କାର ବା ପ୍ରୋତ୍ସାହନ ରାଶି ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ କରାଯାଇଛି। ଏହି ନିର୍ଦ୍ଦେଶାବଳୀ ସମସ୍ତ ସକ୍ଷମ ଓ ଭିନ୍ନକ୍ଷମଙ୍କ ଲାଗି ଲାଗୁହେବ। ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଜଣେ ଖେଳାଳି ତାଙ୍କ ଜୀବନକାଳ ମଧ୍ୟରେ ସର୍ବାଧିକ ୯ କୋଟି ଟଙ୍କା ପୁରସ୍କାର ସରକାରଙ୍କଠାରୁ ପାଇବେ। ଏହାଠାରୁ ଅଧିକ ପୁରସ୍କାର ମିଳିବ ନାହିଁ।

ଏହି ନିର୍ଦ୍ଦେଶାବଳୀରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଜଣେ ଖେଳାଳି ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଲେ ମଧ୍ୟ ଗୋଟିଏ ପଦକ ଲାଗି ପୁରସ୍କାର ଦିଆଯିବ। କୌଣସି ଇଭେଣ୍ଟରେ ସ୍ୱର୍ଣ୍ଣ, ରୌପ୍ୟ କିମ୍ବା କାଂସ୍ୟ ପଦକ ଜିତିଲେ , ଏହା ମଧ୍ୟରେ ଶ୍ରେଷ୍ଠ ସଫଳତା ଅର୍ଥାତ୍ ସ୍ୱର୍ଣ୍ଣ ପଦକ ଲାଗି ସରକାର ପୁରସ୍କୃତ କରିବେ। ସେହିପରି ବିଭିନ୍ନ ପୋଜିସନ ଲାଗି ମଧ୍ୟ ସମାନ ବ୍ୟବସ୍ଥା କରାଯାଇଛି। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଥିବା ପ୍ରତିଯୋଗୀମାନଙ୍କୁ କେବଳ ଥରେ ବା ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କାର ଦିଆଯିବ।

ଆଉ ଏକ ମୁଖ୍ୟ ସଂଶୋଧନ ହେଲା, ଯେଉଁ ଖେଳାଳି ପ୍ରଥମବର୍ଷ ପୁରସ୍କାର ପାଇଥିବେ, ସେହି ଖେଳାଳି ସମାନ ଇଭେଣ୍ଟରେ ପରବର୍ଷ ଅଧିକ ସଫଳତା ପାଇଲେ ତାଙ୍କୁ ପୁରସ୍କାର ରାଶି ଦିଆଯିବ। ନଚେତ ପୁରସ୍କାର ମିଳିବ ନାହିଁ। ପୁରସ୍କାର ପ୍ରଦାନ ଲାଗି ଖେଳାଳି କିମ୍ବା ପ୍ରଶିକ୍ଷକଙ୍କ ନାମ ବିଚାରକୁ ନିଆଗଲା ବେଳେ ଶ୍ରେଷ୍ଠ ପ୍ରଦର୍ଶନକୁ ସର୍ବଦା ଆଧାର କରି ପୁରସ୍କାର ଦିଆଯିବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶାବଳୀରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି।

## ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍

# ଜିଏମ୍ ଜୟସନଙ୍କୁ ହରାଇଲେ ପ୍ରିଅଂଶ

ଭୁବନେଶ୍ୱର, ୩୦। ୧ (ସମିସ): ଏଠାରେ ଚାଲିଥିବା ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବର ତୃତୀୟ ଦିନରେ ସିଡେଡ ଖେଳାଳିଙ୍କ ବିପର୍ଯ୍ୟୟର ଧାରା ଅବ୍ୟାହତ କରହିଛି। ମଙ୍ଗଳବାର ଖେଳାଯାଇଥିବା ତୁର୍ଥ ରାଉଣ୍ଡରେ ଓଡ଼ିଆ ଖେଳାଳି ପ୍ରିଅଂଶ ଦାସ ଫିଲିପାଇନ୍ସ ଗ୍ରାଣ୍ଡମାଷ୍ଟର ଗୋଞ୍ଜାଲେସ୍ ଜୟସନଙ୍କୁ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ତୃତୀୟ ରାଉଣ୍ଡରେ ଓଡ଼ିଆ ଖେଳାଳି ତଥା ୬୮ତମ ସିଡ୍ ନୀଳସୁ ପଟ୍ଟନାୟକ (ରେଟିଂ-୧୯୮୭) ତାଙ୍କଠାରୁ ୨୦୦ରୁ ଅଧିକ ରେଟିଂ ଥିବା ଖେଳାଳି ତଥା ୨୪୧୫ ରେଟିଂ ଥିବା ଖେଳାଳି ଆଦିରେଡ୍ଡୀ ଅର୍ଜୁନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ବିପର୍ଯ୍ୟୟ ସୃଷ୍ଟି କରିଥିବା ଦୁଇ ଭାରତୀୟ ଖେଳାଳି ଆକାଶ ଦାଲଭି ଭିଏତନାମ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ୍ ଭାନ ହୁଏ'ଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ଅନ୍ୟତମ ବିପର୍ଯ୍ୟୟ ସୃଷ୍ଟିକାରୀ ନିତିନ ବାବୁ ତୃତୀୟ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷଙ୍କଠାରୁ ହାରିଯାଇଛନ୍ତି। ସେହିପରି ପୂର୍ବଦିନ ପରାଜିତ ହୋଇଥିବା ଦୁଇ ବିଦେଶୀ ଗ୍ରାଣ୍ଡମାଷ୍ଟର ବୋରିସ ସେଭାଚେଙ୍କୋ ଓ ଆଲେକ୍ସେଇ ଫେଡେରୋଭ୍ ତୃତୀୟ ରାଉଣ୍ଡ ମୁକାବିଲା ଡ୍ର ରଖିଛନ୍ତି।

ଟପ୍ ବୋର୍ଡରେ ସିଏମ ସୋହମ କାମୋତ୍ରା ଗ୍ରାଣ୍ଡମାଷ୍ଟର ଫୱଜି ଆଧମଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ଦ୍ୱିତୀୟ ବୋର୍ଡରେ ଆଇଏମ୍ ଆରାଶ ତାହବଜ ଜିଏମ୍ ଆର୍ଯାର ଲକ୍ଷ୍ମଣଙ୍କୁ ହରାଇଦେଇଛନ୍ତି। ୬ଷ୍ଠ ବୋର୍ଡରେ ୨୦୨୮ ରେଟିଂପ୍ରାପ୍ତ ଅଦ୍ୱୈତ ଭେମୁଲା ଭିଗ୍ନେଶ (ରେଟିଂ-୨୦୨୮) ତାଙ୍କଠାରୁ ଅଧିକ ରେଟିଂପ୍ରାପ୍ତ ଆଇଏମ୍ ମନୀଷ ଆଣ୍ଟୋକ୍ରିଷ୍ଟିଆନ (ରେଟିଂ-୨୩୪୯)ଙ୍କୁ ପରାସ୍ତ କରିଛନ୍ତି।




ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ତୃତୀୟ ବୋର୍ଡରେ ଖେଳୁଥିବା ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ-୨୪୦୪) ତାଙ୍କଠାରୁ କମ୍ ମାନ୍ୟତାପ୍ରାପ୍ତ ଖେଳାଳି ତଥା ଫିଡେ ମାଷ୍ଟର କ୍ରିଷ୍ଣା ଗୌତମ (ରେଟିଂ-୨୨୮୮)ଙ୍କ ଠାରୁ ପରାଜିତ ହୋଇଛନ୍ତି। ୯ମ ବୋର୍ଡରେ ଖେଳୁଥିବା ସିଦ୍ଧାନ୍ତ ମହାପାତ୍ର ଜିଏମ୍ ସପ୍ତର୍ଷି ରୟ ଚୌଧୁରୀଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି। ଦ୍ୱାଦଶ ବୋର୍ଡରେ ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା (ରେଟିଂ-୨୧୧୩) ଆଇଏମ ପରବ ରିତଭିଜ୍ (ରେଟିଂ-୨୩୯୧)ଙ୍କ ସହ ମ୍ୟାଚ୍ ଡ୍ର ରଖିଛନ୍ତି।

ଚତୁର୍ଥ ରାଉଣ୍ଡରେ ସମ୍ବିତ ପଣ୍ଡା ବିଜୟୀ ହୋଇଥିଲାବେଳେ ଅଧିକାଂଶ ଟପ୍ ସିଡ ମ୍ୟାଚ୍ ଡ୍ର ରଖିଛନ୍ତି। ଚତୁର୍ଥ ରାଉଣ୍ଡର ପ୍ରଥମ ୪ଟି ବୋର୍ଡର ଖେଳ ଅମିମାଂସିତ ରହିଛି। ଏହି ରାଉଣ୍ଡ ଶେଷରେ ୭ଜଣ ଭାରତୀୟ ଖେଳାଳି ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ଓଡ଼ିଶାର ସମ୍ବିତ ପଣ୍ଡା ଓ ପ୍ରିଅଂଶ ଦାସଙ୍କ ସମେତ ୧୨ ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ

### ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ମୁସୀରଙ୍କ ଦ୍ୱିତୀୟ ଶତକ

# ନ୍ୟୁଜିଲାଣ୍ଡକୁ ୨୧୪ ରନରେ ହରାଇଲା ଭାରତ

ବ୍ଲୋମଫେଣ୍ଟେନ୍, ୩୦।୧(ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପରେ ଭାରତ ସୁପର-୬ ପର୍ଯ୍ୟାୟରେ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମାନଗାଉଙ୍ଗ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ମୁକାବିଲାରେ ଭାରତ ୨୧୪ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୫୦ ଓଭରରେ ୮ ୱିକେଟ ହରାଇ ୨୯୫ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନପାରି ୨୮.୧ ଓଭରରେ ମାତ୍ର ୮୧ ରନରେ ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ମୂଲ୍ୟବାନ ଦୁଇ ୱିକେଟ ନେବା ସହ ୧୨୬ ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୩ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳିଥିବା ମୁସିର ଖାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମୁସିର ଏଥିସହ ଟୁର୍ଣ୍ଣାମେଣ୍ଟରେ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଆମେରିକା ବିପକ୍ଷ ଗ୍ରୁପ୍ ମୁକାବିଲାରେ ସେ ୭୬ ରନର ଉପଯୋଗୀ ପାଳି ଖେଳିଥିଲେ। ସେହିପରି ଅୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ୧୦୬ ବଲର ସମ୍ମୁଖୀନ ହୋଇ ୧୧୮ ରନର ଶତକୀୟ ପାଳି ଖେଳିଥିଲେ। ଭାରତ ୨ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନେପାଳକୁ ଭେଟିବ। ୬ ପଏଣ୍ଟ ହାସଲ କରି ଭାରତ ଏବେ ସୁପର-୬ ଗ୍ରୁପ୍-୧ରେ ଶୀର୍ଷରେ ରହିଛି। ପୂର୍ବରୁ ଭାରତ ଗ୍ରୁପ୍ ପର୍ଯ୍ୟାରେ ବାଂଲାଦେଶ, ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସୁପର-୬ ଚାଲୁ ରହିବ।



#### ସୌମ୍ୟଙ୍କୁ ୪ ୱିକେଟ, ଆଦର୍ଶଙ୍କ ଅର୍ଦ୍ଧଶତକ

ନ୍ୟୁଜିଲାଣ୍ଡ ତରଫରୁ ଅଧିନାୟକ ଓସ୍କାର ଜ୍ୟାକ୍‌ସନ ୧୯, ଜ୍ୟାକ କମିଙ୍ଗ ୧୬, ଆଲେକ୍ସ ଥମ୍ପସନ ୧୨ ଓ ଜେମ୍ସ ନେଲସନ ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଭାରତ ପାଇଁ ସୌମ୍ୟ ପାଣ୍ଡେ ୪, ରାଜ ଲିମ୍ବାନୀ ଓ ମୁସିର ଖାନ୍ ୨ଟି ଲେଖାଏ, ନମନ ତିୱାରୀ ଓ ଅର୍ଶିନୀ କୁଲକର୍ଣ୍ଣୀ ଗୋଟିଏ କରି ୱିକେଟ ଅକ୍ତିଆର କରିଥିଲେ। ସୌମ୍ୟ ଏଥିସହ ଟୁର୍ଣ୍ଣାମେଣ୍ଟରେ ୧୨ ୱିକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ମୁସିରଙ୍କ ଶତକକୁ ବାଦ୍ ଦେଲେ ଓପନର ଆଦର୍ଶ ସିଂ ୫୨, ଅଧିନାୟକ ଉଦୟ ସରନ ୩୪, ଆରାଭେଲି ଅବିନାଶ ୧୭, ସଚିନ ଧାସ୍ ୧୫, ପ୍ରିୟାଂଶୁ ମୋଲିଆ ୧୦ ରନ ସଂଗ୍ରହ କରିଥିଲେ। ଆଦର୍ଶ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ମୁସିରଙ୍କ ସହ ସେ ଦ୍ୱିତୀୟ ୱିକେଟରେ ୭୭ ବଲରୁ ୭୭ ରନ ସଂଗ୍ରହ କରିଥିଲେ। ମୁସିର ମଧ୍ୟ ସରନଙ୍କ ସହ ତୃତୀୟ ୱିକେଟରେ ୧୧୩ ବଲରୁ ୮୭ ରନର ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡର ମାସନ କ୍ଲାର୍କ ସର୍ବାଧିକ ୪ ୱିକେଟ ନେଇଥିଲେ। ନ୍ୟୁଜିଲାଣ୍ଡର ୭ ଖେଳାଳି ବୋଲିଂ କରିଥିଲେ।

## ବିମାନରେ ଅସୁସ୍ଥ ହେଲେ ମୟଙ୍କ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲ ବିମାନରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଅଗରତାଲାରୁ ଦଳ ସହ ସୁରଟ ଯିବା ବାଟରେ ବିମାନରେ ହିଁ ତାଙ୍କୁ ମୁହଁ ଓ ଗଳାରେ ପୋଡିବା ଭଳି ଲାଗିଥିଲା। ତାଙ୍କର ବାରମ୍ବାର ବାନ୍ତି ହୋଇଥିଲା। ଫଳରେ ତୁରନ୍ତ ତାଙ୍କୁ ଅଗରତାଲାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ଏବେ ସେ ବିପଦମୁକ୍ତ ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ଚଳିତ ରଣଜୀ ଟ୍ରଫିରେ ୩୨ ବର୍ଷୀୟ ମୟଙ୍କ କର୍ଣ୍ଣାଟକ ଦଳର ନେତୃତ୍ୱ ନେଉଛନ୍ତି। ବୋତଲରେ ବନ୍ଦ ଥିବା ପାଣି ପିଇବା ଫଳରେ ତାଙ୍କର ଏପରି ଅବସ୍ଥା ହୋଇଛି ବୋଲି କୁହାଯାଉଛି। ଅସୁସ୍ଥ ହେବା ପରେ ସେ ଓ ଟିମ୍ ମ୍ୟାନେଜର ରମେଶ ମଧ୍ୟ ବିମାନରୁ ଓହ୍ଲାଇ ଯାଇଥିଲେ। ଆସନ୍ତା ୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ରେଳବାଇ ବିପକ୍ଷ ରଣଜୀ ମ୍ୟାଚ୍ ସେ ଖେଳିବେ ନାହିଁ ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ସେ ୪୬୦ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଶତକ ସାମିଲ ରହିଛି। ଭାରତ ପାଇଁ ସେ ଏପର୍ଯ୍ୟନ୍ତ ୨୧ଟି ଟେଷ୍ଟ ଖେଳିଛନ୍ତି ଓ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଆଇପିଏଲ୍ ଖେଳୁଛନ୍ତି।



### ଏସିସି ଅଧ୍ୟକ୍ଷ ପଦ ଛାଡ଼ି ପାରନ୍ତି ଜୟ ଶାହ

## ଆଇସିସି ଅଧ୍ୟକ୍ଷ ପଦ ଲାଗି ଲଢ଼ିବେ ନିର୍ବାଚନ

ନୂଆଦିଲ୍ଲୀ, ୩୦।୧(ଏଜେନ୍ସି): ଜୟ ଶାହ ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ଅଧ୍ୟକ୍ଷ ପଦ ଛାଡି ପାରନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଶାହା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢିବେ। ତେଣୁ ସେ ଏସିସି ପଦ ଛାଡିବାର ଯଥେଷ୍ଟ ସମ୍ଭାବାନ ରହିଛି। ମଙ୍ଗଳବାରଠାରୁ ଇଣ୍ଡୋନେସିଆର ବାଲିରେ ଏସିସିର ବାର୍ଷିକ ସାଧରଣ ବୈଠକ ଅନୁଷ୍ଠିତ ହେବ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିର୍ବାଚନ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଏସିସିର ପ୍ରସାରଣ ଅଧିକାର ନେଇ ନିଷ୍ପତ୍ତି ନିଆଯିବ। ନଭେମ୍ବରରେ ଆଇସିସି ଅଧ୍ୟକ୍ଷ ପାଇଁ ନିର୍ବାଚନ ହେବ। ଅନ୍ୟପଟେ ପ୍ରତି ଦୁଇବର୍ଷରେ ଥରେ ଏସିସି ଅଧ୍ୟକ୍ଷ ପାଇଁ ନିର୍ବାଚନ କରାଯାଇଥାଏ। ଜୟ ଏସିସି ଅଧ୍ୟକ୍ଷ ଭାବେ ଗୋଟିଏ ବର୍ଷ କାର୍ଯ୍ୟ କରିସାରିଛନ୍ତି। ଆସନ୍ତା ନିର୍ବାଚନ ପୂର୍ବରୁ ସେ ପଦ ଛାଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଏସିସି ବୈଠକରେ ମଧ୍ୟ ଶାହା ଆଇସିସି ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିବେ କି ନା ସେ ନେଇ ସ୍ଥିର କରାଯିବ। ଏସିସିର ମିଡିଆ ରାଇଟ୍ସ ଏବେ ଷ୍ଟାର ସ୍ପୋର୍ଟ୍ସ ପାଖରେ ରହିଛି। ଏଥିସହ ଆଗାମୀ ଏସିଆ କପ୍‌ର ଭେନ୍ୟୁ ନେଇ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ନିଆଯିବ।





ଫେବ୍ରୁଆରୀ ୩ରୁ ଆରମ୍ଭ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଲାଗି କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ମହିଳା ହକି ଦଳର ପ୍ରସ୍ତୁତି।

● ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

## ସ୍ନେହାଙ୍କୁ ସ୍ୱର୍ଣ୍ଣ; ଅପରାଜିତା-ସନ୍ଧ୍ୟାଙ୍କୁ କାଂସ୍ୟ



ସ୍ନେହା ସୋରେନ



ସନ୍ଧ୍ୟାରାଣୀ ନାୟକ

ଭୁବନେଶ୍ୱର, ୩୦।୧ (ସମିସ): ଚଣ୍ଡିଗଡ଼ରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ (ପୁରୁଷ) ଏବଂ ଉତ୍ତର-ପୂର୍ବ ଜୋନାଲ (ମହିଳା) ଭାରୋତ୍ତୋଳନରେ ମଙ୍ଗଳବାର ଓଡ଼ିଶାକୁ ୩ଟି ପଦକ ସଫଳତା ମିଳିଛି। ୫୫ କିଗ୍ରା ଓଜନବର୍ଗରେ ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଅପରାଜିତା ଭୂୟାଁ ଓ ସନ୍ଧ୍ୟାରାଣୀ ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ୩ଜଣ ଭାରୋତ୍ତୋଳିକା ବର୍ତ୍ତମାନ ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଜାନୁଆରୀ ୩୧ରେ ଉଦ୍‌ଯାପିତ ହେବ।

## ବୋପନ୍ନା; ବୟୋଜ୍ୟେଷ୍ଠ ଶୀର୍ଷ ମାନ୍ୟତା ଖେଳାଳି

ଲଣ୍ଡନ, ୩୦।୧ (ଏଜେନ୍ସି): ଭାରତୀୟ ଟେନିସ ତାରକା ରୋହନ ବୋପନ୍ନା କ୍ୟାରିୟର ଶ୍ରେଷ୍ଠ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଏଟିପି ପକ୍ଷରୁ ସଦ୍ୟ ପ୍ରକାଶିତ ପୁରୁଷ ଯୁଗଳ ମାନ୍ୟତାରେ ବୋପନ୍ନା ଶୀର୍ଷ ସ୍ଥାନରେ ରହିଛନ୍ତି। ୪୩ ବର୍ଷ ଓ ୩୩୧ ଦିନରେ ଏକ ନମ୍ବର ସ୍ଥାନ ହାସଲ କରି ବୋପନ୍ନା ପୁରୁଷ ଟେନିସରେ ଶୀର୍ଷ ମାନ୍ୟତା ପାଇବାରେ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ସେହିଭଳି ଲିଆଣ୍ଡର ପେସ୍, ମହେଶ ଭୂପତି ଓ ସାନିଆ ମିର୍ଜାଙ୍କ ପରେ ଟେନିସ ର୍‍ୟାଙ୍କିଙ୍ଗର ନମ୍ବର-୧ ସ୍ଥାନରେ ରହିବାରେ ସେ ୪ର୍ଥ ଭାରତୀୟ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି।

ଗତ ରବିବାର ବୋପନ୍ନା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଥିଲେ। ସେ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଖେଳିଥିଲେ। ଏବଡେନ ବର୍ତ୍ତମାନ ପୁରୁଷ ଯୁଗଳ ମାନ୍ୟତାରେ ବିଶ୍ୱର ୨ୟ ସ୍ଥାନରେ ରହିଛନ୍ତି। ଏଥିସହ ବୋପନ୍ନା ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ଆଶା ମଧ୍ୟ ଉଜ୍ଜିବୀତ ହୋଇଛି। ଆଗାମୀ ଜୁନ ଶେଷ ସୁଦ୍ଧା ଯେଉଁ ଖେଳାଳି ମାନ୍ୟତାର ଟପ୍-୧୦ରେ ରହିଥିବ ସେ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏଥିସହ ନିଜ ଦେଶର ଟପ୍-୩୦୦ ମାନ୍ୟତା ମଧ୍ୟରେ ରହିଥିବା ଜଣେ ଖେଳାଳିଙ୍କୁ ସାଥୀ କରି ଅଲିମ୍ପିକ୍ସରେ ଭାଗନେବ।



## ଦୀପ୍ତିଙ୍କୁ ଡିସିପି ଚାକିରି ସହ ୩ କୋଟି ଟଙ୍କା ପୁରସ୍କାର



ଲକ୍ଷ୍ନୌ, ୩୦।୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ଉତ୍ତର ପ୍ରଦେଶ ସରକାର ସମ୍ମାନିତ କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୩ କୋଟି ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ଉତ୍ତର ପ୍ରଦେଶ ପୋଲିସରେ ୨୬ ବର୍ଷୀୟା ଦୀପ୍ତିଙ୍କୁ ଡେପୁଟୀ ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିସିପି) ଭଳି ଉଚ୍ଚ ପଦରେ ଚାକିରି ଦେଇଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ପ୍ରମୁଖ ଉପସ୍ଥିତ ରହିଥିଲେ।

ଭାରତୀୟ ମହିଳା କ୍ରିକେଟ୍ ଦଳରୁ ପ୍ରତିନିଧିତ୍ୱ କରୁଥିବା ଦୀପ୍ତି ଗତ କିଛି ବର୍ଷ ଧରି ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଛନ୍ତି। ଗତବର୍ଷ ଚୀନର ହାଙ୍ଗଝୋଉରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଦୀପ୍ତିଙ୍କ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଥିଲା। ଦୀପ୍ତି ଭାରତ ପକ୍ଷରୁ ୪ ଟେଷ୍ଟ, ୮୬ ଏକଦିବସୀୟ ଓ ୧୦୪ ଟି-୨୦ ମ୍ୟାଚ୍ ଖେଳି ସର୍ବମୋଟ୍ ୩ ହଜାରରୁ ଊର୍ଦ୍ଧ୍ୱ ରନ ସହ ୨୨୯ ୱିକେଟ୍ ନେଇଛନ୍ତି।

● ଏଫ୍‌ଆଇଏଚ୍ ୫-ଏ ସାଇଡ୍ ବିଶ୍ୱକପ୍

## କେନିଆକୁ ହରାଇଲା ଭାରତ

ମସ୍କଟ,୩୦।୧(ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପୁରୁଷ ୫-ଏ ସାଇଡ୍ ହକି ବିଶ୍ୱକପ୍‌ରେ ଭାରତ ୫ମ-୮ମ ସ୍ଥାନ କ୍ଲାସିଫିକେସନ ମ୍ୟାଚ୍‌ରେ ମଙ୍ଗଳବାର କେନିଆକୁ ୯-୪ ଗୋଟରେ ପରାସ୍ତ କରିଛି। ଭାରତ ପାଇଁ ଉତ୍ତମ ସିଂ ୫ମ, ୨୫ ଓ ୨୬ତମ ମିନିଟ୍‌ରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେହିପରି ମହମ୍ମଦ ରାହିଲ ୧୭ ଓ ୨୫ତମ, ମନଜିତ ଷଷ୍ଠ, ପବନ ରାଜଭର ୧୦ମ, ମନଦୀପ ମୋର ୧୫ତମ ଓ ଗୁରଜୋତ ସିଂ ୨୮ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ କେନିଆ ପାଇଁ ମୋସେସ୍ ଆଡେମ୍ବା ୧୨, ୧୪, ୨୭ତମ ମିନିଟରେ ଓ ଅଧିନାୟକ ଇଭାନ ଲୁଡିଆଲି ୨୪ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ପୂର୍ବରୁ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡଠାରୁ ୭-୪ ଗୋଲ୍‌ରେ ପରାଜିତ ହୋଇଥିଲା।

### ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା

## ଘରୋଇ ପରିବେଶର ଫାଇଦା ନେବ ଓଡ଼ିଶା

କଟକ, ୩୦।୧(ସମିସ): ହିମାଚଳ ପ୍ରଦେଶକୁ ୨୩୮ ରନରେ ପରାସ୍ତ କରି ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲ ଆଶାକୁ ଅଧିକ ମଜବୁତ କରିଛି। ମଧ୍ୟପ୍ରଦେଶ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ମଧ୍ୟ ଚଳିତ ଥର ଓଡ଼ିଶା ଇନିଂସ ଅଗ୍ରଣୀ ପଏଣ୍ଟ ହାତେଇଛି। ଦଳ ୯ ପଏଣ୍ଟ ପାଇଁ ଏଲିଟ ଗ୍ରୁପ-ସି'ର ୫ମ ସ୍ଥାନରେ ରହିଥିବା ବେଳେ ଟେବଲ୍‌ର ଶୀର୍ଷ ଦୁଇ ସ୍ଥାନକୁ ଉନ୍ନୀତ ହେବା ଦଳର ମୁଖ୍ୟ ଲକ୍ଷ୍ୟ। ୪ଟି ମ୍ୟାଚ୍ ଶେଷ ହୋଇଛି। ଲିଗ ପର୍ଯ୍ୟାୟରେ ଆଉ ୩ଟି ମ୍ୟାଚ୍ ବାକି। ତେବେ ଏହା ଭିତରୁ ଓଡ଼ିଶା ଘରୋଇ ପରିବେଶ ତଥା ବାରବାଟୀ ଷ୍ଟାଡିୟମରେ ପରବର୍ତ୍ତୀ ଦୁଇଟି ଯାକ ମ୍ୟାଚ୍ ଖେଳିବ। ଘରୋଇ ଗ୍ରାଉଣ୍ଡରୁ ଫାଇଦା ଉଠାଇ ଏଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ନିମନ୍ତେ ଓଡ଼ିଶା ନିକଟରେ ଯଥେଷ୍ଟ ସମ୍ଭାବନା ରହିଛି। ପ୍ରକାଶଥାଉକି, ୨୦୧୯-୨୦ ସଂସ୍କରଣରେ ଓଡ଼ିଶା ଅନ୍ତିମ ଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ଆସନ୍ତା ୨ ତାରିଖରୁ ବାରବାଟୀ ଷ୍ଟାଡିୟମରେ ପଣ୍ଡିଚେରୀ ବିପକ୍ଷ ମ୍ୟାଚ୍ ଆରମ୍ଭ ହେବ। ଉକ୍ତ ମ୍ୟାଚ୍ ନିମନ୍ତେ ବାରବାଟୀରେ ପ୍ରସ୍ତୁତ ପିଚ୍ ଉଭୟ ବ୍ୟାଟିଂ ଓ ବୋଲିଂ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ କୁହାଯାଇଛି। ଗତ ଦୁଇଟି ମ୍ୟାଚ୍ ମଧ୍ୟ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଖେଳିଥିଲା। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଜମ୍ମୁ ଓ କାଶ୍ମୀର ଠାରୁ ସଂଘର୍ଷ କରି ପରାସ୍ତ ହୋଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ହିମାଚଳପ୍ରଦେଶକୁ ଶୋଚନୀୟ ଭାବେ ହରାଇଥିଲା। ପୁଡୁଚେରୀକୁ ପରାସ୍ତ କଲେ ଦଳ ସିଧାସଳଖ ୩ୟ ସ୍ଥାନକୁ ଉନ୍ନୀତ ହୋଇପାରେ। ଉତ୍ତରାଖଣ୍ଡ ଓ ଦିଲ୍ଲୀକୁ ହରାଇ ପୁଡୁଚେରୀ କଟକରେ ପହଞ୍ଚିଛି। ଏଣୁ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଆଗାମୀ ମ୍ୟାଚ୍ ରୋମାଞ୍ଚକ ହେବା ନିଶ୍ଚିତ। ବୁଧବାର ଉଭୟ ଓଡ଼ିଶା ଏବଂ ପଣ୍ଡିଚେରୀ ଦଳ ବାରବାଟୀରେ ଅଭ୍ୟାସ କରିବେ।

### ଡ୍ରିମ୍ସରେ ସନ୍ଦୀପ ଓ ରାଜେଶଙ୍କ ଡ୍ରିମ୍ ପରଫର୍ମାନ୍ସ





ଓଡ଼ିଶାର ଦୁଇ ଯୁବ ତାରକାଙ୍କ ଉପରେ ଏବେ ପ୍ରତିପକ୍ଷ ଦଳର ନଜର। ଏହି ଦୁଇ ଖେଳାଳି ହେଲେ ବ୍ୟାଟିଂରେ ସନ୍ଦୀପ ପଟ୍ଟନାୟକ ଏବଂ ବୋଲିଂରେ ରାଜେଶ ମହାନ୍ତି। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ଗତ ଦୁଇ ମ୍ୟାଚ୍‌ରେ ଏମାନେ ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି। ଡ୍ରିମସରେ ଅନୁଷ୍ଠିତ ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ସଂଘର୍ଷପୂର୍ଣ୍ଣ ଶତକ(୧୦୦ରନ) ହାସଲ କରିଥିଲେ। ଏଠାରେ ଖେଳାଯାଇଥିବା ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓପନିଂ ସୁଯୋଗ ପାଇଥିବା ସନ୍ଦୀପ ପୁଣି ଏକ ଶତକୀୟ ପାଳି(୧୫୦ରନ) ଖେଳି ଦଳ ବିଜୟରେ ଅଗ୍ରଣୀ ଭୂମିକା ତୁଲାଇଥିଲେ। ସେହିପରି ମିଡିୟମ ପେସର ରାଜେଶ ଏଠାରେ ୨ଟି ମ୍ୟାଚ୍‌ରୁ ୧୮ଟି ୱିକେଟ ପାଇଛନ୍ତି। ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌ର ଉଭୟ ପାଳିରେ ତାଙ୍କୁ ୫ଟି ଲେଖାଏ ୱିକେଟ ମିଳିଥିଲା। ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ସେ ପୁଣି ଥରେ ୫ଟି ୱିକେଟ ହାସଲ କରି ଓଡ଼ିଶାକୁ ପ୍ରଥମ ବିଜୟ ସ୍ୱାଦ ଚଖାଇବାରେ ସହଯୋଗ କରିଥିଲେ।



ନନ୍ଦିଘୋଷ ଟିଭି ନିମ୍ନଲିଖିତ ପଦବୀ ପାଇଁ ପ୍ରାର୍ଥୀ ଆବଶ୍ୟକ କରୁଅଛି। ପ୍ରାର୍ଥୀ ୩ ଦିନ ମଧ୍ୟରେ ଆମକୁ ଆବେଦନ କରିପାରିବେ।

୧. ରିପୋର୍ଟର : (ଉଭୟ ଫ୍ରେସର ଏବଂ ଅଭିଜ୍ଞ)
୨. ସ୍କ୍ରଲ୍ କପି ଏଡିଟର : (ଅନ୍ୟୁନ ୩ ବର୍ଷର ଅଭିଜ୍ଞତା)
୩. ବୁଲେଟିନ୍ ପ୍ରୋଡ୍ୟୁସର: (ଅନ୍ୟୁନ ୫ ବର୍ଷର ଅଭିଜ୍ଞତା)

ଆବେଦନ କରିବାର ଠିକଣା:
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନଂ.: ୯୦ ଏବଂ ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍,
ଭୁବନେଶ୍ୱର - ୭୫୧୦୧୯
Mob.: 9437016499
Email : suhana.tabsum@nandighoshatv.com

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର